# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 19/2025 Page 16 | ₹ 7.00 | BALASORE

୫୧ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 323 | ମୂଲ୍ୟ ₹୭/-







# ବନ୍ୟପ୍ରାଣୀ, ପରିବେଶ ଚିନ୍ତାରେ ଜୁଆଙ୍ଗ

**କେନ୍ଦୁଝର,୧୮।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**



ବନ୍ଧରେ ଏକ ଛୁଆହାତୀ ମା' ସହ ଜଳକ୍ରୀଡ଼ା କରୁଛି।

- **ପାହାଡ଼ରେ ବନ୍ଧ ନିର୍ମାଣ ସହ ଗଛ ଲଗାଉଛନ୍ତି**
- **ହାତୀ-ମଣିଷ ସଂଘର୍ଷ ହ୍ରାସ କରିବାକୁ ପ୍ରୟାସ**

କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ହାତୀ ଉପଦ୍ରବ ସବୁଦିନିଆ ଘଟଣାରେ ପରିଣତ ହୋଇଛି। ହାତୀପଲ ଜନବସତିରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଥିଲେ ହେଁ ପ୍ରକୃତ କ୍ଷତିର ଭରଣା ହୋଇପାରୁ ନ ଥିବାରୁ ଅନେକ ସମୟରେ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ସଂଘର୍ଷ ଓ ବନ୍ୟପ୍ରାଣୀ ଯଥା ହାତୀଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ କଂସ ଗ୍ରାମର ଜୁଆଙ୍ଗ ଜନଜାତି ଅଣ୍ଟା ଭିଡ଼ିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ନିଜ ସୁରକ୍ଷା ସହ ପରିବେଶ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଚାରାରୋପଣ, ପାହାଡ଼ରେ ବନ୍ଧ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ କରିଛନ୍ତି। କୋଡ଼ିପଶା ପଞ୍ଚାୟତର ତଳକଂସ ଗ୍ରାମବାସୀଙ୍କ ପ୍ରୟାସରେ ମଣିଷ ଓ ହାତୀ ସହାବସ୍ଥାନର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ତଳକଂସ ଗ୍ରାମ କଂସ ଗାଁର ଅଂଶ ହୋଇଥିଲେ ହେଁ ଏକ ପାହାଡ଼ ଗାଁକୁ ବିଚ୍ଛିନ୍ନ କରିଛି। ପାହାଡ଼ ଓ ଜଙ୍ଗଲ ଘେରା ତଳକଂସରେ ପ୍ରାୟ ୩୧ ଗରିବ ଜୁଆଙ୍ଗ ପରିବାର ରହୁଛନ୍ତି। ଗ୍ରାମବାସୀ କୌଣସି ସରକାରୀ ଯୋଜନାର ଲାଭ ପାଇନାହାନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ☞ପୃଷ୍ଠା-୪

# ଭାରତକୁ ନିର୍ଣ୍ଣାୟକ ଜବାବ ଦେବ ପାକ୍: ମୁନିର

ଆଫଗାନିସ୍ତାନ ସହ ପାକିସ୍ତାନର ସୀମା ସଂଘର୍ଷ ଜାରି ରହିଥିବାବେଳେ ଶନିବାର ପାକ୍ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ପୁଣି ଭାରତ ବିରୋଧୀ ଆଭିମୁଖ୍ୟ ଦୋହରାଇଛନ୍ତି। ଖାଇବରପାଖ୍‌ତୁନଖ୍ୱାସ୍ଥିତ ଅବୋଟ୍ଟାବାଦର କରୁଲରେ ମିଲିଟାରୀ ଏକାଡେମୀକୁ ସମ୍ବୋଧିତ କରି ମୁନିର କହିଛନ୍ତି, ଭାରତୀୟ ସେନାର ଧମକରେ ପାକିସ୍ତାନ ଭୟଭୀତ ହେବନାହିଁ କି ଉପାୟଶୂନ୍ୟ ହୋଇ ବସିଯିବ ନାହିଁ। ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟିକଲେ ପାକିସ୍ତାନ ନିର୍ଣ୍ଣାୟକ ଜବାବ ଦେବ। ଆଣବିକ ଶକ୍ତିସମ୍ପନ୍ନ ପରିବେଶରେ ଯୁଦ୍ଧର କୌଣସି ସ୍ଥାନ ନାହିଁ ବୋଲି ମୁନିର ଭାରତୀୟ ସେନାକୁ ପରାମର୍ଶ ଦେଇଛନ୍ତି। 'ଅପରେଶନ୍ ସିନ୍ଦୂର' ପରଠାରୁ ଉଭୟ ଦେଶର ସେନା ଅଧିକାରୀ ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌସ୍ଥିତ ସରୋଜିନୀନଗରରେ ବ୍ରହ୍ମୋସ୍ ଏରୋସ୍ପେସ୍ ନିର୍ମାଣ ୟୁନିଟ୍‌ରେ ପ୍ରଥମ ବ୍ୟାଚ୍ ଉତ୍ପାଦନ ଆରମ୍ଭ ଅବସରରେ କହିଛନ୍ତି, ପାକିସ୍ତାନର ପ୍ରତି ଇଞ୍ଚ ବ୍ରହ୍ମୋସ୍ ରେଞ୍ଜରେ ରହିଛି। ରାଜନାଥଙ୍କ ଏଭଳି ମନ୍ତବ୍ୟ ପରିପ୍ରେକ୍ଷୀରେ ମୁନିରଙ୍କ ଚେତାବନୀକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।



ଆସିମ ମୁନିର

**ଇସ୍‌ଲାମାବାଦ,୧୮।୧୦(ପି.ଟି.)**

ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟି କଲେ ଏହାର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟେଦ ଆସିମ ମୁନିର ଶନିବାର ନୂଆଦିଲ୍ଲୀକୁ କଡ଼ା ଚେତାବନୀ ଦେଇଛନ୍ତି। ଏକ ପରମାଣୁକୃତ ପରିବେଶରେ ଯୁଦ୍ଧର ସ୍ଥାନ ନାହିଁ ବୋଲି ମୁନିର ଅବୋଟ୍ଟାବାଦସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀ ପରିସରରେ ସେନା କ୍ୟାଡେଟ୍‌ମାନଙ୍କ ପାସିଂ ଆଉଟ୍ ଉତ୍ସବରେ ଯୋଗଦେଇ କହିଛନ୍ତି। ଆମେ କାହାର ବୟାନବାଜିରେ କଦାପି ଡରିବୁ ନାହିଁ କି ବିବଶ ହେବୁନାହିଁ। ଆମେ କୌଣସି ଚିନ୍ତା ନ କରି ସାମାନ୍ୟ ଉତ୍ତେଜନାର ନିର୍ଣ୍ଣାୟକ ଜବାବ ଦେବୁ ବୋଲି ପାକ୍ ସେନା ମୁଖ୍ୟ କହିଛନ୍ତି।

ନିକଟରେ ଭାରତ-ପାକିସ୍ତାନ ସାମରିକ ସଂଘର୍ଷରେ ତାଙ୍କ ଦେଶର ସଶସ୍ତ୍ର ବଳ ସମସ୍ତ ବିପଦକୁ ପଣ୍ଡ କରିବା ସହ ସଂଖ୍ୟା ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ଶତ୍ରୁ ବିରୋଧରେ ବିଜୟ ହାସଲ କରିଥିଲା, ଯାହା ଆମ ସେନାର ଉଲ୍ଲେଖନୀୟ ପେସାଦାରିତା ଏବଂ ପ୍ରଭାବକୁ ପ୍ରଦର୍ଶିତ କରିଥିଲା ବୋଲି ମୁନିର କହିଛନ୍ତି। ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଆରମ୍ଭ କରିବାର ୪ ଦିନ ପରେ ଅସ୍ତ୍ରବିରତି ପାଇଁ ମେ' ୧୦ରେ ☞ପୃଷ୍ଠା-୪

## ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ: ରାଜନାଥ

**ଲକ୍ଷ୍ନୌ,୧୮।୧୦(ପି.ଟି.)**

ପାକିସ୍ତାନ ଅଞ୍ଚଳର ପ୍ରତ୍ୟେକ ଇଞ୍ଚ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲ୍‌ର ଲକ୍ଷ୍ୟଭେଦ ସୀମା ମଧ୍ୟରେ ରହୁଛି। ଅପରେଶନ ସିନ୍ଦୂର ବେଳେ ଯାହା ଘଟିଥିଲା, ତାହା କେବଳ ଏକ ଟ୍ରେଲର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିବା ସହ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ବିଜୟ ଭାରତ ପାଇଁ ଏକ ଅଭ୍ୟାସ ବୋଲି ଉକ୍ତ ଅପରେଶନ ପ୍ରମାଣିତ କରିଥିବା ରାଜନାଥ କହିଛନ୍ତି। ସରୋଜିନୀ ନଗରଠାରେ ବ୍ରହ୍ମୋସ୍ ଏରୋସ୍ପେସ୍ ୟୁନିଟ୍‌ର ପ୍ରଥମ ବ୍ୟାଚ୍ ☞ପୃଷ୍ଠା-୪

# ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ

**ପୁରୀ,୧୮।୧୦**
**(ଅଜିତ୍ କୁମାର ମହାନ୍ତି)**

- **୨୦ରେ ପାଳନ କରିବାକୁ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ନିଷ୍ପତ୍ତି**
- **୨୧ରେ ଦୀପାବଳି ପାଳନ କରନ୍ତୁ: ହରିଶଙ୍କର ମିଶ୍ର**

କିଛି ବର୍ଷ ହେବ ପର୍ବ ପାଳନ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି। ଫଳରେ ଲୋକେ କେଉଁ ପଞ୍ଜିକା ଓ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏପରି ସମସ୍ୟାକୁ ଦୂର କରିବା ନିମନ୍ତେ ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସି ପର୍ବପର୍ବାଣିର ତିଥି ବାରରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ସେଥିରେ ସୁଧାର ଆସିପାରୁ ନାହିଁ। ଗତବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ପର୍ବ ପାଳନ ନେଇ ତିଥି ବାରରେ ଭିନ୍ନତା ଦେଖିବାକୁ ମିଳିଛି। ଚଳିତବର୍ଷ ଦୀପାବଳି, ପୟାଶ୍ରାଦ୍ଧ ପାଳନ ନେଇ ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁ ଲୋକଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ସରକାରୀ ଛୁଟି ମଧ୍ୟ ଏଥିପାଇଁ ପ୍ରଭାବିତ ହୋଇଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି। ଏପରି ଦ୍ୱନ୍ଦ୍ୱ ଦେଖାଯିବା ଫଳରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ମତ ଉପସ୍ଥାପନା କରି କହିଛନ୍ତି, ୨୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟ୍ ପରେ ଅମାବାସ୍ୟା ପ୍ରବେଶ କରୁଛି। ୨୧ ତାରିଖ ସନ୍ଧ୍ୟା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ**

**ଆଜିର ମନ୍ତବ୍ୟ**

"ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରି ଜମ୍ମୁ-କଶ୍ମୀରକୁ ଉପଯୁକ୍ତ ସମୟରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ।

**- ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ୨୦, ୨୧ରେ ଦୀପାବଳି ଛୁଟି

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର)**

ଦୀପାବଳି ଛୁଟି କେଉଁଦିନ ହେବ ତାକୁ ନେଇ ରାଜ୍ୟବ୍ୟାପୀ ଏକ ଦ୍ୱନ୍ଦ୍ୱ ସୃଷ୍ଟିହୋଇଥିଲା। କେତେଜଣ ଏହାକୁ ୨୦ ତାରିଖରେ ପାଳନ ହେବ ବୋଲି କହିଥିବାବେଳେ ପୂର୍ବରୁ ୨୧ରେ ଦୀପାବଳି ବୋଲି ଛୁଟି ନେଇ ଉଲ୍ଲେଖ ରହିଥିଲା। ଏଭଳି ଦ୍ୱନ୍ଦ୍ୱ ଉପରେ ବିଚାରକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି। ଏହିଦିନ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ। ଏହାସହ ଚଳିତ ☞ପୃଷ୍ଠା-୪






# ୩ ନମ୍ବର ହେଲେ ସରିଲା

- ନାମାଙ୍କନ କଲେ ଜୟ, ଘାସିରାମ
- ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିପତ୍ର ଦାଖଲ



ଜୟ ଢୋଲକିଆ



ଘାସିରାମ ମାଝୀ



ସ୍ନେହାଙ୍ଗିନୀ ଛୁରିଆ

**ଭୁବନେଶ୍ୱର, ୧୮।୧୦**
**(ସୁନିତ୍ ମିଶ୍ର)**

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ହିଁ ଏକ ପ୍ରକାର ସ୍ପଷ୍ଟ କରୁଛି। ତେଣୁ ଉପନିର୍ବାଚନରେ ଯଦି ବିଜେଡି ୩ ନମ୍ବର ସ୍ଥାନରେ ରହିଲା ତେବେ କଥା ସରିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ବିଜେଡିର ବହୁ ବରିଷ୍ଠ ନେତା ମଧ୍ୟ ସ୍ୱୀକାର କରିବା ଆରମ୍ଭ କରିଦେଲେଣି।

ବିଜେଡି ନେତା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟଙ୍କୁ ଭାଜପା ପ୍ରାର୍ଥୀ କରିସାରିଛି। ସୂଚନା ମୁତାବକ, ନୂଆପଡ଼ାରେ ରାଜେନ୍ଦ୍ରଙ୍କର ଏକ ସ୍ୱତନ୍ତ୍ର ଏଜେନ୍ସି ରହିଥିଲା। ତାଙ୍କ ଏଜେନ୍ସି ଜରିଆରେ ହିଁ ସେଠାରେ ବିଜେଡି ବାରମ୍ବାର ବିଧାନସଭା ଆସନ ଦଖଲ କରିପାରୁଥିଲା। ରାଜେନ୍ଦ୍ରଙ୍କ ପରିବାର ଭାଜପାକୁ ଯିବାପରେ ବିଜେଡି ବାଧହୋଇ ଅନ୍ୟ ଜିଲ୍ଲାରୁ ଜଣେ ନେତ୍ରୀଙ୍କୁ ସେଠାରେ ଟିକେଟ ଦେବାକୁ ବାଧହୋଇଛି। ସ୍ଥାନୀୟ କୌଣସି ନେତାଙ୍କୁ ଟିକେଟ ଦେଇଥିଲେ, ପରବର୍ତ୍ତୀ ସମୟରେ ଯଦି ସରକାରୀ ☞ପୃଷ୍ଠା-୪


No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା20.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0200/2526







A quality product from
PAN BAHAR
ଶୁଭ ଦୀପାବଳି
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

# ୟୁକ୍ରେନ୍‌କୁ ମିଳି ନ ପାରେ ଆମେରିକୀୟ 'ଟୋମାହକ୍'




**ୱାଶିଂଟନ୍, ୧୮।୧୦**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶୁକ୍ରବାର ୱାଶିଂଟନ୍ ଗସ୍ତ କରି ହ୍ୱାଇଟ୍‌ହାଉସ୍‌ରେ ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆଲୋଚନା ହୋଇଥିବାବେଳେ ଟ୍ରମ୍ପ୍ ବର୍ତ୍ତମାନ ଜେଲେନ୍‌ସ୍କିଙ୍କୁ ଟୋମାହକ୍ ମିଶାଇଲ ଦେଇ ନ ପାରନ୍ତି ନାହିଁ ବୋଲି ଜଣାପଡ଼ିଛି। ସଦ୍ୟ ଇସ୍ରାଏଲ୍-ହମାସ୍ ଯୁଦ୍ଧାବସାନ ଘଟାଇଥିବା ରାଷ୍ଟ୍ରପତି ଟ୍ରମ୍ପ୍ ବର୍ତ୍ତମାନ ୟୁକ୍ରେନ୍ -ରୁଷିଆ ଯୁଦ୍ଧବିରତି ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରି ଗାଜା ଅସ୍ତ୍ରବିରତିର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରମ୍ପ୍‌ଙ୍କ ସହଯୋଗରେ ଏହି ଯୁଦ୍ଧ ମଧ୍ୟ ବନ୍ଦ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜେଲେନ୍‌ସ୍କିଙ୍କ ମତରେ ୟୁକ୍ରେନ୍ ଆମେରିକାକୁ ଡ୍ରୋନ୍ ଦେବ ଏବଂ ଏହା ବଦଳରେ ଦୂରଗାମୀ ଟୋମାହକ୍ କ୍ଷେପଣାସ୍ତ୍ର ନେବ। ୧,୬୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଟୋମାହକ୍ ମିଶାଇଲର ଘଣ୍ଟାପ୍ରତି ବେଗ ୫୫୦ ମାଇଲ। ଏହି ସ୍ୱତନ୍ତ୍ର କ୍ଷେପଣାସ୍ତ୍ରର ବିସ୍ଫୋରକ ଧାରଣ କ୍ଷମତା ୧,୦୦୦ ପାଉଣ୍ଡ। ଟୋମାହକ୍ ମିଶାଇଲ୍ ବଳରେ ୟୁକ୍ରେନୀୟ ସେନା ରୁଷିଆର ସାମରିକ ଓ ରଣନୈତିକ ଭିତ୍ତିଭୂମିକୁ ଟାର୍ଗେଟ କରିପାରିବ। ଟ୍ରମ୍ପ୍ ମଧ୍ୟ ୟୁକ୍ରେନ୍‌କୁ ଟୋମାହକ୍ ମିଶାଇଲ ଦେବା ପାଇଁ ପୂର୍ବରୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ସେ ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍‌ରେ ଆଲୋଚନା କରିବା ପରେ ତାଙ୍କ ମନ ବଦଳିଯାଇଛି। ଆସନ୍ତା ସପ୍ତାହରେ ଟ୍ରମ୍ପ୍ ଓ ପୁଟିନ୍ ହଙ୍ଗେରିର ବୁଦାପେଷ୍ଟରେ ପରସ୍ପରକୁ ଭେଟିବାକୁ ସ୍ଥିର ହୋଇଥିବାବେଳେ ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ରୁଷୀୟ ପ୍ରତିପକ୍ଷ କ୍ଷୁବ୍ଧ ହୋଇପାରନ୍ତି ବୋଲି ଆମେରିକା ରାଷ୍ଟ୍ରପତି ମନେକରୁଛନ୍ତି। ଇତିମଧ୍ୟରେ ଆମେରିକା ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ଉତ୍ତେଜନା ବଢ଼ିବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଚେତାବନୀ ଦେଇଛନ୍ତି। ତେଣୁ ଟ୍ରମ୍ପ୍ ବର୍ତ୍ତମାନ ସ୍ଥିତିରେ ୟୁକ୍ରେନ୍‌କୁ ଟେମାହକ୍ ମିଶାଇଲ ନ ପଠାଇବା ନେଇ ସଙ୍କେତ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେ ମଧ୍ୟ ଆମେରିକା ପାଇଁ ଟୋମାହକ୍ ଚାହୁଁଛୁ। ଆମ ପାଖରେ ଏଭଳି ବହୁ ମିଶାଇଲ ଅଛି। ତେବେ ଆମେରିକାର ଆବଶ୍ୟକତା ଥିବାରୁ ବର୍ତ୍ତମାନ ଦେଇପାରିବୁ କି ନାହିଁ ତାହା କହିହେବ ନାହିଁ।

# ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍ କୋର୍ଟର ମଞ୍ଜୁରୀ



**ନୂଆଦିଲ୍ଲୀ, ୧୮।୧୦**

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍‌ର ଏକ ଅଦାଲତ ଶୁକ୍ରବାର ଅନୁମୋଦନ କରିଛନ୍ତି। ଗତ ଏପ୍ରିଲ ୧୧ରେ ବେଲ୍‌ଜିଅମ୍ ପୋଲିସ ଚୋକ୍‌ସିଙ୍କୁ ଗିରଫ କରିବା ପରେ ସେ ୪ ମାସ ହେଲା ଜେଲରେ ରହିଛନ୍ତି। ଭାରତର ଅନୁରୋଧକ୍ରମେ ବେଲ୍‌ଜିଅମ୍ ପୋଲିସ ଦ୍ୱାରା ଚୋକ୍‌ସିଙ୍କ ଗିରଫଦାରିକୁ ଆଣ୍ଟୱେର୍ପସ୍ଥିତ ଅଦାଲତ ବୈଧ ବୋଲି କହିଛନ୍ତି। ଚୋକ୍‌ସି ଚାହିଁଲେ ଉକ୍ତ ରାୟ ବିରୋଧରେ ୧୫ ଦିନ ମଧ୍ୟରେ ବେଲ୍‌ଜିଅମ୍ ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଅଦାଲତ ଉଭୟ ଭାରତ ପକ୍ଷର ବେଲ୍‌ଜିଅମ୍ ଓକିଲ ଏବଂ ଚୋକ୍‌ସିଙ୍କ ଲିଗାଲ ଟିମ୍‌ର ଯୁକ୍ତି ଶୁଣିବା ପରେ ପ୍ରତ୍ୟର୍ପଣ ଆବେଦନକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

# ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ଯାନ ପ୍ରବେଶ ବନ୍ଦ

**ନୂଆଦିଲ୍ଲୀ, ୧୮।୧୦**

ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ବ୍ୟବସାୟିକ ଯାନ ଉପରେ ନିଷେଧାଦେଶକୁ ଶୁକ୍ରବାର ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଅନୁମୋଦନ କରିଛି। ଏନ୍‌ସିଆର୍ ରାଜ୍ୟଗୁଡ଼ିକରେ ନଡ଼ା ପୋଡି ବନ୍ଦ କରିବାରେ ବିଫଳ ହେଉଥିବା ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆୟୋଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଗର ୨୫ତମ ବୈଠକରେ ସିଏକ୍ୟୁଏମ୍ ଅଧ୍ୟକ୍ଷ ରାଜେଶ ବର୍ମା କେତେକ ନିର୍ଦ୍ଦେଶନାମାରେ ସଂଶୋଧନ କରିଛନ୍ତି। ତଦନୁଯାୟୀ ପଞ୍ଜାବ, ହରିୟାଣା, ଦିଲ୍ଲୀ ସମେତ ଦିଲ୍ଲୀ ଓ ରାଜସ୍ଥାନର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଜିଲା କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ନଡ଼ାପୋଡ଼ି ବନ୍ଦ କରିବାରେ ବିଫଳ ଅଧିକାରୀଙ୍କ ବିରୋଧରେ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୧ରୁ କେବଳ ବିଏସ୍-୬, ସିଏନ୍‌ଜି, ଏଲ୍‌ଏନ୍‌ଜି ଏବଂ ବିଦ୍ୟୁତ୍‌ଚାଳିତ ବ୍ୟବସାୟିକ ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ।

# ନଭେମ୍ବର ୧୦ରୁ ଜନଗଣନା ପ୍ରାକ୍ ପରୀକ୍ଷା

**ନୂଆଦିଲ୍ଲୀ, ୧୮।୧୦**

୨୦୨୭ ଜନଗଣନା ପାଇଁ ପ୍ରାକ୍ ପରୀକ୍ଷା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନୋନୀତ ନମୁନା ଅଞ୍ଚଳରେ ପ୍ରି-ଟେଷ୍ଟ କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ଜାରି କରିଥିବା ବିଜ୍ଞପ୍ତିରେ ଘୋଷଣା କରାଯାଇଛି। ନଭେମ୍ବର ୧ରୁ ୭ ମଧ୍ୟରେ ଜନସାଧାରଣ ସେଲ୍ଫ ଇନୁମେରେଶନ ୱିଣ୍ଡୋ ଜରିଆରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଡିଜିଟାଲି ଦାଖଲ କରିପାରିବେ ବୋଲି ରେଜିଷ୍ଟ୍ରାର ଜେନେରାଲ ଏବଂ ଭାରତର ସେନ୍‌ସନ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକାକରଣ ଏବଂ ଗୃହଗଣନା କରାଯିବ।

# ୨୧ରେ ପୁଣି ଲଘୁଚାପ, ୨୩ରେ ଅବପାତ

- ବାତ୍ୟା ନେଇ ଆକଳନ କରାଯାଇନାହିଁ: ଆଇଏମ୍‌ଡି ଡିଜି
- ଆଶଙ୍କା ବଢ଼ାଇଲା ଆମେରିକାନ୍ ପାଣିପାଗ ମଡେଲ

**ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)**

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷରେ ଆମେରିକାର ପାଣିପାଗ ମଡେଲ 'ଜିଏଫ୍‌ଏସ୍'ର ଆକଳନ କରିଛି ଯେ, ଏହି ଅବପାତ ବାତ୍ୟା ଆଣିପାରେ। ବାତ୍ୟା ସୃଷ୍ଟି ହେଲେ ଭୟଙ୍କର ରୂପ ନେବାର ଅଧିକ ସମ୍ଭାବନା ରହିଛି। ତେବେ ଆମେରିକାନ ମଡେଲର ଏହି ଆକଳନକୁ ନେଇ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସମ୍ଭାବ୍ୟ ଅବପାତ ବାତ୍ୟାର ରୂପ ନେବ କି ନାହିଁ ଏବେଠାରୁ ତାହାର କୌଣସି ପୂର୍ବାନୁମାନ କରାଯାଇନାହିଁ। ଜିଏଫ୍‌ଏସ୍ ମଡେଲ ଦେଖନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଯାହା ପୂର୍ବାନୁମାନ କରାଯାଉଛି ତାହା ଦେଖନ୍ତୁ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସ୍ଥିତି ସ୍ପଷ୍ଟ ହେବ। ତେବେ ୨୧ ତାରିଖ ପୂର୍ବରୁ ମତ୍ସ୍ୟଜୀବୀମାନେ କୂଳକୁ ଫେରି ଆସିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ଜିଲାରେ ବର୍ଷା ହୋଇଥିବାବେଳେ ଅଧିକାଂଶ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିଲା। ସେହିଭଳି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା ଏବଂ ଅନ୍ୟ ଜିଲାଗୁଡିକରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ତେବେ ରବିବାର ରାଜ୍ୟର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲାଗୁଡିକର କିଛି ସ୍ଥାନରେ ବିଜୁଳି, ଘଡଘଡି ଓ ଝଟ୍‌କା ପବନ ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଭୟ ଆଣୁଛି ଅକ୍ଟୋବର

ଅକ୍ଟୋବର ଆସିଲେ ଓଡ଼ିଶାବାସୀଙ୍କ ମନରେ ବାତ୍ୟା ଭୟ ଘାରୁଛି। ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ସାଧାରଣତଃ ମୌସୁମୀର ଲେଉଟାଣି ସମୟ ଅକ୍ଟୋବରରେ ହିଁ ଓଡ଼ିଶାରେ ଅଧିକ ବଡ଼ ବାତ୍ୟା ଆସିଛି। ୧୯୯୯ ଅକ୍ଟୋବର ୨୯ରେ ପ୍ରଳୟଙ୍କରୀ ମହାବାତ୍ୟା ସୃଷ୍ଟି ହୋଇଥିବାବେବେଳେ ଏହାର ୧୪ବର୍ଷ ପରେ ୨୦୧୩ ଅକ୍ଟୋବର ୧୨ରେ ଗୋପାଳପୁରରେ ବାତ୍ୟା 'ଫାଇଲିନ୍' ଲ୍ୟାଣ୍ଡଫଲ୍ କରିଥିଲା। ୨୦୧୪ ଅକ୍ଟୋବର ୧୨ରେ 'ହୁଡ୍‌ହୁଡ୍', ୨୦୧୮ ଅକ୍ଟୋବର ୧୦ରେ 'ତିତ୍‌ଲି' ଏବଂ ୨୦୨୪ ଅକ୍ଟୋବର ୨୩ରେ ବାତ୍ୟା 'ଦାନା' ରାଜ୍ୟବାସୀଙ୍କ ଉପରେ ଦାଉ ସାଧିଥିଲା। ଚଳିତବର୍ଷର ପାଣିପାଗ ସ୍ଥିତିକୁ ଦେଖିଲେ ଓ ଆଗାମୀ ଲଘୁଚାପ ଅବପାତର ରୂପ ନେବା ସମ୍ଭାବନା ଥିବାରୁ ଲୋକଙ୍କ ମନରେ ବାତ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏପରିସ୍ଥିତିରେ ଆମେରିକାର ପାଣିପାଗ ମଡେଲର ବାତ୍ୟା ଆକଳନ ଚିନ୍ତା ବଢ଼ାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାରସ୍ୱତ ସମାଜ ପକ୍ଷରୁ ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ରାଜସ୍ୱ ସମ୍ମିଳନୀର ସମାପନ ସମାରୋହ, ସ୍ଥାନ:ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି), ଗୋଠପାଟଣା, ସମୟ: ଅପରାହ୍ନ ୧ଟା ୪୫।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଅଭୟ ଅନିର୍ବାଣ ପକ୍ଷରୁ 'ବିଚିତ୍ରବର୍ଣ୍ଣା'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଝରଣା ଓ ଚିରସମର୍ଥା ସାହିତ୍ୟ ପତ୍ରିକା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ୧୩୮ତମ ଜୟନ୍ତୀ, ସ୍ଥାନ: ସାରଙ୍ଗଧର ଶିଶୁ ଉଦ୍ୟାନ, ଝୋଲାସାହି, ସମୟ: ସକାଳ ୮ଟା ୩୦।
- ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ, ସ୍ଥାନ: ଦି ୟୁନିଭର୍ସ, ମୈତ୍ରୀ ସରଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁର୍ବେଦ ପ୍ରବର୍ତ୍ତକ ଭଗବାନ ଧନନ୍ତରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଜିଲା ଚେସ୍ ସଂଘ ପକ୍ଷରୁ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବାରବାଟି ଷ୍ଟାଡିୟମ ହର୍ଷ ଗେଟ ପରିସର, ଅପରାହ୍ନ ୩ଟା।
- ମହାନଦୀ ବିହାର ମହିଳା ସମିତି ସଭ୍ୟାଙ୍କ ଦ୍ୱାରା ଅଭିନୀତ ହେବ ନାଟକ ବୋହୂ କଟକିଆଣି, ସ୍ଥାନ: ହେରିଟେଜ୍ ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ନୀଳକଣ୍ଠ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସାରସ୍ୱତ ବନ୍ଧୁମିଳନ ଉତ୍ସବ, ସ୍ଥାନ: ରାଜପଥ ପାର୍ଶ୍ୱ ହୋଟେଲ ଇନ୍, ଜଳେଶ୍ୱର, ସମୟ: ସକାଳ ୯ଟା।
- 'ସମୟର ଚକ୍ର' ପତ୍ରିକାର ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର ପରିସର, ସିମୁଳିଆ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: କୁଇନ ଅଫ ଦି ମିଶନ ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର, ସମୟ: ଅପରାହ୍ନ ୫ ଟା।

## କନ୍ଧମାଳ

- ଅନ୍ତ୍ୟୋଦୟ ଗୃହ ଯୋଜନା ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ଭିଡିଓ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ଅନୁଗୋଳ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ନୂତନ ପଞ୍ଚାୟତର ଭିତ୍ତିପ୍ରସ୍ତର ଓ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନର ସିଧାପ୍ରସାରଣ, ସ୍ଥାନ: ଛେଣ୍ଡିପଦା ବ୍ଲକର ପ୍ରତ୍ୟେକ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶକ୍ତି ଅରୁଣ ଟ୍ରଷ୍ଟ ପକ୍ଷରୁ ତାରା ରୋପଣ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: କାଠକୋଟ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଓରମାସ ପକ୍ଷରୁ ଦୀପାବଳି ଉପଲକ୍ଷେ ଟେରାକୋଟା ଦୀପ ଷ୍ଟଲ ଉଦ୍‌ଘାଟନ କାର୍ଯ୍ୟକ୍ରମ,ସ୍ଥାନ: ବାଲିଯାତ୍ରା ପଡ଼ିଆ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଆସୋସିଏଶନ ପକ୍ଷରୁ ଚେସ୍ ଚାମ୍ପିୟନସିପ୍, ସ୍ଥାନ:ହୋଟେଲ ସ୍ୱୟଂସିଦ୍ଧା, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।

## ଯାଜପୁର

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ନରସିଂହଚୌଧୁରୀ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- କନକ ଦୁର୍ଗା ବିଦ୍ୟା ପୀଠ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବିଲିବିଲ କନକ ଦୁର୍ଗା ବିଦ୍ୟା ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା କୋରେଇ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : କୋରେଇ ବ୍ଲକର ରଗଡ଼ି ମା' କାମୁଡେଇ ପୀଠ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଖଣ୍ଡପଡା ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସମାନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଉଦ୍‌ଯାପନ ଉତ୍ସବରେ ରାଜ୍ୟାଭିଷେକ ଓ କାକଭୂଷଣ୍ଡି ଗରୁଡ ସମ୍ବାଦ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ଅରବିନ୍ଦ ପାଠଚକ୍ର, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ : ଉମରକୋଟ, ସମୟ: ସକାଳ ୯ଟା।

## କୋରାପୁଟ

- ଜୋନାଲସ୍ତରୀୟ କଳା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର -୨୦୨୫ର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସକାଳ ୮ଟା।
- ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ସାର୍ଟିଫିକେଟ ପ୍ରଦାନ ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ : ୯ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ : ବୀର୍ସା ମୁଣ୍ଡା କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୫ଟା।
- କୁମାର ହାସନଙ୍କ ୬୫ତମ ଜନ୍ମ ନିଦରେ ସାହିତ୍ୟ ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବରଗଡ଼

- କୋଶଲ ମହାବନ୍ଧ ଉପରେ ବୈଠକ,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଧନଲକ୍ଷ୍ମୀ ପୂଜା ଅବସରରେ କଳସ ଶୋଭାଯାତ୍ରା,ସ୍ଥାନ: ଗୋବିନ୍ଦପାଲି, ବରଗଡ଼,ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ଶ୍ୟାମାକାଳୀ ପୂଜା, ସ୍ଥାନ:କଲରାକୋଠା, କଣ୍ଟାମାଳ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା, ସ୍ଥାନ : ଶିଶୁ ବିଦ୍ୟା ମନ୍ଦିର ସଭା କେନ୍ଦ୍ର , ସମୟ: ସକାଳ ୯ଟା ।
- ଓଡ଼ିଶା ସିଡୁଲ କାଷ୍ଟ ଆସୋସିଏଶନ ଆନୁକୂଲ୍ୟରେ କେଉଟ, କୈବର୍ତ୍ତ, ଧୀବରମାନଙ୍କୁ ଏସସି ତାଲିକାରୁ ବାଦ ନେଇ ଏକ ସାଧାରଣସଭା, ସ୍ଥାନ: ହାଇସ୍କୁଲ ଛକ ନିକଟ ସାଇ ଗେଷ୍ଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ।

# ୨ ଦିନ ସ୍କୁଲ, କଲେଜ ଛୁଟି

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ): ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର (୨୦ ଏବଂ ୨୧ ତାରିଖ) ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ଛୁଟି ରହିବ। ନୂଆପଡାରେ କେବଳ ୨୧ ତାରିଖ ଛୁଟି ଥିବା ବେଳେ ଅନ୍ୟସବୁ ଜିଲାରେ ଦୁଇଦିନ ଛୁଟି ଘୋଷଣା କରିଛି ଶିକ୍ଷା ବିଭାଗ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକ ଛୁଟି ରହିବ। ଏନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉଚ୍ଚଶିକ୍ଷା ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଦୁଇଦିନ ଛୁଟି ରହିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ପିଟିସି ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ ସମସ୍ତ ପିଜି କାଉନ୍‌ସିଲ ଅଧକ୍ଷ ଏବଂ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତକୁ ନିର୍ଣ୍ଣାୟକ ଜବାବ...

ଉଭୟପକ୍ଷ ବୁଝାମଣାରେ ପହଞ୍ଚିଥିଲେ। ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ (ଡିଜିଏମ୍‌ଓ) ସ୍ତରରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ପାକିସ୍ତାନରେ ଅସ୍ଥିରତା ସୃଷ୍ଟି ପାଇଁ ଭାରତ ଆତଙ୍କବାଦକୁ ଅସ୍ତ୍ର କରିଥିବା ମୁନିର ଅଭିଯୋଗ କରିଛନ୍ତି। ତେବେ ଅଳ୍ପ କେତେଜଣ ଆତଙ୍କବାଦୀ ପାକିସ୍ତାନର କିଛି କ୍ଷତି କରିପାରିବେ ନାହିଁ। ଆଫଗାନିସ୍ତାନ ମାଟିରୁ ସମସ୍ତ ପ୍ରକ୍ସିକୁ ଧୂଳିରେ ମିଶାଇ ଦିଆଯିବ ବୋଲି ତେହରିକ୍-ଇ-ତାଲିବାନ୍ ପାକିସ୍ତାନକୁ ଲକ୍ଷ୍ୟ କରି ମୁନିର ଚେତାବନୀ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ନିୟମାବଳୀ ଅନୁଯାୟୀ କଶ୍ମୀର ବିବାଦ ସମେତ ମୁଖ୍ୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ସେ ଭାରତକୁ ଆହ୍ୱାନ ଦେଇଛନ୍ତି। ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ନୈତିକ ଓ କୂଟନୈତିକ ସହାୟତା ଯୋଗାଇଦେବା ଲାଗି ପାକିସ୍ତାନ ପ୍ରତିଶ୍ରୁତିବଦ୍ଧ ବୋଲି ପାକ୍ ସେନା ମୁଖ୍ୟ ଦୋହରାଇଛନ୍ତି। ସେ ପାକିସ୍ତାନକୁ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ ବର୍ଣ୍ଣନା କରିବା ସହ ଆମେରିକା ଓ ଚାଇନା ଭଳି ବୃହତ୍ ଶକ୍ତିଙ୍କ ସହ ଦୃଢ଼ ସମ୍ପର୍କ ରହିଥିବା କହିଛନ୍ତି।

## ପାକିସ୍ତାନର ପ୍ରତି ଇଞ୍ଚ୍ ...

ବ୍ରହ୍ମୋସ୍ ମିଶାଇଲ ଉତ୍ପାଦନକୁ ରାଜନାଥ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁଭାରମ୍ଭ କରିଛନ୍ତି। ବ୍ରହ୍ମୋସ୍ ହେଉଛି ଭାରତର ବର୍ଦ୍ଧିତ ସାମର୍ଥ୍ୟର ପ୍ରତୀକ। ଏହା କେବଳ ଏକ ମିଶାଇଲ୍ ନୁହେଁ, ବରଂ ଭାରତର ରଣନୀତିକ ଆତ୍ମବିଶ୍ୱାସର ପ୍ରମାଣ। ସ୍ଥଳସେନାଠାରୁ ଆରମ୍ଭ କରି ନୌସେନା ଏବଂ ବାୟୁସେନା, ଏହା ଆମ ପ୍ରତିରକ୍ଷା ବଳର ମୁଖ୍ୟ ସ୍ତମ୍ଭ ପାଲଟିଥିବା ରାଜନାଥ କହିଛନ୍ତି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ଏବେ ଏକ ଶକ୍ତିଶାଳୀ ନିବାରକ ଭାବେ କାର୍ଯ୍ୟ କରୁଛି। ଏହା ପାକିସ୍ତାନକୁ ହୃଦ୍‌ବୋଧ କରାଇଦେଇଛି ଯେ, ଯଦି ଭାରତ ପାକିସ୍ତାନ ସୃଷ୍ଟି କରିପାରିଥିଲା, ତେବେ ସମୟ ଆସିଲେ କ'ଣ କରିପାରିବ, ମୋର ଅଧିକ କହିବା ଆବଶ୍ୟକ ନାହିଁ। ଆପଣମାନେ ବୁଝିପାରୁଥିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ପ୍ରଶଂସା କରି ରାଜନାଥ କହିଛନ୍ତି, ଏହା ଭାରତୀୟଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ବିଶ୍ୱରେ ବ୍ରହ୍ମୋସ୍‌ର ପ୍ରଭାବଶୀଳତାକୁ ପ୍ରମାଣିତ କରିଛି। ସାରା ବିଶ୍ୱ ଏବେ ଭାରତର ସାମର୍ଥ୍ୟକୁ ସ୍ୱୀକୃତି ଦେଇଛି। ଭାରତ ଏହାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିପାରେ ବୋଲି ବ୍ରହ୍ମୋସ୍ ଆମ ବିଶ୍ୱାସକୁ ସୁଦୃଢ଼ କରିଛି।

ଗତ ଏପ୍ରିଲ ୧୨ରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ପରେ ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ନାମରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ପାକିସ୍ତାନର ଏୟାରବେସ୍‌ଗୁଡ଼ିକୁ ଧ୍ୱଂସ କରିବା ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବ୍ୟବହାର କରିଥିଲା। ଲକ୍ଷ୍ନୌ ୟୁନିଟରେ ଏହି କ୍ଷେପଣାସ୍ତ୍ରର ଉତ୍ପାଦନ ଯୋଗୁ ଏହି ପ୍ରକଳ୍ପ ଭାରତର ବର୍ଦ୍ଧିତ ଆତ୍ମବିଶ୍ୱାସ ଏବଂ ପ୍ରତିରକ୍ଷା ଉତ୍ପାଦନ ସାମର୍ଥ୍ୟର ପ୍ରତୀକ ସାଜିଥିବା ରାଜନାଥ କହିଛନ୍ତି।

## ଦୀପାବଳି ପାଳନକୁ ...

୫ଟା ୫୪ ମିନିଟ୍ ପର୍ଯ୍ୟନ୍ତ ଅମାବାସ୍ୟା ରହୁଛି। ତେଣୁ ୨୧ ତାରିଖ ଦିନ ଦୀପାବଳି, ପୟା ଶ୍ରାଦ୍ଧ ପାଳନ କରିବା ବିଧେୟ ବୋଲି ମତପ୍ରକାଶ କରିଛନ୍ତି। ୨୦ କିମ୍ବା ୨୧ ତାରିଖରେ ଦୀପାବଳି ପାଳନ ହେବ ଏହି ଦ୍ୱନ୍ଦ୍ୱର ସ୍ରଷ୍ଟା ସ୍ୱୟଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏଥିରେ ଦ୍ୱିରୁକ୍ତି ନାହିଁ। ଅମାବାସ୍ୟାର ୨ୟ ସନ୍ଧ୍ୟା ବା ସୂର୍ଯ୍ୟଙ୍କ ଅସ୍ତ ପରେ ଅନ୍ୟୂନ ଏକ ଦଣ୍ଡ ବା ୨୪ ମିନିଟ୍ ରହିଲେ ଦ୍ୱିତୀୟ ଦିନ ପାଳନ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ପାଇଁ 'ଗଦାଧର ପଦ୍ଧତି'ର ୪୬୫ ପୃଷ୍ଠା ଓ 'ପଣ୍ଡିତ ସର୍ବସ୍ୱ'ର ୨୧୯ ପୃଷ୍ଠାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାରେ ଦୀପଦାନ ଶ୍ରାଦ୍ଧ ପାଳନ କଲେ ପିତୃପୁରୁଷ ଅସୁଖୀ ହୋଇଥାନ୍ତି ବୋଲି ମଧ ସେଥିରେ ଉଲ୍ଲେଖ ରହିଛି। ଏହି ଗାଣିତିକ ତ୍ରୁଟି ପାଇଁ ପଣ୍ଡିତ ସଭା ସମ୍ପୂର୍ଣ୍ଣ ଦାୟୀ ହୋଇଥିବାବେଳେ ଏକ ତ୍ରୁଟିପୂର୍ଣ୍ଣ ପର୍ବ ପାଳନ ପାଇଁ ତ୍ରୁଟିଯୁକ୍ତ ଦିନ ତାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାରେ ଦର୍ଶାଯାଇଛି। ଓଡ଼ିଶାର ଲୋକେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ୨୧ ତାରିଖରେ ପାଳନ କରନ୍ତୁ ବୋଲି ମିଶ୍ର କହିଛନ୍ତି।

ଅପରପକ୍ଷରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି, ୨୦ ତାରିଖ ସନ୍ଧ୍ୟାରେ ଲୋକମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ପାଳନ କରିବା ସହିତ ଦୀପାବଳି ପର୍ବ ମଧ ପାଳନ କରିବେ। ସୋମବାର ୨୦ ତାରିଖ ଅପରାହ୍ନ ୩ଟା ୨୩ ମିନିଟରୁ ଅମାବାସ୍ୟା ପ୍ରବେଶ କରୁଛି। ଏହା ପରଦିନ ଅର୍ଥାତ୍ ମଙ୍ଗଳବାର ୨୧ ତାରିଖ ଅପରାହ୍ନ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ରହିବ। ପୟାଶ୍ରାଦ୍ଧ ରାତ୍ରିକାଳୀନ ପର୍ବ ହୋଇଥିବାରୁ ସୋମବାର ସନ୍ଧ୍ୟାରେ ଅମାବାସ୍ୟା ରହୁଥିବାରୁ ଏହିଦିନ ପୟାଶ୍ରାଦ୍ଧ ପାଳନ ହେବ। ଏହାକୁନେଇ ଲୋକମାନେ ବିଭ୍ରାନ୍ତ ନ ହୋଇ ୨୦ ତାରିଖ ସୋମବାର ସନ୍ଧ୍ୟାରେ ପୟାଶ୍ରାଦ୍ଧ ପାଳନ କରନ୍ତୁ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଯେଉଁ ୫ଟି ପାଞ୍ଜି କରିଛି, ସେଥିରେ ଅପରାହ୍ନ ୫ଟା ୩୦ ଭିତରେ ଅମାବାସ୍ୟା ଶେଷ ହେଉଛି। ନିୟମ ଅନୁସାରେ ସନ୍ଧ୍ୟା ପରେ ଯଦି ୨୪ ମିନିଟ୍ ଅମାବାସ୍ୟା ରୁହେ ତେବେ ଦୀପଦାନ ଓ ଶ୍ରାଦ୍ଧ ହୋଇପାରିବ। ମାତ୍ର ୨୧ ତାରିଖ ସନ୍ଧ୍ୟା ପରେ ୨୪ ମିନିଟ୍ ରହୁନାହିଁ। ତେଣୁ ୨୧ ତାରିଖ ଦିନ ପାଳନ କରାଯାଇପାରିବ ନାହିଁ। ବିଭ୍ରାନ୍ତି ଘଟାଉଥିବା ବ୍ୟକ୍ତିଙ୍କୁ ବିଶୃଙ୍ଖଳା ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭାରୁ ବହିଷ୍କୃତ କରାଯାଇଛି ବୋଲି ସାଧାରଣ ସମ୍ପାଦକ ମିଶ୍ର କହିଛନ୍ତି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିରରେ ସୂର୍ଯ୍ୟୋଦୟକୁ ନେଇ ସମସ୍ତ ଦେବନୀତି ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ୨୧ ତାରିଖ ମଙ୍ଗଳବାର ଦିନ ସୂର୍ଯ୍ୟୋଦୟ ବେଳକୁ ଅମାବାସ୍ୟା ଥିବାରୁ ମଙ୍ଗଳବାର ଶ୍ରୀମନ୍ଦିରରେ ଅମାବାସ୍ୟା ପାଳନ ହେବା ସହ ସାଗର ବିଜେ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦେବ ଦୀପାବଳି ମାର୍ଗଶିର ଅମାବାସ୍ୟାରେ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ଅମାବାସ୍ୟାରେ ମହାପ୍ରଭୁଙ୍କ ନୀତି ନାହିଁ ବୋଲି ନୀତି ପ୍ରଶାସକ ମତବ୍ୟକ୍ତ କରି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ୨୦, ୨୧ରେ ...

ମାସର ୪ର୍ଥ ଶନିବାର ଯେଉଁ ଛୁଟି ସରକାରୀ କର୍ମଚାରୀଙ୍କୁ ମିଳିବା କଥା ତାହା ହେବନାହିଁ। ୪ର୍ଥ ଶନିବାରକୁ କାର୍ଯ୍ୟଦିବସ ଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପଟେ ଆସନ୍ତା ୨୧ ତରିଖ ମଧ ସରକାରୀ ଛୁଟି ଯେମିତି ହେବା କଥା ହେବ। ହେଲେ ୨୧ରେ ରାଜ୍ୟର ସବୁ ବ୍ୟାଙ୍କିଙ୍ଗ୍ ଏବଂ ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡିକ ଖୋଲା ରହିବ।

## ବନ୍ୟପ୍ରାଣୀ, ପରିବେଶ ...

ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଏମାନଙ୍କ ନିକଟରେ ଅପହଞ୍ଚ ହୋଇରହିଛି। ଦଶନ୍ଧି ଧରି ଗ୍ରାମବାସୀ ଅନ୍ଧାରୀମୂଳକରେ ଦୟନୀୟ ଜୀବନଯାପନ କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟପ୍ରାଣୀ ସହ ସଂଘର୍ଷ ସବୁ ସମୟରେ ଲାଗି ରହୁଥିଲା। ବିଶେଷକରି ବର୍ଷାଦିନରେ ୩ ପାହାଡ଼ରୁ ବର୍ଷାପାଣି ଗାଁ ଭିତର ଦେଇ ପ୍ରବାହିତ ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ଏଥିରେ ଘର, ରାସ୍ତାଘାଟ, କଲଭର୍ଟ ଧୋଇଯାଉଥିଲା। ଏଥିସହ ପାହାଡ଼ଗୁଡ଼ିକରେ ଥିବା ଚିରସ୍ଥାୟୀ ଜଳଉତ୍ସ ଶୁଷ୍କ ହୋଇଗଲେ ମଣିଷ ଏବଂ ବନ୍ୟପ୍ରାଣୀଙ୍କୁ ସଂଘର୍ଷ କରିବାକୁ ପଡ଼େ। ପାଣି ପାଇଁ ହାତୀ, ଅନ୍ୟାନ୍ୟ ବନ୍ୟପ୍ରାଣୀ ଗାଁ ଭିତରକୁ ଚାଲିଆସୁଥିଲେ। ଅନେକ ସମୟରେ ଘର, ଫସଲ କ୍ଷତି ପହଞ୍ଚାଉଥିଲେ। ଏହାର ସମାଧାନ କରିବାକୁ ଏକ ସାମ୍ପ୍ରତିକ ପଦକ୍ଷେପ ମାଧ୍ୟମରେ ଗ୍ରାମବାସୀ ଏକାଠି ହୋଇ ପାହାଡ଼ର ଶୀର୍ଷରେ ମାଟି ବନ୍ଧ ନିର୍ମାଣ କରିବାକୁ ଚିନ୍ତା କରିଥିଲେ। ବୈଷୟିକ ମାର୍ଗଦର୍ଶନ, ସମ୍ବଳ, ପରିବେଶଗତ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି(ଏଫ୍‌ଇଏସ୍) ସହ ଯୋଗାଯୋଗ କରିଥିଲେ। ଏଫ୍‌ଇଏସ୍‌ର ଡିଜାଇନ, ସମର୍ଥନ ଓ ଗ୍ରାମବାସୀଙ୍କ ଶ୍ରମଦାନରେ ପାହାଡ଼ ଶିଖରରେ ପାଣି ରଖିବା, ଜଳ ପ୍ରବାହକୁ ଧୀର କରିବା ଏବଂ ବନ୍ୟାଜଳର ବେଗକୁ ହ୍ରାସ ପାଇଁ ବନ୍ଧ ନିର୍ମାଣ କରାଯାଇଛି। ଏହାଦ୍ୱାରା ବର୍ଷା ସମୟରେ ପାହାଡ଼ରୁ ପ୍ରବାହିତ ପାଣିକୁ ରୋକାଯାଇପାରୁଛି। ନିରନ୍ତର ଇଚ୍ଛାଶକ୍ତି ବଳରେ ଗ୍ରାମବାସୀ କାର୍ଯ୍ୟକୁ ସଫଳତାର ସହ ଶେଷ କରିଛନ୍ତି। ଫଳରେ ଗତ ୫ବର୍ଷ ହେଲା ନିରନ୍ତର ବର୍ଷା ସତ୍ତ୍ୱେ ବନ୍ଧ ଯୋଗୁ ତଳକଂସ ଗ୍ରାମକୁ ବନ୍ୟାର ସମ୍ମୁଖୀନ ହେବାକୁ ପଡୁନାହିଁ। ଘର, ଫସଲ ଏବଂ ଭିତ୍ତିଭୂମିକୁ ସୁରକ୍ଷା ଦେଇଛି। ବନ୍ଧରେ ସଂଗୃହୀତ ପାଣି ହାତୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଉତ୍ସ ପାଲଟିଛି। ଫଳରେ ଗ୍ରାମରେ ହାତୀ ଉପଦ୍ରବ ହ୍ରାସ ଘଟିବା ସହ ବନ୍ୟା ବିପଦ କମିଥିବା ଗ୍ରାମ ବିକାଶ କମିଟିର ସଭାପତି ଦାମୋଦର ଜୁଆଙ୍ଗ କହିଛନ୍ତି। ଏଫ୍‌ଇଏସର ଜିଲା ଟିମ୍ ଲିଡ୍‌ର ସାସ୍ୱତିକ ତ୍ରିପାଠୀ କହିଛନ୍ତି, ମଣିଷ-ହାତୀ ସଂଘର୍ଷକୁ ବନ୍ଧ ନାଟକୀୟ ଭାବରେ ହ୍ରାସ କରିଛି। ଯାହା ମଣିଷ ଏବଂ ପଶୁ ଉଭୟଙ୍କୁ ସୁରକ୍ଷା ଦେଇଛି। ତୁରନ୍ତ ପରିବେଶଗତ ଏବଂ ସୁରକ୍ଷା ଲାଭ ବ୍ୟତୀତ ପ୍ରକଳ୍ପ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପ୍ରଦାୟ ଏବଂ ସାମୂହିକ କାର୍ଯ୍ୟର ଭାବନାକୁ ସୁଦୃଢ଼ କରିଛି।

## ୩ ନମ୍ବର ହେଲେ ...

ଦଳ ଦ୍ୱାରା ପ୍ରଲୋଭିତ ହୋଇ ପ୍ରାର୍ଥୀ ବିକ୍ରି ହୋଇଯିବେ ତେବେ ଅଧିକ ଅସୁବିଧା ସୃଷ୍ଟି କରିପାରେ ବୋଲି ବିଜେଡି ନେତାମାନେ ଅନୁମାନ କରିଥିଲେ । ସେଥିଲାଗି ସ୍ନେହାଙ୍ଗିନୀଙ୍କୁ ପ୍ରାର୍ଥୀ କରାଗଲା। ହେଲେ ଜିଲା ବାହାର ନେତ୍ରୀ ଭାବେ ସ୍ନେହାଙ୍ଗିନୀଙ୍କୁ କେତେ ସମର୍ଥନ ମିଳିବ ତାହା ସବୁଠାରୁ ବଡ଼ କଥା। ଏଭଳି ସ୍ଥିତିରେ ୫୨ ଜଣ ନେତାଙ୍କୁ ନୂଆପଡ଼ା ଉପନିର୍ବାଚନ ପାଇଁ ଗ୍ରାଉଣ୍ଡରେ କାମ କରିବା ପାଇଁ ଦାୟିତ୍ୱ ବଣ୍ଟାଯାଇଛି। ହେଲେ ସେହି ନେତାମାନଙ୍କ ଭିତରେ ଯେଉଁ ଟିମ୍ ସ୍ପିରିଟ୍ ରହିବା କଥା, ତାହା ଦେଖିବାକୁ ମିଳୁନାହିଁ। ବାରମ୍ବାର ଫୋନ୍ କରିବା ପରେ ଦାୟିତ୍ୱ ପାଇଥିବା ନେତାମାନେ ଯିବାକୁ ବାହାରିଛନ୍ତି। ନେତାଙ୍କ ଏଭଳି ଦୁର୍ବଳ ମନୋବଳ ନିର୍ବାଚନ ଫଳାଫଳ ଉପରେ ନାକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମଧ ଆଲୋଚନା ଚାଲିଛି। ଗତ ସାଧାରଣ ନିର୍ବାଚନରେ ମାତ୍ର ୧୪ଟି ବିଧାନସଭା ଆସନ ପାଇଥିବା କଂଗ୍ରେସ କିନ୍ତୁ ନିଜର ସବୁ ଶକ୍ତି ଲଗାଇ ନିର୍ବାଚନ ଲଢ଼ିବା ଆରମ୍ଭ କରିଦେଇଛି। କଂଗ୍ରେସ ପ୍ରାର୍ଥୀ ହୋଇଥିବା ଘାସିରାମ ଗତ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ଆଶା ରଖିଛି। ନିକଟରେ ନୂଆପଡ଼ା ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହି ଆସିଛନ୍ତି। ଆସନ୍ତା ଉପନିର୍ବାଚନରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଥା ପରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମଧ କିଛି ଲାଭ ହୋଇଥିବା କଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଏହିଭଳି ଭାବେ ଯଦି ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୁଏ ତେବେ ବିଜେଡିର ଭବିଷ୍ୟତ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟିହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯଦିଓ ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ଅନେକ କିଛି ଆକଳନ କରିହେବ ନାହିଁ, ତଥାପି କଂଗ୍ରେସ ଯଦି ୧ କିମ୍ବା ୨ ନମ୍ବର ସ୍ଥାନରେ ରହିଯାଏ, ଏହା ସବୁଦିନ ଲାଗି ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିବ। ହୁଏତ ଲୋକମାନଙ୍କ ମାନସିକତାରେ କଂଗ୍ରେସ ରାଜ୍ୟରେ ବଢୁଥିବା ବାର୍ତ୍ତା ଚାଲିଯାଇପାରେ। ତେଣୁ ପରବର୍ତ୍ତୀ ସମୟରେ ରାଜ୍ୟରେ ଯଦି କୌଣସି ନିର୍ବାଚନ ହୁଏ ତୃଣମୂଳସ୍ତରର କର୍ମୀମାନେ ସରକାରୀ ଦଳ ବିରୋଧରେ ଲଢ଼ିବାକୁ ଚିନ୍ତାକଲେ, କଂଗ୍ରେସକୁ ପ୍ରଥମ ବିକଳ୍ପ ଭାବେ ବାଛିନେବେ। ଯେକୌଣସି ନିର୍ବାଚନ ଭବିଷ୍ୟତରେ ହେବ, ସେଥିରେ କଂଗ୍ରେସ ଏବଂ ଭାଜପା ମଧ୍ୟରେ ସିଧାସଳଖ ଲଢ଼େଇ ହେବା ନେଇ ଏକ ନୂଆ ସମ୍ଭାବନା ସୃଷ୍ଟି ହୋଇଯିବ ବୋଲି ଅନେକେ କୁହାକୁହି ହେବା ଆରମ୍ଭ କରିଦେଲେଣି। ଏହା ଜାଣିପାରି ଏବଂ ନିଜ ଦଳର ନେତାମାନଙ୍କ ଭିତରେ ଉପନିର୍ବାଚନରେ କାମ କରିବାର ଅନାଗ୍ରହ କଥା ବୁଝିପାରି ନିଜେ ନବୀନ କୁଆଡ଼େ ଟେଲିଫୋନ ଯୋଗେ ନେତାମାନଙ୍କ ସହ କଥା ହେଉଛନ୍ତି ବୋଲି ତାଙ୍କ ଦଳ ଭିତରେ ଚର୍ଚ୍ଚା ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁତ ଦିନରୁ ଲାଗି ରହିଥିବା ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ପାଖ ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ଅପରାହ୍ନ ସମୟରେ ମନ ଉଦାସ ରହିବ। ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି, କିନ୍ତୁ ଆପଣଙ୍କ ଅସୁସ୍ଥତାବଶତଃ କାମ ସ୍ଥଗିତ ରହିଯିବ।

**ବୃଷ** ଦୀର୍ଘ ଦିନରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁମାନଙ୍କ ପରିହାସଯୁକ୍ତ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ** ଦୈହିକ ଦୁର୍ବଳତା ଯୋଗୁ କର୍ମକ୍ଷେତ୍ରରେ ମନୋବଳ କମିଯାଇପାରେ। ଖଳ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଅଫିସ୍‌ରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ରହି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ମାନସିକ ସ୍ଥିତି ବହୁତ ଭଲ ରହିବ ଏବଂ ହିତୈଷୀଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଧାର କରଜ, ଭଡ଼ାସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା** ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ତୁଳା** ଚେଷ୍ଟା କରୁଥିବା କାମରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ବିଚ୍ଛା** ଆବଶ୍ୟକତାକୁ ଅନୁଭବ କରି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର** କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଦେଖି ଓ ତାଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବିଳମ୍ବରେ ହେଲେ ମଧ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ, ଯାହାକି କାମକୁ ତ୍ୱରାନ୍ୱିତ ହେବାରେ ସାହାଯ୍ୟ କରିବ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇପାରିବେ ନାହିଁ।

**ମୀନ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ଧନ୍ୱନ୍ତରୀ ଜୟନ୍ତୀ, କାର୍ତ୍ତିକ କୃଷ୍ଣପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୩୨ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ମି. ଗତେ ଘ.୦୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୦ ଗତେ ଘ.୦୫।୧୬ ମଧ୍ୟେ ରାହୁକାଳ।



ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଶନିବାର ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍'ର ଉନ୍ମୋଚନ ଅବସରରେ (ବାମରୁ) ସାହିତ୍ୟିକ ସତ୍ୟ ମିଶ୍ର, ଲେଖିକା ଶୁଭା ଶର୍ମା, ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା।

# ଶୁଭା ଶର୍ମାଙ୍କ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଉନ୍ମୋଚିତ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଲେଖିକା ଶୁଭା ଶର୍ମାଙ୍କ ରଚିତ ଇଂଲିଶ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଶନିବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସାହିତ୍ୟିକ ସତ୍ୟ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ନାରୀ ସଂଘର୍ଷ ଓ ଅସ୍ମିତା ଉପରେ ଆଧାରିତ ଏହି ଉପନ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଲେଖିକା ଶର୍ମାଙ୍କର ଏହା ହେଉଛି ତୃତୀୟ ପୁସ୍ତକ। ପୂର୍ବରୁ ତାଙ୍କ ଲିଖିତ ୨ଟି ପୁସ୍ତକ 'ଫ୍ଲାଏ ଅନ୍ ଦି ୱାକ୍ ଆଣ୍ଡ୍ ଅଦର ଷ୍ଟୋରିଜ୍' (୨୦୧୩) ଏବଂ 'ଦି ଅଗ୍ଗିସ୍ ଅଫ୍ ଆମ୍ନଗରୀ' ବିପୁଳ ପାଠକୀୟ ଆଦୃତି ଲାଭ କରିଛି। ଏହା ବ୍ୟତୀତ ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଅନେକ ହିନ୍ଦୀ କବିତା ପ୍ରକାଶ ପାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

# ଜମିଜମା ସମସ୍ୟାର ସମାଧାନ ବାଟ ଖୋଜ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇପଡ଼ିଛି। ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜସ୍ୱ ସେବା ଠିକ୍ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ(ଆର୍‌ଓଟିଆଇ)ଠାରେ ଆୟୋଜିତ ୨ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ରାଜସ୍ୱ ଅଧିକାରୀମାନେ ଜନସାଧାରଣଙ୍କ ଜମିଜମା ସମସ୍ୟାର ସମାଧାନର ବାଟ ଖୋଜିବାକୁ ପ୍ରୟାସ କରିବା ଦରକାର। ଏହା ଫଳରେ ଠିକ୍ ସେବା ମିଳିପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦଖଲ ମୁକ୍ତକରିବା ମୁଖ୍ୟ ଦାୟିତ୍ୱ। ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ତହସିଲଦାରମାନେ ନିଜ ଅଞ୍ଚଳର ଜମିଜମା ସ୍ଥିତି ସମ୍ପର୍କରେ ଏକ ଡାଟାବେସ୍ ପ୍ରସ୍ତୁତ କରନ୍ତୁ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ସରକାର ଜନସାଧାରଣଙ୍କ ହିତ ପାଇଁ ଯେଉଁ ରାଜସ୍ୱ ଆଇନ ପ୍ରଣୟନ କରିଛନ୍ତି ସେସବୁର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ଦାୟିତ୍ୱ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲାର ଜିଲାପାଳ ଆଭାସି ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ିହୋଇଥିବା ବେଳେ ୯ ଜଣ ଅତିରିକ୍ତ ଜିଲାପାଳ(ରାଜସ୍ୱ), ୧୬ ଜଣ ଉପଜିଲାପାଳ, ୧୧୨ ଜଣ ତହସିଲଦାର, ୧୦ ଜଣ ଜିଲା ନିବନ୍ଧକ , ୬୨ ଜଣ ସହକାରୀ ନିବନ୍ଧକ, ୪ ଜଣ ଜିଲା ମଙ୍ଗଳ ଅଧିକାରୀ ଯୋଗଦେଇଥିଲେ।

# ଅଟଳ ବିହାରୀଙ୍କ ଭଳି ନେତା ଭାରତୀୟ ରାଜନୀତିରେ ବିରଳ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

## ୪ ଜଣଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର'

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଭଳି ରାଜନେତା ଭାରତୀୟ ରାଜନୀତିରେ ବିରଳ। ତାଙ୍କ ଭଳି ଜଣେ ରାଷ୍ଟ୍ରନାୟକ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବେ। ବାଜପେୟୀଙ୍କ ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ତଥା ରାଷ୍ଟ୍ର ନିର୍ମାଣରେ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୃତ୍ୟଧାମ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ଶୁକ୍ରବାର ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଦେଶ ପ୍ରତି ବାଜପେୟୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିମାନେ ଭାରତରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏହି ମହାନ୍ ନେତାଙ୍କ ଜୀବନୀ, ଆଦର୍ଶ ଓ ଦେଶ ପାଇଁ ସେବାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଶତାବ୍ଦୀର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଥିଲେ, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା।




ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

# ଗଣବଳାତ୍କାର ପୀଡ଼ିତାଙ୍କୁ ନ ଭେଟାଇ ଷଡ଼ଯନ୍ତ୍ର କରାଯାଉଛି: କଂଗ୍ରେସ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲ ଗସ୍ତକରି ଗଣବଳାତ୍କାରର ଶିକାର ପୀଡ଼ିତାଙ୍କୁ ସାକ୍ଷାତକରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଏଠାରେ ସେଭଳି କେହି ମହିଳା ନାହାନ୍ତି ବୋଲି କହି ଫାଙ୍କିଦେଇଥିଲେ। ସେହି ପୀଡ଼ିତାଙ୍କୁ ଭେଟିବା ପାଇଁ ଦେଇ ନ ଥିଲେ। ମହିଳା କଂଗ୍ରେସର ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିବା ପାଇଁ ଯେତେ ସମ୍ଭବ ଚେଷ୍ଟାକଲେ ମଧ୍ୟ ଡାକ୍ତରଖାନା ପକ୍ଷରୁ ଷଡ଼ଯନ୍ତ୍ରକରି ପୀଡ଼ିତାଙ୍କୁ ସାକ୍ଷାତକରାଇ ଦେଲେ ନାହିଁ। ମହିଳା କଂଗ୍ରେସ ପକ୍ଷରୁ ଉକ୍ତ ଘଟଣାକୁ ନେଇ କ୍ୟାପିଟାଲ ଥାନାକୁ ଯୋଗାଯୋଗ କରାଯାଇଥିଲା। ମାତ୍ର କ୍ୟାପିଟାଲ ଥାନା ଅଧିକାରୀ କହିଥିଲେ, ପୀଡ଼ିତା କ୍ୟାପିଟାଲ ହସ୍ପିଟାଲରେ ଅଛନ୍ତି। କ'ଣ ପାଇଁ ଘଟଣାକୁ ଲୁଚାଯାଉଛି ବୋଲି ମହିଳା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ୧୭ ବର୍ଷର ନାବାଳିକା ଅଶୋକନଗର ଅଞ୍ଚଳରେ ଦରମରା ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗଣମାଧ୍ୟମ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନାବାଳିକାଙ୍କ ସହ ପାଶବିକ ଅତ୍ୟାଚାର କରାଯାଇଛି। ପୋଲିସ ଉଦ୍ଧାର କରିଥିବା ଖବର ଗଣମାଧ୍ୟମରେ ମିଳିଥିବା ବେଳେ ପୋଲିସ ପକ୍ଷରୁ କୁହାଯାଇଛି, ପୀଡ଼ିତା ନିଜେ କ୍ୟାପିଟାଲ ହସ୍ପିଟାଲ ଆସିଛନ୍ତି। ଏଣୁ ରାଜଧାନୀରେ ମହିଳା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ମହିଳା କଂଗ୍ରେସ କହିଛି।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜଧାନୀ ଭୁବନେଶ୍ୱରର ଅଶୋକନଗର ଅଞ୍ଚଳରେ ଜଣେ ୧୭ ବର୍ଷୀୟ ଝିଅର ଗଣବଳାତ୍କାର ଘଟଣା ଶୁକ୍ରବାର ଲୋକଲୋଚନକୁ ଆସିବା ପରେ ଶନିବାର ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉପରେ ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଶଙ୍ଖ ଭବନ ଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା କହିଛନ୍ତି, ଗତ ୧୬ ମାସର ଭାଜପା ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଅଶୋକନଗର ଅଞ୍ଚଳରେ ଜଣେ ୧୭ ବର୍ଷର ଝିଅକୁ ଗଣବଳାତ୍କାରକରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗିଦିଆଯାଇଛି। କିନ୍ତୁ ପୋଲିସ ପ୍ରଶାସନ ଜାଣିପାରୁନାହିଁ। ରାଜଧାନୀର ଛାତି ଉପରେ ଯଦି ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହନ୍ତି ତେବେ ଅନ୍ୟ ଜାଗାରେ କିଭଳି କରିପାରିବେ। ରାଜ୍ୟରେ ବଳାତ୍କାର ଓ ଗଣବଳାତ୍କାର ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁହୋଇଛି। ଏହା ଭିତରେ ବଳାତ୍କାର, ଗଣବଳାତ୍କାର, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳଗୁଡ଼ିକ ତରଫରୁ ଏଥିନେଇ ବିଧାନସଭା ଭିତରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସେ କହିଛନ୍ତି।



ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ଶନିବାର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ମ୍ୟାନେଜିଂ କମିଟି ସଭାପତି ଅକ୍ଷୟ କୁମାର ମିଶ୍ର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ରିତମ୍ ସିହ୍ନା, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ ପ୍ରମୁଖ।

# ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ)

## ୨ ବିଭାଗକୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ

ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଉଛନ୍ତି କି? କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି? ଯଦି ଆପଣ ଏପରିକି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। 'ସୁଭଦ୍ରା ଯୋଜନା'ର ଏହି ଗାଇଡ୍‌ଲାଇନ୍ ଅନୁଯାୟୀ ଅଯୋଗ୍ୟ ଚିହ୍ନଟ ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ମୋନିସା ବାନାର୍ଜୀ ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮,୦୦୦ ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେକ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ। ଏହି ପରିପ୍ରେକ୍ଷୀରେ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ସେଥିରେ ଛାତ୍ରୀମାନଙ୍କୁ ଯେଉଁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।

# ଭୁବନେଶ୍ୱରରେ ନାବାଳିକାଙ୍କୁ ନେଇ ସେକ୍ସ ର୍‍ୟାକେଟ

ଭୁବନେଶ୍ୱର,୧୮।୧୦(ସତ୍ୟଜିତ ରାଉତ)

## ପୀଡ଼ିତା ହସ୍ପିଟାଲରେ ଭର୍ତ୍ତି ପରେ ଫିଟିଲା ଗୁମର

- ଦୁଇ ମହିଳା ଦଲାଲ, ଜଣେ ଗ୍ରାହକ, ଘର ମାଲିକ ଗିରଫ
- ଉଦ୍ଧାର ହେଲେ ୩ ଯୁବତୀ

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନାବାଳିକାଙ୍କୁ ନେଇ ଚାଲିଛି ସେକ୍ସ ର୍‍ୟାକେଟ। ନାବାଳିକା ଦେହଜୀବୀଙ୍କ ଅତ୍ୟଧିକ ରକ୍ତସ୍ରାବ ହେବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଲିଙ୍କ୍‌ରେ ତଦନ୍ତ କରାଯିବା ପରେ ସେକ୍ସ ର୍‍ୟାକେଟର ଗୁମର ପଦାକୁ ଆସିଛି। କ୍ୟାପିଟାଲ ଥାନା ପୋଲିସ ୨ ମହିଳା ଦଲାଲ, ଜଣେ ଗ୍ରାହକ ଏବଂ ଘର ମାଲିକଙ୍କୁ ଶନିବାର ଗିରଫ କରିଛି। ଦୁଇ ଦଲାଲ ହେଲେ ମଞ୍ଚେଶ୍ୱର ପାଲା ମଣ୍ଡପ ନିକଟରେ ରହୁଥିବା ପୁରୀ ଜିଲା ବଳଙ୍ଗା ଅଞ୍ଚଳର ମଞ୍ଜୁ ସେଠୀ (୪୭), ବରମୁଣ୍ଡା କାଳୀ ମନ୍ଦିର ନିକଟରେ ରହୁଥିବା କଟକ ଜିଲା ବାଙ୍କି ପାଟପୁରର ମମତା ସାହୁ (୪୨)। ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ସେକ୍ସ ର୍‍ୟାକେଟ ଚାଲିଥିବା ଲକ୍ଷ୍ମୀସାଗର ପ୍ଲଟ ନଂ ଇବି ୩୨୪ସ୍ଥିତ ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ (୫୪) ଓ ଗ୍ରାହକ ନୟାଗଡ଼ ଜିଲା ବସନ୍ତପୁର ଘୁଙ୍ଗୁଡ଼ିପଡ଼ାର ଅବିନାଶ ମୁଦୁଲି (୨୮)। ୩ଜଣ ଯୁବତୀଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାରେ କ୍ୟାପିଟାଲ ଥାନା ଓ ଲକ୍ଷ୍ମୀସାଗର ଥାନା ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇଛି। କ୍ୟାପିଟାଲ ହସ୍ପିଟାଲ ଡାକ୍ତରଙ୍କ ଏମ୍‌ଏଲ୍‌ସି ରିପୋର୍ଟ ଆଧାରରେ କ୍ୟାପିଟାଲ ପୋଲିସ ପକ୍ଷରୁ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଲକ୍ଷ୍ମୀସାଗର ଥାନା ପକ୍ଷରୁ ଇମୋରାଲ୍ ଟ୍ରାଫିକ୍(ପ୍ରିଭେନ୍‌ଶନ) ଆକ୍ଟର ଦଫା ୪ରେ ମାମଲା ରୁଜୁ କରାଯାଇଛି। କ୍ୟାପିଟାଲ ଥାନା ପକ୍ଷରୁ ୪ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ପୀଡ଼ିତା ଜଣକ ଝାଡ଼ଖଣ୍ଡର ଏବଂ ତାଙ୍କ ବୟସ ୧୬ ବର୍ଷ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେ କେଉଁଭଳି ସ୍ଥିତିରେ ଏବଂ କାହା ଲିଙ୍କ୍‌ରେ ଦେହ କାରବାରରେ ଲିପ୍ତ ଥିଲେ, ସେନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଦୁଇ ମହିଳା ଦଲାଲ ସଞ୍ଜୀବଙ୍କ ଘରେ ଦେହ ବ୍ୟବସାୟ ଚଲାଇଥିଲେ। ସେମାନେ ଏକ ପରିବାର ସଦସ୍ୟ ଭଳି ଚଳୁଥିଲେ। କିଛିଦିନ ତଳେ ଗ୍ରାହକ ଅବିନାଶ ସେଠାକୁ ଆସି ନାବାଳିକା ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ନାବାଳିକା ଜଣକ ଗୁରୁତର ହୋଇପଡ଼ିଥିଲେ। ତାଙ୍କର ବଳ ରକ୍ତସ୍ରାବ ହୋଇଥିଲା। ୩ ଦିନ ତଳେ ମହିଳା ଦଲାଲ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣି ଦେଖାଇ ପୁଣି ନେଇଯାଇଥିଲେ। ତେବେ ଦେହ ଅଧିକ ଅସୁସ୍ଥ ହେବାରୁ ଅଭିଯୁକ୍ତ ଦଲାଲଦ୍ୱୟ ଗୁରୁବାର ସନ୍ଧ୍ୟାରେ ଏକ ରାପିଡୋ ଅଟୋ ବୁକ୍ କରି ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇ ଦେଇଥିଲେ। ଅଟୋଚାଳକ ଜଣକ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଛାଡ଼ି ପଳାଇ ଯାଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ତେବେ ନାବାଳିକାଙ୍କ ପାଖରେ କେହି ନ ଥିବାରୁ ଓ ତାଙ୍କର ପରିଚୟ କିଛି ଜଣା ନ ପଡ଼ିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା। ପୀଡ଼ିତାଙ୍କୁ ବଳାତ୍କାର କରାଯାଇଥିବା ମଧ୍ୟ ସନ୍ଦେହ କରାଯାଇଥିଲା। ତେବେ ଭଡ଼ାରେ ପୀଡ଼ିତାଙ୍କୁ ଆଣିଥିବା ଅଟୋଚାଳକ ଜଣକୁ ଚିହ୍ନଟ କରି ପଚରାଉଚରା କରାଯିବା ପରେ ସେ ମହିଳା ଦଲାଲଙ୍କ ଠିକଣା କହିଥିଲେ। ପୋଲିସ ଟିମ୍ ଲକ୍ଷ୍ମୀସାଗରରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣା ପଛର ରହସ୍ୟ ପଦାକୁ ଆସିଥିଲା। ରାଜଧାନୀରେ ଏଭଳି ଅନେକ ସେକ୍ସ ର୍‍ୟାକେଟ ଚାଲୁଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

> ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। —ଶ୍ରୀମା



# ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ



ଆକାର ପଟେଲ

ଭାରତ ଓ ଜି୨୦ ସମ୍ପର୍କରେ କ'ଣ ମନେଅଛି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ହୁଏତ ମୋ ଭଳି ଅନେକ ପାଠକ ଉତ୍ତର ଦେବେ ଯେ, ଦୁଇ ବର୍ଷ ପୂର୍ବେ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିଲାବେଳେ ଏ ସମ୍ପର୍କରେ ପ୍ରଚାରପତ୍ର ଓ ହୋର୍ଡିଂ ଲଗାଇଥିଲା। ତେବେ ସେହି ଅଧ୍ୟକ୍ଷତାରୁ କି ସୁଫଳ ମିଳିଲା କିମ୍ବା ଆମେ ଯେଉଁ ଯୋଜନା ଆରମ୍ଭ କରିଥିଲୁ ପରେ ତାହା ରହିଛି କି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ମୁଁ ତାହାର କୌଣସି ଉତ୍ତର ଦେଇପାରିବି ନାହିଁ। କାରଣ ତୁମ ଭଳି ମୁଁ ମଧ୍ୟ କିଛି ଜାଣିନାହିଁ। ଗୋଟିଏ ବିଷୟ ପାଇଁ ଜି୨୦ ଏକ ସୁଯୋଗ ଥିଲା ଏବଂ ତାହା ହାସଲ ହୋଇନାହିଁ। କିଛିଦିନ ପୂର୍ବରୁ ଭାରତ ଜାତିସଂଘକୁ ଯାଇ ତାହାର ବ୍ୟବସ୍ଥାଗତ ପୁନର୍ଗଠନ ପାଇଁ କହିଥିଲା। ଭାରତ ଯେତେବେଳେ ଜାତିସଂଘ ପୁନର୍ଗଠନ ବିଷୟରେ କହୁଛି ସେଥିରୁ ବୁଝିବାକୁ ହେବ ଯେ, ଭିଟୋ ସହ ଆମେ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ଚାହୁଁଛୁ। ଭାରତର ବୈଦେଶିକ ମନ୍ତ୍ରୀ କହିଥିଲେ, ଦକ୍ଷିଣ ଆଫ୍ରିକା ପ୍ରତି କରାଯାଇଥିବା ଅନ୍ୟାୟ ଦୂର ହେବା ଉଚିତ। ପରିଷଦର ଉଭୟ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। ପୁନର୍ଗଠିତ ପରିଷଦ ବାସ୍ତବରେ ପ୍ରତିନିଧିଭିତ୍ତିକ ହେବା ଉଚିତ ଏବଂ ଭାରତ ଅଧିକ ଉତ୍ତରଦାୟିତ୍ୱ ବହନ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଥିଲେ। କୌଣସି ଦେଶର ଲକ୍ଷ୍ୟ ରହିବା ଭଲ କଥା, କିନ୍ତୁ ପ୍ରଶ୍ନ ହେଉଛି ଆମେ ତାହା ପାଇଁ କ'ଣ କରୁଛୁ। ଭାଜପାର ୨୦୨୪ ଇସ୍ତାହାରରେ ଏ ସମ୍ପର୍କରେ ଗୋଟିଏ ଧାଡ଼ି ରହିଛି। ତାହା ହେଉଛି– ''ବୈଶ୍ୱିକ ନୀତି ନିର୍ଦ୍ଧାରଣରେ ଭାରତର ସ୍ଥିତି ମଜଭୁତ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇବା ସକାଶେ ପ୍ରତିବଦ୍ଧ।''ତେବେ ଏହା କେମିତି ହାସଲ କରିହେବ ସେ ସମ୍ପର୍କରେ ବିସ୍ତୃତ ଭାବେ କୁହାଯାଇ ନାହିଁ। ଭାରତକୁ ଅଧିକ କ୍ଷମତା ଦିଆଯିବା ଉଚିତ ବୋଲି ଭାରତ ଦାବି କରୁଛି। କିନ୍ତୁ ଏ ସମ୍ପର୍କରେ ୫ଟି ସ୍ଥାୟୀ ସଦସ୍ୟ ଏବଂ ସାଧାରଣ ସଭାର ଦୁଇ ତୃତୀୟାଂଶକୁ ଭାରତ କ'ଣ କହି ବୁଝେଇବ, ସେ ବିଷୟରେ କିଛି ସୂଚିତ କରିନାହିଁ। ବିଶ୍ୱରେ ଭାରତକୁ ଯେତିକି ମିଳିବା ଉଚିତ ଭାରତ ତାହାଠାରୁ ଅଧିକ ଯୋଗ୍ୟ ବୋଲି ଧାରଣା ରହିଛି। କିନ୍ତୁ ଏହି ବିଷୟରେ ବୈଦେଶିକ ନୀତିର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିବାଭଳି ମନେହେଉନାହିଁ। ଧରି ନିଆଯାଉ, ଆମେ ସେହି ଆସନ ପାଇଲେ । ହେଲେ ଏଥିରେ ଆମେ ଯାହା କରିବା କଥା ତାହା ବର୍ତ୍ତମାନ କରିପାରିବୁ କି ନାହିଁ ତାହା ଉପରେ କୌଣସି ସ୍ୱଷ୍ଟତା ନାହିଁ। ବିଶ୍ୱରେ ଏବେ ଗାଜା ଓ ୟୁକ୍ରେନ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କିନ୍ତୁ ଏହା ଉପରେ ଜାତିସଂଘରେ ଭୋଟିଂରୁ ଭାରତ ବିରତ ରହିଛି। ବିଶ୍ୱକୁ ଜଣାଇବା ପାଇଁ ଜଣଙ୍କ ପାଖରେ କିଛି ନ ଥିବାବେଳେ, ଭିଟୋ ଥାଉ ବା ନ ଥାଉ, ତାହାର କୌଣସି ଫରକ ପଡ଼ିବ ନାହିଁ।

ଚାଇନା ୟୁଏନ୍ଏସ୍‌ସି ସଦସ୍ୟତାକୁ ଆଧାର କରି ସୁପର୍‌ପାୱାର ହୋଇନାହିଁ, ବରଂ ୧୯୯୦ରୁ ଶିଳ୍ପନୀତି ଏବଂ ଆର୍ଥିକ ଅଭିବୃଦ୍ଧି ବଳରେ ଏହା ହାସଲ କରିଛି। ଭାଜପା ମଧ୍ୟ ୨୦୧୪ ଇସ୍ତାହାରରେ ଦର୍ଶାଯାଇଥିଲା ଯେ, ପୂର୍ବର ୟୁପିଏ ସରକାରଙ୍କ ବୈଦେଶିକ ନୀତିରେ ସ୍ୱଷ୍ଟତା ବଦଳରେ ଦ୍ୱନ୍ଦ୍ୱ ଦେଖିଛୁ ଏବଂ ନେତୃତ୍ୱର ଅଭାବରୁ ଭାରତ ସମସ୍ୟାରେ ଥିବା ଦେଖାଯାଇଛି ; ଯେଉଁଥିପାଇଁ ଏହା ଆତ୍ମବିଶ୍ୱାସର ସହ ବିଶ୍ୱ ସହିତ ଜଡ଼ିତ ହେବାର ଥିଲା। ହେଲେ ମନମୋହନ ସିଂଙ୍କ ଶାସନ କାଳରେ ଭାରତ ପଡ଼ୋଶୀଦେଶଗୁଡ଼ିକ ସହିତ ସ୍ଥାୟୀ ବନ୍ଧୁତ୍ୱ ଓ ସହଯୋଗୀ ସମ୍ପର୍କ ରଖିବାରେ ବିଫଳ ହୋଇଥିଲା। ଫଳରେ ଭାରତ ଓ ଏହାର ପଡ଼ୋଶୀମାନେ ପରସ୍ପରଠାରୁ ଅଲଗା ହୋଇ ରହିଲେ। ଭାଜପା ଏହାକୁ ସୁଧାରିବା ସହ ସାର୍କକୁ ମଜଭୁତ କରିଛି ବୋଲି ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ବାସ୍ତବତା ହେଉଛି, ନଭେମ୍ବର ୨୦୧୪ରୁ ସାର୍କର ବୈଠକ ହୋଇନାହିଁ, କାରଣ ଏଥିରେ ଆମର କୌଣସି ଆଗ୍ରହ ନାହିଁ। ସେହି ସମ୍ମିଳନୀର ଶେଷ ବୈଠକ ପରଠାରୁ ଆଫଗାନିସ୍ତାନ, ବାଂଲାଦେଶ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କାର ନେତାମାନେ ପରିବର୍ତ୍ତନ ହୋଇଛନ୍ତି। ହେଲେ ଭାରତର ସେହି ସମାନ ବ୍ୟକ୍ତି ଶାସନରେ ଅଛନ୍ତି। ଆମେ ଆମ ପଡ଼ୋଶୀଙ୍କୁ ଏକାଠି କରି ରଖିପାରି ନାହୁଁ। କିନ୍ତୁ ବିଶ୍ୱାସ କରୁଛୁ ଯେ, ଯଦି ଜାତିସଂଘରେ ଅଧିକ କ୍ଷମତା ଦିଆଯାଏ ତେବେ ଆମେ ବିଶ୍ୱରେ ସୁଧାର ଆଣିପାରିବୁ। ଆସିଆନ ସହ ସମ୍ପର୍କ ରଖିବା ପାଇଁ ପାର୍ଟି ଅଧିକ କିଛି କରିବ ବୋଲି ଭାଜପା ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ୨୦୧୯ରେ ଆମେ ଆସିଆନ ନେତୃତ୍ୱରେ କରାଯାଇଥିବା ଆଞ୍ଚଳିକ ବ୍ୟାପକ ଆର୍ଥିକ ଭାଗୀଦାରି (ଆର୍‌ସିଇପି)ଭଳି ମୁକ୍ତ ବାଣିଜ୍ୟ ଚୁକ୍ତିରେ ଯୋଗଦେବାକୁ ଚାହିଁଲୁ ନାହିଁ।

ଇସ୍ତାହାରଗୁଡ଼ିକରେ 'ବସୁଧୈବ କୁଟୁମ୍ବକମ୍ ' ଦୁଇଟି ଶବ୍ଦ ରହିଛି। ଭାରତ ମାନବ ଜାତିକୁ ଗୋଟିଏ ପରିବାର ଭାବେ ଦେଖୁଛି କିନ୍ତୁ ନାଗରିକ ସଂଶୋଧନ ଆଇନରୁ ବାଂଲାଦେଶୀ ଶରଣାର୍ଥୀଙ୍କ ସମେତ ଅନ୍ୟ ଯେଉଁମାନେ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଛାଡ଼ି ଚାଲିଯିବା ଲାଗି କହୁଛୁ। ତେବେ ଏହି ଦୁଇ ଶବ୍ଦର କୌଣସି ମୂଲ୍ୟ ନାହିଁ ଏବଂ ଏହା କେବଳ ନିରର୍ଥକ ମନ୍ତବ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ। ଯଦି ସେଠାରେ ପହଞ୍ଚିବା ପାଇଁ ଆମ ପାଖରେ କୌଣସି ବାଟ ନାହିଁ ଏବଂ ଭିଟୋକୁ ନେଇ ଆମେ କ'ଣ କରିବୁ ତାହା ଯଦି ଜାଣିନାହୁଁ, ତେବେ ଆମେ କାହିଁକି ବଡ଼ ଦାୟିତ୍ୱ ପାଇଁ ଚିଲୋଉଛୁ? ୟୁଏନ୍ଏସ୍‌ସିର ସ୍ଥାୟୀ ସଦସ୍ୟତା ଆମକୁ ଗର୍ବର ସହ ଚାଲିବାକୁ ଏକ ମଞ୍ଚ ଦେବ ଏବଂ ଆମେ ବିଶ୍ୱର ନେତା ବୋଲି ବାହାନା କରିବା ସହିତ ବିଶ୍ୱ ସମୁଦାୟର ଅଗ୍ରଣୀ ନେତୃତ୍ୱ ଭାବେ ଦର୍ଶାଇବାକୁ ସୁଯୋଗ ଦେବ। ଏହା ହେଉଛି ଆଉ ଏକ ଜାଗା, ଯେଉଁଠି ଆମେ ଭରସାଯୋଗ୍ୟ ବୋଲି ବାହାନା କରିପାରିବା। ଆମ ବ୍ୟକ୍ତିତ୍ୱ ଓ ନିଜସ୍ୱ କୂଟନୀତିକୁ ପ୍ରଦର୍ଶନ କରିପାରିବା। ବିଶ୍ୱ ଏହା ଜାଣେ। ଏହା ଆମକୁ ଅନୁଧ୍ୟାନ କରିଛି, ଆମର ସବୁ କଥା ଶୁଣିଛି, କୌଣସି ଘଟଣାରେ ଆମ ନୀରବତା ଏବଂ ଦୂରେଇ ରହିବାର ସ୍ୱଭାବକୁ ଦେଖିଛି। କୌଣସି ଏକ ଦେଶ ଅନ୍ୟମାନଙ୍କ ତୁଳନାରେ ଗୋଟିଏ ବିଷୟରେ ନିଜକୁ ଯୋଗ୍ୟ ମଣିବାର ବିଚାର ଠିକ୍ ଲାଗୁନାହିଁ। ଏହି କାରଣରୁ ସରକାର ୟୁଏନ୍ଏସ୍‌ସିରେ ଏକ ସ୍ଥାୟୀ ଆସନ ପାଇବା ପାଇଁ କୌଣସି ରାସ୍ତା ବାହାର କରିନାହାନ୍ତି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | |
| | | | 2 | | 9 | | | |
| 5 | 9 | 7 | | | 8 | | | |
| 9 | | | 4 | | | | 2 | 3 |
| | | 1 | | | | 6 | | |
| | | 2 | 9 | | | | | |
| | 6 | 5 | | | 2 | 8 | | |
| 4 | | | | 8 | | | 1 | |
| | | | 3 | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 6 | 1 | 5 | 4 | 2 |
| 4 | 1 | 2 | 9 | 7 | 5 | 3 | 8 | 6 |
| 6 | 3 | 5 | 4 | 8 | 2 | 9 | 1 | 7 |
| 7 | 6 | 3 | 1 | 4 | 8 | 2 | 5 | 9 |
| 8 | 5 | 9 | 6 | 2 | 3 | 1 | 7 | 4 |
| 2 | 4 | 1 | 5 | 9 | 7 | 6 | 3 | 8 |
| 1 | 9 | 4 | 7 | 5 | 6 | 8 | 2 | 3 |
| 3 | 8 | 6 | 2 | 1 | 4 | 7 | 9 | 5 |
| 5 | 2 | 7 | 8 | 3 | 9 | 4 | 6 | 1 |

ଗତକାଲିର ଉତ୍ତର

# ଜୀବନର ଗତିପଥ



ଡ. ସୁବାସ ଚନ୍ଦ୍ର ପାତ୍ର


ଆଉ ଯାହା ହେଉ ନ ହେଉ, ଜୀବନର ଗତିପଥ କ୍ୱଚିତ ଏକ ପ୍ରତ୍ୟାଶିତ ସରଳରେଖାରେ ଗତିକରେ। ଯାତ୍ରୀକୁ ମଧୁର ପ୍ରତାରଣା ପ୍ରଦାନ କରିବା ଏହି ଗତିପଥର ପ୍ରମୁଖ ଲକ୍ଷଣ! ଏବେ ସେମିତି କିଛି ପ୍ରତାରଣାର ସ୍ୱାଦୁ ଚାଖିବା, ଯାହା ଯାତ୍ରୀ ପାଇଁ ଥାଏ ଅକଳ୍ପନୀୟ।

ରାଜା ଚାଲିଛନ୍ତି ସୈନ୍ୟସାମନ୍ତ ଧରି ହାତୀପିଠିରେ। ନଅରରୁ କିଛି ବାଟ ଗଲାପରେ ସେ ଦେଖନ୍ତି ସମାନ୍ତରାଳ ଭାବେ ଚାଲି ଚାଲି ଯାଉଛନ୍ତି ତାଙ୍କ ରାଜସଭାର ମୁଖ୍ୟ ପରାମର୍ଶଦାତା, ଯିଏ ତାଙ୍କର ବନ୍ଧୁ ଏବଂ ଦିଗ୍‌ଦର୍ଶକ ମଧ୍ୟ। ରାଜା ବନ୍ଧୁସୁଲଭ ଉଷ୍ମତା ନେଇ ପଚାରିଲେ, 'କୁଆଡ଼େ ଚାଲିଲ ?' ପରାମର୍ଶଦାତା କହିଲେ, ''ମୁଁ କ'ଣ ଜାଣେ ?'' ସମ୍ପର୍କର ନିବିଡ଼ତାଜନିତ ଏହା ଏକ ଖାମଖିଆଲ ଉତ୍ତର ଭାବି ରାଜା ପୁଣି ପ୍ରଶ୍ନଟି ଦୋହରାଇଲେ। ମିଳିଥିଲା ସମାନ ଉତ୍ତର। ଏଣେ ସୈନ୍ୟସାମନ୍ତ, ଅନ୍ୟ ଅଧିକାରୀଗଣ ରାଜାଙ୍କ ରାସ୍ତା ମଝିରେ ଅଟକିବା ଏବଂ ଏପରି ବାର୍ତ୍ତାଳାପ କରିବା ରାଜପଦର ଅବମାନନା ବୋଲି ଭାବି ଅଶାନ୍ତ ହୋଇ ପଡୁଥିଲେ। ରାଜାଙ୍କ ଅହଂକାରକୁ ମଧ୍ୟ ଏହା ସାମାନ୍ୟ ଆଘାତ ଦେଲା। ଉତ୍‌କ୍ଷିପ୍ତ ହୋଇ ସେ କହିଲେ, ''ୟାଙ୍କୁ କାରାଗାରରେ ନିକ୍ଷେପ କର।'' ରାଜା ତାଙ୍କ ବାଟରେ ଆଗେଇଗଲେ। ସନ୍ଧ୍ୟା ଦରବାରରେ ମନ୍ତ୍ରୀ ରାଜାଙ୍କ ଏହି ସିଦ୍ଧାନ୍ତର ମୃଦୁ ପ୍ରତିବାଦ କଲେ। ନିଜ ପରାମର୍ଶଦାତାଙ୍କୁ ଅଯଥାରେ ରାସ୍ତାରେ ଅଟକାଇ ପ୍ରଶ୍ନ ପଚାରିବା ଏବଂ ପ୍ରତ୍ୟାଶିତ ଉତ୍ତର ନ ପାଇ ତାଙ୍କୁ ଜେଲରେ ପୂରାଇବା ନିତାନ୍ତ ଅନ୍ୟାୟ ବୋଲି ସେ ମତବ୍ୟକ୍ତ କଲେ। ରାଜା ତାଙ୍କ ମୁକ୍ତିର ନିର୍ଦ୍ଦେଶ ଦେଲେ। ପାଖରେ ବସାଇ ସମସ୍ତ ଘଟଣାଟିକୁ ହାଲୁକା କରି ପୁଣି ପଚାରିଲେ, 'ଆଚ୍ଛା ସତ କହିଲ, ତୁମେ ଯାଉଥିଲ କୁଆଡ଼େ ?' ଉପଦେଷ୍ଟା କହିଲେ, ''ଏତେ ଘଟଣା ପରେ ବି ଆପଣ ଉତ୍ତର ପାଇ ପାରୁନାହାନ୍ତି। ମୁଁ କ'ଣ ଘରୁ ବାହାରିଲା ବେଳେ ଜାଣିଥିଲି ମୋର କିଛି ଘଣ୍ଟାର କାରାଗାର ଯୋଗ ଅଛି ବୋଲି? ମୁଁ ଯାଉଥିଲି କୁଆଡ଼େ, ପହଞ୍ଚିଲି କେଉଁଠି ?'' ଏ ଥିଲା ମନୋଜ ଦାସ ପରିବେଷିତ ଏକ କାହାଣୀର ପ୍ରତିଧ୍ୱନି।

ନିଜ ସ୍କୁଲମାଷ୍ଟରଙ୍କ ପ୍ରହାର ହେଉ ବା କିଶୋରସୁଲଭ ଉଦ୍ଦାମତାରେ ଜଣେ ସାମନ୍ତଶ୍ରେଣୀୟ ବ୍ୟକ୍ତିଙ୍କ ଫାର୍ମରୁ ଏକ ହରିଣ ଚୋରି ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନଠୁ ବର୍ତ୍ତିବା ପାଇଁ ହେଉ, ପ୍ରଖ୍ୟାତ ନାଟ୍ୟକାର ଉଇଲିୟମ୍ ସେକ୍ସପିୟର ନିଜ ଗାଁ ମାଟିଠୁ ପଳାୟନ କଲେ ଲଣ୍ଡନ, ନିଜ ଭାଗ୍ୟ ଅନ୍ୱେଷଣରେ। ଥିଏଟରଗାମୀ କଳାପ୍ରେମୀଙ୍କ ଘୋଡ଼ା ଜଗିବା ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ନାଟ୍ୟକାରର ସିଂହାସନରେ ବସାଇବ, ଏହା କ'ଣ ସେ ଜାଣିଥିଲେ ? ଅବା ସେ କ'ଣ ଜାଣିଥିଲେ ଯେଉଁ ଭଦ୍ରମହିଳାଙ୍କୁ ବାହାହେବେ ସେ ତାଙ୍କଠୁ ୮ବର୍ଷ ବଡ଼ ? ଏପରି କି ଛୋଟମୋଟ ଅଭିନୟ, ନାଟ୍ୟ ନିର୍ଦ୍ଦେଶନା କ'ଣ ତାଙ୍କୁ ଜଣେଇଥିଲା ଯେ ମାତ୍ର ୫୨ ବର୍ଷ ବୟସରେ ପୃଥିବୀ ଛାଡ଼ିବାର ଢେର ପୂର୍ବରୁ ସେ ପୃଥିବୀର ସର୍ବଶ୍ରେଷ୍ଠ ନାଟ୍ୟକାରର ମୁକୁଟ ପିନ୍ଧିବେ ?

ଜୀବନର ଦୋଛକି କାହା ଆଗରେ ବା ଉଭା ହୁଏନି। କିନ୍ତୁ ସମସ୍ତେ କ'ଣ ରର୍ବଟ ଫ୍ରଷ୍ଟ ହୋଇପାରିବେ, ଯାହାଙ୍କ କବିତାର (ରୋଡ୍ ନଟ୍ ଟେକେନ୍) କେତେକ ପଂକ୍ତି ଜବାହରଲାଲ ନେହେରୁଙ୍କ ଭଳି ଅନେକ ପାଠକଙ୍କ ମାର୍ଗଦର୍ଶିକା ହୋଇ ଚିରଦିନ ରହିବ? କବିତାରେ ଏହି 'ଦୋ ଛକି'ର ବ୍ୟାଖ୍ୟା କରିବାକୁ ଯାଇ ସେ କହନ୍ତି, କିପରି ଦୁଇଟି ରାସ୍ତା କବିଙ୍କ ଆଗରେ ପଡ଼ିଥିଲା। ଗୋଟିଏ ବହୁଳ ବ୍ୟବହୃତ ଓ ଅନ୍ୟଟି ଅମଡ଼ା, ଘାସଗୁଳ୍ମରେ ଭରପୂର। ସେ ଏହି ଅମଡ଼ା ବାଟଟିକୁ ପସନ୍ଦ କଲେ ଯାହା ତାଙ୍କର ଅନ୍ୟଠୁ ପୃଥକତା ପାଇଁ ଦାୟୀ। କିନ୍ତୁ ସେ ତାଙ୍କ ମନୋନୀତ ରାସ୍ତାଟି ଏକ ମହତ୍ତର ବିକଳ୍ପ ବୋଲି କହି ନାହାନ୍ତି। ସେ ଖାଲି ଘଟଣାଟି ବର୍ଣ୍ଣନା କରିଛନ୍ତି ଏବଂ ସେହି କ୍ରମରେ ସେ କହିବାକୁ ଚାହାନ୍ତି, ଦୋ'ଛକିର ରାସ୍ତା ଦ୍ୱୟ ପରସ୍ପରଠୁ ଦୂରେଇ ଯାଉଥିବା ଦୁଇଟି ମାର୍ଗ। ଗୋଟିକୁ ପସନ୍ଦ କଲାପରେ ପୁଣି ପ୍ରାରମ୍ଭରେ ପହଞ୍ଚି ଦ୍ୱିତୀୟ ମାର୍ଗରେ ଯିବା ସାଧାରଣତଃ ସମ୍ଭବ ନୁହେଁ। ଅର୍ଥାତ୍ ନଦୀର ଗତିପଥ ପରି ଜୀବନର ଗତିପଥଗୁଡ଼ିକ ସାଧାରଣତଃ ଅପରିବର୍ତ୍ତନୀୟ।

ମୁଣ୍ଡ ବାଡ଼େଇ ନିଜର ହଜିଲା ପ୍ରେମିକାକୁ ଖୋଜି ଖୋଜି ନୟାନ୍ତ ହୋଇପଡିଥିବା ପ୍ରେମିକ ଜଣକର ଏକ ରେଷ୍ଟୋରାଁରେ ପରଷା ଯାଇଥିବା ଖାଦ୍ୟ ତାଲିକାର ଏକ ତ୍ରୁଟିରୁ ନିଜ ହୃଦୟର ରାଣୀଙ୍କୁ ଆବିଷ୍କାର କରିବା, ଏକ ଅତ୍ୟାଶ୍ଚର୍ଯ୍ୟ ଘଟଣା ନିଶ୍ଚୟ। ଦୀର୍ଘଦିନ ଧରି ସେ ପ୍ରେମିକାଠୁ ବିଚ୍ଛିନ୍ନ। ତାଙ୍କର କୌଣସି ଖୋଜଖବର ନ ପାଇ ଭଗ୍ନ ହୃଦୟରେ ପ୍ରେମିକ (ୱାଲଟ୍‌ର) ଏକ ରେଷ୍ଟୋରାଁରେ ପହଞ୍ଚିଲେ କ୍ଷୁଧା ନିବାରଣ ପାଇଁ। ମାତ୍ର କିଏ ଜାଣିଥିଲା ଏହି ରେଷ୍ଟୋରାଁରେ ହିଁ ଭାଗ୍ୟଚକ୍ରରେ ନିଜଠୁ ବିଚ୍ଛିନ୍ନ ହୋଇଥିବା ତାଙ୍କ ପ୍ରେମିକା 'ସାରା'ର ସନ୍ଧାନ ସେ ପାଇବେ। ଅନ୍ୟମନସ୍କତା ମଣିଷ ପାଇଁ



ବେଳେବେଳେ ଆଶୀର୍ବାଦ ପାଲଟେ। ଘଟଣାକ୍ରମେ ସେହି ଜଳଖିଆ ଦୋକାନରେ ତାଙ୍କ ପ୍ରେମିକା 'ସାରା' ଚାକିରି କରୁଥିଲେ, ମୁଖ୍ୟକାମ ଥିଲା ପ୍ରତିଦିନ ପରିଚାଳକ ପ୍ରଦତ୍ତ 'ନୂଆ ଖାଦ୍ୟତାଲିକା' ଟାଇପ୍ କରିବା। ଘଟଣାକ୍ରମେ ସେହି ମିଳନୀ ଦିବସରେ ଅନ୍ୟମନସ୍କ ହୋଇ ଖାଦ୍ୟତାଲିକାର ଏକ ଖାଦ୍ୟ–'ଡେଣ୍ଡେଲିଅନ ୱିଥ୍ ହାର୍ଡ଼ ବଏଲଡ୍ ଏଗସ୍' (ବସନ୍ତ ଋତୁରେ ଫୁଟୁଥିବା ଡେଣ୍ଡେଲିଅନ୍ ଏକ ଫୁଲ ଯାହା ସିଝା ଅଣ୍ଡା ସହ ଖିଆଯାଏ) ବଦଳରେ 'ଡିଏରେଷ୍ଟ ୱାଲଟାର ୱିଥ୍ ହାର୍ଡ ବଏଲଡ୍ ଏଗସ୍' ଟାଇପ କରି ଦେଇଥିଲେ। ପ୍ରେମିକ ୱାଲଟରଙ୍କ ପାଇଁ ଖାଦ୍ୟତାଲିକାର ଏହି ଭୁଲ୍ ହିଁ ତାଙ୍କୁ ଠିକ୍ ମାର୍ଗରେ ପହଞ୍ଚି ଦେଇଥିଲା। ସେ ଅନୁସନ୍ଧାନ କରି ଜାଣିଥିଲେ, 'ସାରା' ହିଁ ଏହି ଖାଦ୍ୟ ତାଲିକା ଟାଇପ କରିଛି। 'ଓ ହେନ୍‌ରୀ'ଙ୍କ ଏହି ଗଳ୍ପ 'ସ୍ପ୍ରିଙ୍ଗ ଟାଇମ୍' (ବସନ୍ତ ସମୟ)ର ଏକ ବିକଳ୍ପ ଶିରୋନାମା ବୋଧହୁଏ ହେବ, 'ଭୁଲ୍ ଯେଉଁଠି ଠିକ୍'!!

ବେଳେବେଳେ କଳାର ଗତିପଥ ଜୀବନର ଗତିପଥକୁ ସାଂକେତିକ ଭାବରେ ପ୍ରକାଶ କରେ, ବିଶେଷତଃ ଜୀବନର ବୃତ୍ତାକାର ଗତିକୁ ସୂଚିତ କରି। ସେଇଥି ପାଇଁ ଟି.ଏସ୍. ଏଲିଅଟ୍ କହନ୍ତି 'ଅନ୍ତ ହିଁ ମୋର ଆରମ୍ଭ' (ଇନ୍ ମାଇ ଏଣ୍ଡ୍ ଇଜ ମାଇ ବିଗିନିଙ୍ଗ) ଏବଂ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ରିଚାର୍ଡ ଏଟେନବୋରୋ 'ଗାନ୍ଧୀ' ଚଳଚ୍ଚିତ୍ରରେ ଗାନ୍ଧୀଙ୍କ ହତ୍ୟା ଦୃଶ୍ୟକୁ ଚଳଚ୍ଚିତ୍ରର ପ୍ରଥମ ଦୃଶ୍ୟ ହିସାବରେ ପରିବେଷଣ କରିଥିଲେ। ଆଣ୍ଟୋନ ଚେକୋଭଙ୍କ ଗୋଟିଏ ଗଳ୍ପ ଏକ 'କାରୁକାର୍ଯ୍ୟ' (ଏ ୱାର୍କ ଅଫ୍ ଆର୍ଟ) ସାଂକେତିକ ଭାବରେ ଜୀବନର ଚକ୍ରାକର ଗତିର ସୂଚନା ଦିଏ। ନାଟକୀୟ ଭାବରେ ଆରମ୍ଭ ହୋଇଥିବା ଗପରେ ଛୋଟପିଲାଟି ପଶି ଆସୁଛି ଜଣେ ଡାକ୍ତରଙ୍କ ଚ୍ୟାମ୍ବରକୁ ଏବଂ କହୁଛି ତାଙ୍କ ଚିକିତ୍ସାରେ ସେ ଆରୋଗ୍ୟ ଲାଭ କରିଥିବାରୁ ତାଙ୍କ ମାଆ ଏହି କଳାତ୍ମକ ବସ୍ତୁଟି, ଯାହା ଗୋଟିଏ କ୍ୟାଣ୍ଡେଲ ଷ୍ଟାଣ୍ଡ, ଉପହାର ଭାବେ ପ୍ରଦାନ କରିଛନ୍ତି। ଆପାତଦୃଷ୍ଟିରୁ ଷ୍ଟାଣ୍ଡର ନାରୀମୂର୍ତ୍ତିର ସାମାନ୍ୟ ଅଶ୍ଳୀଳ ଭଙ୍ଗୀ ଡାକ୍ତରଙ୍କୁ ଅଡୁଆ ଲାଗୁଥିଲାବେଳେ ପିଲାଟି କହି ଉଠିଛି, 'କି କବିତା! କି ଗତି! କି ପରିପ୍ରକାଶ!' ଗଲାବେଳେ ପୁଣି କହିଛି, ସେ ପୁଣି ଦିନେ ଫେରିବ ଏହାର ସାଥୀ ଷ୍ଟାଣ୍ଡଟି ନେଇ। ଅଶ୍ଳୀଳତା ଭାରରେ ଡାକ୍ତର ଛଟପଟ। ପିଲାଟିର ଭାଷାର ପୁନରାବୃତ୍ତି କରି ଡାକ୍ତର ଏହାକୁ ଭେଟି ଦେଇଛନ୍ତି ଜଣେ ଓକିଲଙ୍କୁ ଏବଂ ଓକିଲ ଜଣକ ସେହି ଏକାଭାବରେ ଅତିଷ୍ଠ ହୋଇ ତାକୁ ଦାନ କରିଛନ୍ତି ଜଣେ ହାସ୍ୟ କଳାକାରଙ୍କୁ, ଯିଏ ଅନନ୍ୟୋପାୟ ହୋଇ ଏହାକୁ ବିକ୍ରି କରିଛନ୍ତି ପୁରାତନ ମୂର୍ତ୍ତି ସଂଗ୍ରହକାରୀଙ୍କୁ, ଯାହାଠୁ କିଣି ଆଣି ସେ ପିଲାର ମା' ଏହା ପୂର୍ବ ମୂର୍ତ୍ତିର ସାଥୀ ହେଲା ଭଳି ଅନ୍ୟ ଏକ ମୂର୍ତ୍ତି ଭାବି ସେହି ପୁଅ ହାତରେ ଡାକ୍ତରଙ୍କ ପାଖକୁ ପଠାଇ ଦେଇଛନ୍ତି। କଥା ଯେଉଁଠୁ ଆରମ୍ଭ, ସେଇଠି ଶେଷ ହୋଇଛି!!

ସିଧାସିଳଖ ହେଉ କି ବକ୍ରାକାର ହେଉ କି ବୃତ୍ତାକାର, ଜୀବନର ଗତିପଥ ଯାବତୀୟ ରହସ୍ୟ ଓ କୌତୁକରେ ଭରା। ଜୀବନର ଅନ୍ୟନାମ ଯେ ଗାଣିତିକ ନିଶ୍ଚିତତା ନୁହେଁ, ଏହି କଥାଟି କହିବା ହୁଏତ ଏହାର ମୁଖ୍ୟଲକ୍ଷ୍ୟ!!

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩୭୬୨୧୯

# ଭାବ ସଂସାରର ଝିଅ



ଡ. ଚନ୍ଦନ କୁମାର ସିଂହ

ଏହି ଚାରିପାଖର ସଂସାରକୁ ଝାଳନାଳ ହୋଇ ଭବ ସଂସାର ବୋଲିବାରେ କୋଶ କୋଶକୁ ଦୁନ୍ଦୁଭି ବାଜୁଥାଏ। ତାହାରି ଭିତରେ ମଣିଷ ଆତଯାତ ହୋଇ ଧର୍ମ, ଅର୍ଥ, କାମ, ମୋକ୍ଷର ସବୁତକ ହୁନ୍ଦର ଭିଆଣ କରିପାରୁଥାଏ। ମାତ୍ର ଖୁଦ ମଲୁଖର ଭବ ସଂସାର ଆଉ ଏକ ଦିଗକୁ ଖୁବ୍ ନିଘା କରି ରହିଥାଏ। ଯଦି ସଂସାର ଭବ ସଂସାର ହେଲା, ତେବେ କିଆଁ ଏଠାରେ ମାଳ ମାଳ ଧ୍ୱଜା କ'ଣ ଏହି ଦି'ଦିନିଆ ଭବ ସଂସାରର? କାଳକୁ କଜଳ କରି ଭବ ସଂସାରକୁ ଦେଖିବା ଏବଂ ପରତେଯିବା ବଡ଼ ମିହନତୀର କଥା ; ଅଙ୍ଗେନିଭା ଆଉଜି ହେବାର ଗୋଟେ ସମ୍ପୃକ୍ତି। ଭବ ସଂସାରକୁ ତୁଚ୍ଛ ଜ୍ଞାନରେ ମଣିଷର କାହାଣ କାହାଣ ଇତିହାସ ଆଉ କିଛିର ହରେଇବାକୁ ସଙ୍ଗରେ ନେଇଥା'ନ୍ତି ସିନା ମାତ୍ର ସାଙ୍ଗଟିଏ ହୋଇପାରନ୍ତି ନାହିଁ। ଏତେ ଏତେ ସୁଖ ଦୁଃଖର ଖେଳପଡ଼ିଆ ଭିତରେ ଭବ ସଂସାରରେ ସାଙ୍ଗ ହେବାର ସୌଭାଗ୍ୟ ଖୁବ୍ ଅଲଗା କଥାଟିଏ, ଅଲଗା ବାସନାଟିଏ, ଅଲଗା ସୌରଭର ଉଜ୍ଜ୍ୱଳ ଦିଗ୍‌ବଳୟ ; ଯାହାକୁ ଛୁଇଁପାରିଲେ ହସିହୁଏ, ଧର୍ମ, ଦେଶ, ବୟସ, ତୁଳନାର କାଉଁରିକାଠି ନିଜର ଶକ୍ତି ହରାଇଦିଏ। ନିଜକୁ ଭବ ସଂସାର ଭିତରେ ସାଙ୍ଗଟିଏ ଭଳି ଅନୁରାଗ ଆସେ। ଭବ ସଂସାରରୁ ଝିଅ ଖଣ୍ଡେ ଭାବ ସଂସାର ଭିତରକୁ ଭାସି ଆସେ, ଲକ୍ଷ୍ୟରେ ହେଉ ଅବା ଅଲକ୍ଷ୍ୟରେ। ସେଆଡ଼କୁ ଆଉ ଡର ନ ଥାଏ କି ଡର ସହେ ନାହିଁ। ଭବ ସଂସାରର ଇଶାଣ ଭାବ ସଂସାରକୁ ନିଜର ସବୁଯାକ ବିଶ୍ୱାସ ଓ ପ୍ରଶ୍ୱାସ ଅଜାଡ଼ିଦିଏ। ଏଇଠି ମନେପଡ଼ନ୍ତି ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ)। ଅକ୍ଟୋବରରେ ଜନ୍ମିତ ଏହି ପ୍ରଜ୍ଞା ପୁରୁଷଙ୍କ ଜୀବନ ଓ ଦର୍ଶନକୁ ଦେଖିଲେ ମଣିଷ କେତେ ବାସ୍ତବବାଦୀ ହୋଇପାରେ ତାହାର ପ୍ରମାଣ ମିଳେ।

୧୯୨୩ରେ ଚିତ୍ତରଞ୍ଜନଙ୍କ ଜନ୍ମ ବେଳକୁ ଦେଶର ପାଣିପାଗ ସେତେବେଳେ ସ୍ୱାଧୀନତା ଆନ୍ଦୋଳନ ଲାଗି ନିଜକୁ ପ୍ରସ୍ତୁତ କରି ଆଣୁଥିଲା ଏବଂ ଏହି ପାଣିପାଗରେ ଚିତ୍ତରଂଜନଙ୍କ ଜୀବନ–ବେଦି ଧୀରେ ଧୀରେ ରୂପ ନେଉଥିଲା। ତା'ଙ୍କ ସହ ବନ୍ଧୁ ବାନ୍ଧିବା ଯେତିକି ସହଜ, ସେତିକି ଥିଲା ସ୍ୱଚ୍ଛଳ ଓ ସ୍ୱଚ୍ଛନ୍ଦ। ବୟସ, ଯୋଗ୍ୟତା, ରୁଚି ଅରୁଚି, ଧର୍ମ, ବିଶ୍ୱାସ–ଅବିଶ୍ୱାସ, ଦେଶ–ବିଦେଶ, ଭାଷା–ପ୍ରଦେଶ ଏ ସବୁର ଅର୍ଥ ଓ ମାର୍ଗ ଚିତ୍ତଭାଇଙ୍କ ନିକଟରେ ଥିଲା ଆଉ ଏକ ଉପବୀତର କାହାଣୀ। ଠିକ୍ ଯେପରି 'ଭିନ୍ନ ଜଣେ ବିବେକାନନ୍ଦ'ର ଚିତ୍ର ଓ ସଂଳାପ ପରି। ସାଙ୍ଗ ହୋଇ ବସିଲେ, ସାଙ୍ଗର ସବୁତକ ବିଭବ କିପରି ଅକୁଣ୍ଠ–ଚିତ୍ତରେ ଜଳ ଜଳ ହୋଇ ଦିଶିଯାଆନ୍ତି, ପ୍ରିୟ ଚିତ୍ତଭାଇଙ୍କ ସ୍ୱାଧୀନଚେତା ମୀମାଂସା ତାହାର ଅଭୁଲା ସ୍ୱାକ୍ଷର ବହନ କରିଛି। ଓଡ଼ିଆ ସାହିତ୍ୟର ଦଉଡ଼ି ବା ପଘା ପ୍ରିୟ ଚିତ୍ତଭାଇଙ୍କୁ ଗଣ୍ଠି ପକାଇ ରଖିପାରିନାହିଁ। ଯିଏ ଗଣ୍ଠିକୁ ହୁଗୁଳା କରି ଆଣୁଥିଲେ, ଆଉ ପାକଳପଣକୁ ଅଚିରେ ପରଖି ପାରୁଥିଲେ ଭବିଷ୍ୟ–ସଂସାର ଭାବମୟ ପୃଥିବୀର କଥା ମନେପଡ଼ିଲେ ଅଭୁଲା ଲାଗନ୍ତି ଚିତ୍ତଭାଇ। ସୁଦୂର ଫିନ୍‌ଲାଣ୍ଡ ହେଉ ଅବା ଗଞ୍ଜାମମାଳର ଖୋଲା ଆକାଶତଳର ମଣିଷ ହେଉ ଅବା ଇସ୍ରାଏଲ ହେଉ, ସବୁ ମଣିଷର ହେତୁକୁ ଛୁଇଁପାରୁଥିବା ଏହି ଓଡ଼ିଶାର ଯେ ମାଟିପୁତ୍ର ଥିଲେ, ସେକଥାକୁ ଜିଗର କରିହୁଏ ନାହିଁ, ମାତ୍ର ନମ୍ର ଭାବରେ ସ୍ୱୀକାର କରିହୁଏ। ଓଡ଼ିଶାର ମୌଳିକ ଭାଷା–ଭଣ୍ଡାରର ଧୁରୀଣ ବିଦ୍ଧାଣି ଥିଲେ ଚିତ୍ତରଞ୍ଜନ। ସେ ସବୁର ପ୍ରୟୋଗ ଏତେ ମର୍ମ–ଭେଦୀ ହେଉଥିଲା ଯେ ଆରାମ–ଆଲୋଚନା, ଆରାମ–ଖିଆଲକୁ ତାହା ଅଣନିଃଶ୍ୱାସୀ କରି ଦେଉଥିଲା। ମାତ୍ର ସାଙ୍ଗ କିଏ ଛାଡ଼ି ହୋଇ ଯାଉଥିଲେ ସିନା, ସିଏ କିନ୍ତୁ ସାଙ୍ଗପଣରେ ଭିଡ଼ି ଧରୁଥିଲେ। ତାଙ୍କର ସାଙ୍ଗପଣ ଥିଲା ଅକ୍ଳାନ୍ତ ଏବଂ ଅତନ୍ଦ୍ର। ଭବ–ସଂସାରର ବିରାଦରୀକୁ ସେଥିପାଇଁ ସେ ଖାତିର ନ କରି ଭାବ–ସଂସାରର ସଖ୍ୟରେ ବାନ୍ଧି ହୋଇଥିଲେ। ଉଖୁରେଇ ଉଖୁରେଇ ନିଦ ଭାଙ୍ଗି ପାଉଁଶ ତଳର ଦୁକୁଦୁକୁ ଝୁଲକୁ ଜଳାଇ ଦେଉଥିଲେ କୁହୁଳାରେ। ବନ୍ଧୁପଣର ହସ ଓ ଆଭିଜାତ୍ୟରେ ଭାବ ସଂସାରର ସେ ଥିଲେ



ନିକଟତର ଏକ ଅକାଟ୍ୟ ପ୍ରମାଣ। ଘୋ' ଘୋ' ଭିତରେ ସେଥିଲାଗି ସେ ମିଳୁ ନ ଥିଲେ। ଗହଳିଆ ଗଛ ତଳର ପୋଖରୀ ହୁଡ଼ା ଉପରେ ଚିତ୍ତରଞ୍ଜନ ଦେଖୁଥିଲେ ଭାବସଂସାରର ଡୋର ସୁହୃଦ୍‌କୁ–ଭବିଷ୍ୟର ଫଳନ୍ତି ଗଛକୁ, ଚଳନ୍ତି ସମାଜର ହାତପାହାନ୍ତା ଭିନ୍ନ ମେଳକୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଗଭୀର ଅଧ୍ୟୟନରେ ମନୋନିବେଶ କରି ତତ୍କାଳୀନ ବ୍ୟକ୍ତି–ଜୀବନ, ସାମୁଦାୟିକ ବିକାଶମୁଖୀ ଜୀବନ ଏବଂ ରାଷ୍ଟ୍ର ଭୂମିକାକୁ ବିଶ୍ଳେଷଣ କରି ମଣିଷ–ସମାଜର ବାଦ–ବିବାଦ–ସମ୍ବାଦ (ଥେସିସ୍–ଆଣ୍ଟିଥେସିସ୍ ଓ ସିନ୍‌ଥେସିସ୍)ର ହେତୁ ନିର୍ଣ୍ଣୟରେ ସେ ସଫଳ ହୋଇଥିଲେ। ସକଳ ହିଁ ସକାଳ। ତାହା ବ୍ୟକ୍ତି ଜୀବନ ହୋଇ ଅବା ସମୁଦାୟ। ସେଥିଲାଗି ସକାଳ ଥିଲା ତାଙ୍କ ଅନ୍ୱେଷା ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ନିଅଁ। ସକାଳର ଜାତି ନ ଥାଏ, ସକାଳ ଏକ ଅର୍ଘ୍ୟ ଭବିଷ୍ୟ–ସଂସାର ଓ ଭାବ ସଂସାରର। ପ୍ରିୟ ଚିତ୍ତଭାଇ ଥିଲେ ସକାଳର ସ୍ଫୁରଣ ଏବଂ ଆଲୋଡ଼ନ ସକଳଙ୍କ ଲାଗି।

ବିଷମକଟକ, ରାୟଗଡ଼ା
ମୋ: ୮୨୪୯୬୫୭୭୭୮

## ଏଇ ଭାରତରେ

ଆଜକୁ ୧୬ ବର୍ଷ ପୂର୍ବେ ଜଣେ ଅଟୋ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚାଲାଣ ହେଉଥିବା ଜଣେ ଶିଶୁକୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ଘଟିଥିଲା ତାମିଲନାଡୁ ତିରୁଚିରେ ଓ ସେହି ଅଟୋଚାଳକ ଜଣକ ହେଉଛନ୍ତି ଡି.ଜୋଶେଫ। କିନ୍ତୁ ଏହା କେବଳ ଏକ ଖବରରେ ସୀମିତ ରହି ନ ଥିଲା, ବରଂ ତାମିଲନାଡୁ ସରକାରଙ୍କୁ ଶିଶୁ ଚାଲାଣ ରୋକିବା ଲାଗି ସକ୍ରିୟ ପଦକ୍ଷେପ ନେବାକୁ ବାଧ୍ୟ କରିଥିଲା ଏବଂ ସେବେଠାରୁ ଅନେକ ଶହ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଛି। ଘଟଣାଟି ଥିଲା ଏହିପରି– ଜଣେ ମହିଳା ଓ ତାଙ୍କ ସହ ଥିବା ଶିଶୁଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବା ଲାଗି ନେଉଥିବାବେଳେ ଜୋଶେଫଙ୍କ ସନ୍ଦେହ ହେବାରୁ ସେ ପୋଲିସ ଆଉଟପୋଷ୍ଟରେ ଜଣାଇଥିଲେ। ପରେ ଠିକ୍ ଏହି ସମୟରେ ଜଣେ ମହିଳା ମଧ୍ୟ ସେଠାରେ ତାଙ୍କ ନିଖୋଜ ପିଲା ସମ୍ପର୍କରେ ଜଣାଇବାକୁ ଆସିଥିଲେ। ସଂଯୋଗ ଏମିତି ଥିଲା, ଯେଉଁଥିରେ ପୋଲିସ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ସେହି ପିଲା ଚାଲାଣରେ ଜଡ଼ିତ ମହିଳାଙ୍କ ସୂଚନାକୁ ଆଧାର କରି ୧୨ ଜଣ ଶିଶୁଙ୍କୁ ସେତେବେଳେ ଉଦ୍ଧାର କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୭୬

- ବେରୁଟ୍‌ଠାରେ ଦକ୍ଷିଣପନ୍ଥୀ ଗୋଷ୍ଠୀର ସୈନ୍ୟମାନେ ବାମପନ୍ଥୀ ଗୋଷ୍ଠୀ କବଳରୁ ଇସ୍ରାଏଲ ସୀମାନ୍ତ ନିକଟବର୍ତ୍ତୀ ହାନାଇନ୍ ଗ୍ରାମଟିକୁ ଦଖଲ କରିଦେଇଛନ୍ତି।
- ରାଜ୍ୟରେ ମଧ୍ୟମ ଜଳସେଚନ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର।

## ଚିରନ୍ତନୀ

ପଥର ପ୍ରେମିକ
ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ!
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯାଉ

ମହାଶୟ,

ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଗତ ବିଜୁ ଜନତା ଦଳ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ମୁଖ୍ୟମନ୍ତ୍ରୀ ଏକ ଆଧାତ୍ମିକ ସଭାରେ ଯୋଗଦେଇ ଭାଗବତ ପାଠର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ଆରୋପ କରି ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ କହିଛନ୍ତି। ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମ ଓ ସାହିରେ ଭାଗବତ ଟୁଙ୍ଗି ନିର୍ମାଣ ସଙ୍ଗେ ସଙ୍ଗେ ନିୟମିତ ଭାଗବତ ଏବଂ ପୁରାଣ ସାହିତ୍ୟ ଆଲୋଚନା ପାଇଁ ଅର୍ଥ ବରାଦ କରାଯାଉଛି ବୋଲି ସରକାରୀ ଭାବେ କୁହାଯାଉଛି। ବିଳମ୍ବ ହେଲେ ମଧ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ଦାବି ହେଉଛି।

– ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


# ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଗୋପବନ୍ଧୁନଗର, ୧୮।୧୦**
**(ଶାନ୍ତନୁ କୁମାର ମଣ୍ଡୁଆଳ)**

ଗୋପବନ୍ଧୁନଗର ବ୍ଲକ ଟିକାୟତପୁର ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ବାର୍ଷିକ କ୍ରୀଡ଼ାକୁ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ବେହେରା ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଓ କନିଷ୍ଠ ଉଭୟ ବିଭାଗରୁ ୩ଶହ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦୌଡ଼, ସଟପୁଟ, ଉଚ୍ଚଡିଆଁ, ଲମ୍ବଡିଆଁ, କୁଇଜ୍ ଆଦି ୨୫ଟି ବିଭାଗ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗରୁ ପୁଷ୍ପଲତା ବେସ୍ରା ଓ କନିଷ୍ଠ ବିଭାଗରୁ ରୂପସୀ ସିଂ ଚଳିତବର୍ଷ ଚାମ୍ପିୟନ ହୋଇଛନ୍ତି। ଶିକ୍ଷକ ଉତ୍ସବ କୁମାର ସାହୁ, ବାଦଲ କୁମାର ମହାନ୍ତ, ବୁଧିରାମ ସିଂ, ରଞ୍ଜିତ ନାୟକ, ପୁଷ୍ପାଞ୍ଜଳି ସିଂ, ରୀନାରାଣୀ ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# 'ଦୂରବର୍ତ୍ତୀ ଓ ଅନ୍‌ଲାଇନ ଶିକ୍ଷା ବର୍ତ୍ତମାନ, ଭବିଷ୍ୟତର ଆବଶ୍ୟକତା'

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଅନୁସ୍ଥାପନ କାର୍ଯ୍ୟକ୍ରମ



ଅନୁସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାରିପଦା, ୧୮।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଏବଂ ଅନ୍‌ଲାଇନ ଶିକ୍ଷା କେନ୍ଦ୍ର (ସିଡିଓଇ) ଦ୍ୱାରା ଶନିବାର ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଅନୁସ୍ଥାପନ (ଇଣ୍ଡକ୍ସନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଦୂରବର୍ତ୍ତୀ ଏବଂ ଅନ୍‌ଲାଇନ ଶିକ୍ଷାକୁ ବର୍ତ୍ତମାନ ତଥା ଭବିଷ୍ୟତର ଆବଶ୍ୟକତା ବୋଲି ବିବେଚନା କରିବା ସହ ଏହା କିପରି ସମସ୍ତଙ୍କୁ ସଶକ୍ତ କରିଥାଏ, ସମୟ, ସ୍ଥାନର ସୀମାବଦ୍ଧତା ଅତିକ୍ରମ କରି ଶିକ୍ଷାକୁ ସର୍ବସୁଲଭ କରିଥାଏ ସେ ବିଷୟରେ ଆଲୋକପାତ କରିଥିଲେ। ବହୁଦିନର ପ୍ରତୀକ୍ଷା ପରେ ବିଶ୍ୱବିଦ୍ୟାଳୟରେ ପୁଣିଥରେ ଡିଷ୍ଟାନ୍ସ କୋର୍ସ ଆରମ୍ଭ ହୋଇଥିବାରୁ ଏହାର ପ୍ରଚ୍ଛଦପଟ୍ଟରେ ଥିବା ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ମୟୂରଭଞ୍ଜର ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଯୋଗଦେଇ ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ଦୂରବର୍ତ୍ତୀ ଶିକ୍ଷା ଛାତ୍ରୀଛାତ୍ରଙ୍କ ଜୀବନରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବ ବୋଲି କହିଥିଲେ। ସିଡିଓଇର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ ଦୂରବର୍ତ୍ତୀ ଏବଂ ଅନ୍‌ଲାଇନ ଶିକ୍ଷାର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ତଥ୍ୟ ରଖିବା ସହ ୟୁଜିସିର ବିଭିନ୍ନ ମାପଦଣ୍ଡକୁ ନେଇ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବାକୁ ସିଡିଓଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

ସିଡିଓଇର ଅଧ୍ୟାପିକା ଅଧ୍ୟାପକ ଯଥା ସାମାଜିକ କାର୍ଯ୍ୟକ୍ରମ ବିଭାଗର ଡ. ସୁଜୟ କୁଣ୍ଡୁ, ଅର୍ଥନୀତି ବିଭାଗର ବିଶ୍ୱଜିତ ଷଡ଼ଙ୍ଗୀ, ଓଡ଼ିଆ ବିଭାଗର ଡ. ବିନ୍ଧେଶ୍ୱରୀ କଲିଆ, ଓ ଇଂଲିଶ ବିଭାଗର ପ୍ରୀତିଲଗ୍ନା ସନ୍ତୋଷୀ ମହାକୁଡ଼ ପାଠ୍ୟକ୍ରମଗୁଡ଼ିକର ପରିଚୟ ସବିଶେଷ ଆଲୋଚନା କରିଥିଲେ। ଶେଷରେ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଇଂଲିଶ ବିଭାଗର ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୂତନ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସିଡିଓଇର ସମସ୍ତ ଅଧ୍ୟାପିକା ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶାଳପତ୍ର ବିକ୍ରେତାଙ୍କୁ ଭେଟିଲା ଭଞ୍ଜସେନା


ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାନ୍ତିଆମୁହାଁ ପଞ୍ଚାୟତର ଏକ ଗ୍ରାମରେ ଶାଳପତ୍ର ବିକ୍ରେତାଙ୍କ ସହ ଆଲୋଚନା କରୁଛନ୍ତି।

**ମୋରଡ଼ା, ୧୮।୧୦ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଶନିବାର ଅପରାହ୍ନ ୨ଟାରେ ମୋରଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଶାଳପତ୍ର ବେଉସା କରୁଥିବା ପରିବାରକୁ ଭେଟିଛନ୍ତି। ଶାଳପତ୍ରରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖଲି ଓ ଦନାର ଚାହିଦା ଥିବାବେଳେ ବହୁ ଅଞ୍ଚଳରେ ଲକ୍ଷାଧିକ ଗରିବ ମହିଳା ଓ ପୁରୁଷ ଏହାକୁ ପ୍ରସ୍ତୁତ କରିଥାନ୍ତି। ମାତ୍ର ସରକାରଙ୍କ ଉଦାସୀନତା ଏବଂ ଉଚିତ୍ ବ୍ୟବସାୟୀକରଣ ନ ହେବା ଯୋଗୁ ଶିଳ୍ପବିହୀନ ଉକ୍ତ ଜିଲାରେ ଏହି କାର୍ଯ୍ୟ ଉପରେ ନିର୍ଭର କରୁଥିବା କାରିଗରମାନେ ଅଭାବ ଅନାଟନ ଭିତରେ ଦିନ ଅତିବାହିତ କରୁଛନ୍ତି। ଏହାକୁ ଲକ୍ଷ୍ୟରେ ରଖି ଦୀର୍ଘଦିନ ଧରି ଶାଳପତ୍ର ଏବଂ ଅନ୍ୟ ବନ୍ୟଜାତ ଦ୍ରବ୍ୟକୁ ନେଇ ଉଚିତ୍ ବ୍ୟବସାୟୀକରଣ କରିବା ନିମନ୍ତେ କୁଟୀର ଶିଳ୍ପ ମାଧ୍ୟମରେ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା ଜେନା ମୋରଡ଼ା ବ୍ଲକ ଅଧୀନ ଗଡିଗାଁ, ଦାନ୍ତିଆମୁହାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପହଞ୍ଚିଥିଲେ। ପ୍ରତ୍ୟେକ ଦିନ ଜଙ୍ଗଲରୁ ଶାଳପତ୍ର ତୋଳି ସେହି 'ପତ୍ର ଚିପି' ବେପାରୀଙ୍କୁ ବିକ୍ରି କରି ଯେଉଁ ପରିମାଣରେ ଅର୍ଥ ପାଉଛନ୍ତି, ଆଉ ସେତିକି ଅର୍ଥରେ କିଭଳି ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି ସେ ବୁଝିଥିଲେ। ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ କରନ୍ତୁ କିମ୍ବା ନ କରନ୍ତୁ, ଆଗାମୀ ଦିନରେ ଏହି କୁଟୀର ଶିଳ୍ପକୁ ଆଗକୁ ବଢ଼ାଇବା ଓ ଏହା ମାଧ୍ୟମରେ ରୋଜଗାର ପାଉଥିବା ବ୍ୟକ୍ତିମାନଙ୍କ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସଙ୍ଗଠନ ପ୍ରତିଶ୍ରୁତିବଦ୍ଧ ବୋଲି ଭଞ୍ଜସେନା ପ୍ରତିଷ୍ଠାତାଙ୍କ ସହ ଉପସ୍ଥିତ ବ୍ଲକ ସଭାପତି ପରିତୋଷ ବାରିକ କହିଛନ୍ତି।




# 'ସମସ୍ତେ ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ'

## ସାଇବର ସୁରକ୍ଷା ସଚେତନତା ଅଭିଯାନ

**ବାରିପଦା, ୧୮।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ଉତ୍ସବ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲା ଓ ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ ସମ୍ବନ୍ଧୀୟ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ, ଈଶ୍ୱର ଚନ୍ଦ୍ର ନାଏକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସୁମତି ସିଂ ଓ ୫ମ ବାଟାଲିୟନ କମାଣ୍ଡାଣ୍ଟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅଭିଯାନ ନଭେମ୍ବର ୧୭ ପର୍ଯ୍ୟନ୍ତ ଚାଲିବ। ଜିଲାରେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ କରି ସଚେତନ କରାଯିବ। ସମାଜର ସବୁ ବର୍ଗର ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ପରିବର୍ତ୍ତିତ ସମୟ ଅନୁସାରେ ସାଇବର ଠକମାନେ ମଧ୍ୟ ନୂତନ ଅଭିନବ ଉପାୟ ଅବଲମ୍ବନ କରି ଲୋକଙ୍କୁ ସେମାନଙ୍କର ଶିକାର ବନାଉଛନ୍ତି। ଲୋଭ, ଭୟ ଓ ଦାୟିତ୍ୱହୀନତା ସାଇବର ଠକାମିର ଶିକାର ହେବାର ପ୍ରମୁଖ କାରଣ। ଏଣୁ ସମସ୍ତେ ସଚେତନ ହେବା, ସତର୍କ ରହିବା ଏବଂ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଛି। ଛାତ୍ରୀଛାତ୍ରଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନ ହେବା, ଅଭିଭାବକ ଓ ଶିକ୍ଷକମାନଙ୍କୁ ପିଲାମାନଙ୍କ ଅନ୍‌ଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା, ଚାକିରି ଆଶାୟୀ ଯୁବପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ୍ ବିକ୍ରି, ଫ୍ରଡ୍ ନିବେଶ ପାଇଁ ପ୍ରବର୍ତ୍ତାଇବା, ଭୟ ଦେଖାଇ ଯୌନ ଶୋଷଣ କରିବା, ମହିଳା ଓ କିଶୋରୀମାନଙ୍କୁ ନକଲି କଲ୍ ଜରିଆରେ ଯୌନ ଶୋଷଣ, ଗ୍ରାମ ଓ ସେମି ଅର୍ବାନ ଅଞ୍ଚଳରେ ପ୍ରଥମ କରି ସ୍ମାର୍ଟଫୋନ ବ୍ୟବହାରକାରୀଙ୍କୁ ୟୁପିଆଇ, ଓଟିପିର ଠିକ୍ ଉପଯୋଗ, ବରିଷ୍ଠ ନାଗରିକମାନଙ୍କୁ ନିରାପଦ ବ୍ୟାଙ୍କିଂ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା, ଏସ୍ଏଚ୍‌ଜି ଏବଂ ଗୋଷ୍ଠୀଙ୍କୁ ସମୂହ ଡିଜିଟାଲ ନେଣଦେଣ, ଡିଜିଟାଲ ପେମେଣ୍ଟରେ ସତର୍କତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯିବ। ମାତ୍ର ଜନସଚେତନତା କେବଳ ପୋଲିସ ବିଭାଗ ଦ୍ୱାରା ସମ୍ଭବ ନୁହେଁ, ସମସ୍ତଙ୍କ ସହଭାଗିତାରେ ଏହାର ସଫଳ ରୂପାୟନ ସମ୍ଭବ ହେବ ବୋଲି କୁହାଯାଇଥିଲା। ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।







# ସାଇବର ସୁରକ୍ଷା ସଚେତନତା


**ଠାକୁରମୁଣ୍ଡା, ୧୮।୧୦ (ତାରାକାନ୍ତ ପଟ୍ଟନାୟକ):** ସାଇବର ଅପରାଧକୁ ରୋକିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଶନିବାର ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସଚେତନତା ସଭା ସହ ସାଇବର ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକରିଣୀ ସାବିତ୍ରୀ ଦଲେଇଙ୍କ ଅନୁରୋଧ କ୍ରମେ ସ୍ଥାନୀୟ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଥାନା ପରିସରରେ ଉପସ୍ଥିତ ରହି ସଚେତନତା ଅଭିଯାନର ଅଭାସୀ କାର୍ଯ୍ୟକ୍ରମ ଦେଖିଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳରେ ଧର୍ମାନ୍ତରୀକରଣ ହେଉଥିବା ଘଟଣା ଜନସଧାରଣ ସଚେତନ ରହିବାକୁ ଥାନା ଅଧିକାରିଣୀ ସୂଚନା ଦେଇଥିଲେ। ଏସ୍ଆଇ ଅନିତା ସ୍ୱାଇଁ, ଏଏସ୍ଆଇ ଅମରେଶ ବାରିକଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।



**ସାପ କାମୁଡ଼ାରେ ଜୀବନ ଗଲା**

ବାସୁଦେବପୁର,(କାଳିପଦ ରାୟ): ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ପଞ୍ଚାୟତ ରହିମପୁର ଗ୍ରାମର ଜଣେ ବ୍ୟକ୍ତିଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ବସନ୍ତ କୁମାର ପାତ୍ର(୫୦)। ଶୁକ୍ରବାର ଅପରାହ୍ନରେ ସେ ତାଙ୍କ ବାଡ଼ିରେ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କ ମୃତ୍ୟୁ ଘଟିଛି। ନାୟକାଣିଡିହୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# କାଳୀପୂଜା ପାଇଁ ସଜେଇ ହେଉଛି ଚରମ୍ପା



ଏରେଇଁ ମଣ୍ଡପରେ ସ୍ୱର୍ଣ୍ଣ ମନ୍ଦିର ଆକୃତିର ତୋରଣ।

## ୯ ମଣ୍ଡପରେ ପୂଜା ପାଇବେ ମା'

ଭଦ୍ରକ,୧୮।୧୦(ସନାତନ ରାଉତ)

ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପାଇଁ ସଜେଇ ହେଉଛି ଚରମ୍ପା ବଜାର। ଆସନ୍ତା ୨୧ ତାରିଖରୁ ପୂଜା ଆରମ୍ଭ ହେବାକୁ ଥିବାବେଳେ ସବୁ ମଣ୍ଡପରେ କାର୍ଯ୍ୟ ଆଗେଇ ଚାଲିଛି। ଚଳିତବର୍ଷ ଚରମ୍ପାର ୯ ମଣ୍ଡପରେ ମା' ପୂଜା ପାଇବେ। ଏଥିସହ ଭଦ୍ରକ ରାଜଘାଟ ପୂଜା ମଣ୍ଡପକୁ ମିଶାଇ ୧୦ ମଣ୍ଡପରେ ପୂଜା ଆୟୋଜନ ହେବାକୁ ଥିବାବେଳେ ମୂର୍ତ୍ତି ଗଢ଼ା ଓ ତୋରଣ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ସେହିପରି ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ସ୍ଥାୟୀ ପୀଠରେ ସ୍ୱତନ୍ତ୍ର ପୂଜା ସାଙ୍ଗକୁ ସପ୍ତମାତୃକା ବେଶ ଦୀପାବଳିଠାରୁ ୭ଦିନ ପର୍ଯ୍ୟନ୍ତ ଚାଲିବ।

ଜିଲା ବାହାରୁ ଆସିଥିବା ଛୋଟବଡ଼ ବ୍ୟବସାୟୀ, ମୀନାବଜାର, ରାମଦୋଳି ସହ ବହୁ ଦୋକାନୀ ଭଦ୍ରକରେ ପହଞ୍ଚି ସେମାନଙ୍କ ପ୍ରସ୍ତୁତି ଆରମ୍ଭ କଲେଣି। ପୂଜା ପାଇଁ ବିଭିନ୍ନ ଯାତ୍ରାପାର୍ଟିର ବ୍ୟାନର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ବେଳେ ବିଭିନ୍ନ ରାଜନେତାଙ୍କ ଅଭିନନ୍ଦନ ବ୍ୟାନର ମଧ୍ୟ ଲାଗିସାରିଲାଣି। ୧୦୮ବର୍ଷ ତଳେ ଜଣେ ଦକ୍ଷିଣ ଭାରତୀୟ କର୍ମଚାରୀଙ୍କ ଦ୍ୱାରା ରେଳବାଇ ପରିସରରେ ପ୍ରଥମେ ପୂଜା ଆରମ୍ଭ ହୋଇଥିଲା। ସେହି ପାରିବାରିକ କାଳୀପୂଜା ଏବେ ଭଦ୍ରକର ଗଣପର୍ବ ରୂପ ନେଇସାରିଛି। ପଥରକାଳୀ ସ୍ଥାୟୀ ପୂଜା ମଣ୍ଡପରେ ଚଳିତବର୍ଷ ଏହା ୧୦୦ ବର୍ଷରେ ପଦାର୍ପଣ କରିଛି। ସ୍କୁଲରୋଡ୍ ପୂଜା ମଣ୍ଡପରେ ପୂଜା ଚଳିତବର୍ଷ ୫୬ ବର୍ଷରେ ପଦାର୍ପଣ କରିଥିବା ବେଳେ ସଭାପତି କଲ୍ଲୋଳ କୁମାର ଲେଙ୍କା ଓ ସମ୍ପାଦକ ମଦନ ମୋହନ ମହାନ୍ତି ପୂଜା ଦାୟିତ୍ୱ ନେଇଛନ୍ତି। ମା'ଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ଯୁବ ସମାଜକୁ ନିଶାମୁକ୍ତ ସଚେତନତା ପାଇଁ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି। ପିଡବ୍ଲ୍ୟୁ ମଣ୍ଡପରେ କାଳୀପୂଜା ଏଥର ୧୦୨ ବର୍ଷରେ ପହଞ୍ଚିଛି। ସଭାପତି ରବିରାଘବା ତେଜା ଓ ସମ୍ପାଦକ ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ପୂଜା ଅନୁଷ୍ଠିତ ହେଉଛି। ୧୦ ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଓ ବିଭିନ୍ନ ପୌରାଣିକ କିମ୍ବଦନ୍ତୀକୁ ନେଇ ପାର୍ଶ୍ୱମୂର୍ତ୍ତି ଗଢ଼ାଯାଇଛି। ସେହିପରି ଅପରେଶନ ସିନ୍ଦୂର ଓ ଯୁବ ସମାଜକୁ ନିଶାଠାରୁ ଦୂରେଇ ରଖିବା ପାଇଁ ସଚେତନତା ଉଦ୍ଦେଶ୍ୟରେ ବାରୁଆଳି ନିର୍ମାଣ କରାଯାଇଛି। ଏରେଇଁ ସାର୍ବଜନୀନ ପୂଜା ମଣ୍ଡପ ଓ ଡଗରାସାହି ପୂଜା ମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। ଏସ୍‌ଆର୍‌ସିସି, ପାଟଣାସାହି ଓ ନବଗ୍ରହ ମଣ୍ଡପରେ ପୂଜା ପାଇଁ ସାଜସଜ୍ଜା କାର୍ଯ୍ୟ ଚାଲିଛି।

### ଏମାନେ ଯାହା କୁହନ୍ତି...



"ଚଳିତଥର ୫ରୁ ୬ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି। ବିଭିନ୍ନ ପୌରାଣିକ କଥାବସ୍ତୁ ଓ ଯୁବ ସମାଜକୁ ନିଶା କବଳରୁ ମୁକ୍ତ କରିବା ପାଇଁ ସେମାନଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ବାରୁଆଳି ନିର୍ମାଣ କରାଯାଇଛି। ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ କମିଟି ପକ୍ଷରୁ ଜିଲା ପ୍ରଶାସନ ସହାୟତାରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**-ନଳିନୀକାନ୍ତ ମହାନ୍ତି, ସମ୍ପାଦକ, ପିଡବ୍ଲ୍ୟୁ ପୂଜା କମିଟି।**



"ଚଳିତବର୍ଷ ୧୬ରୁ ୧୭ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ବଜେଟ୍ ରଖାଯାଇଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ସ୍ୱର୍ଣ୍ଣ ମନ୍ଦିର ଆକୃତିରେ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଛି। ପୌରାଣିକ କଥାବସ୍ତୁ ଓ ଅପରେଶନ ସିନ୍ଦୂରର ଘଟଣାବଳୀକୁ ନେଇ ବାରୁଆଳି କରାଯାଇଛି।

**- ରାଜକିଶୋର ଶତପଥୀ, ସମ୍ପାଦକ, ଏରେଇଁ ପୂଜା କମିଟି।**



"ଜଗନ୍ନାଥ ମନ୍ଦିର ନିକଟ ଡଗରାସାହି ପୂଜା ମଣ୍ଡପରେ ପୂଜା ଚାଲୁଥିବାରୁ ୯ଦିନ ଧରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ପୂଜାକୁ ସରସ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ପୌରାଣିକ ବାରୁଆଳି ସହ ଭାରତୀୟ ସେନା ବାହିନୀର ଆତଙ୍କବାଦ ବିରୋଧରେ କରାଯାଇଥିବା ଅପରେଶନ ସିନ୍ଦୂର ଘଟଣାକୁ ବାରୁଆଳିରେ ପ୍ରଦର୍ଶିତ କରାଯିବ। ଚଳିତବର୍ଷ ପୂଜାର ବଜେଟ୍ ୫ ଲକ୍ଷରୁ ଊର୍ଦ୍ଧ୍ୱ ରହିଛି।

**- ସୁବ୍ରତ ଦାଶ, ସମ୍ପାଦକ, ଡଗରାସାହି ପୂଜା କମିଟି।**

# ଚଳଚଞ୍ଚଳ ବାସୁଦେବପୁର ସହର



ବ୍ଲକରୋଡ୍ ମଣ୍ଡପରେ ମା' କାଳୀଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

ବାସୁଦେବପୁର,୧୮।୧୦ (ନାରାୟଣ ପ୍ରସାଦ ବାରିକ୍)

କାଳୀପୂଜାକୁ ଆଉ ୨ ଦିନ ବାକି ଥିବାବେଳେ ଏବେଠାରୁ ବାସୁଦେବପୁର ସହର, ପୂଜା ମଣ୍ଡପ ଓ ଦୋକାନ ବଜାର ଚଳଚଞ୍ଚଳ ହୋଇଉଠିଛି। ବାସୁଦେବପୁର ବଜାରର କାଳୀପୂଜା ପାଇଁ ପ୍ରସ୍ତୁତି ଚାଲିଛି। ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ସହର ମଧ୍ୟରେ ୪ ପୂଜା କମିଟି ପକ୍ଷରୁ କାଳୀପୂଜା ପାଳନ କରାଯାଉଛି। ମଣ୍ଡପରେ ମା' କାଳୀ ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି, ସାମାଜିକ ଚିତ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ସୋପାନରେ ପହଞ୍ଚିଛି। ସହରରେ ଆଲୋକସଜ୍ଜା କାର୍ଯ୍ୟ ଚାଲୁ ରହିଥିବା ବେଳେ ପୂଜା ମଣ୍ଡପ ସାମ୍ନାରେ ଆକର୍ଷଣୀୟ ତୋରଣ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି।

କାଳୀପୂଜା ସନ୍ଧ୍ୟାରେ ୪ କମିଟିର ମିଳିତ ସହଯୋଗରେ ଥାନା ପଛ ପୋଖରୀରେ କଳସ ବୁଡ଼ା କାର୍ଯ୍ୟ ସମାପିତ ହେବ। ପୋଲିସ ପ୍ରଶାସନ, ପୂଜା କମିଟିକୁ ନେଇ ସମନ୍ୱୟ ବୈଠକ ମଧ୍ୟ ବସି ଶାନ୍ତିପୂର୍ଣ୍ଣ ଭାବେ କାଳୀପୂଜା ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜା ସମୟରେ ଭକ୍ତଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ପରିମଳ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶାନ୍ତିରକ୍ଷା, ଅପରାଧ ରୋକିବା ସହ ବିଭିନ୍ନ ସମସ୍ୟା ଉପରେ ନଜର ରଖି କାର୍ଯ୍ୟ କରିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛି। ୧୯୪୪ରେ ବାସୁଦେବପୁରରେ ପ୍ରଥମେ କାଳୀପୂଜା ଆରମ୍ଭ ହୋଇଥିଲା। ଯାହାକି ଆଜି ଆମ କାଳୀପୂଜା କମିଟିର ରୂପ ନେଇଛି। ଏହା ସର୍ବପୁରାତନ ଓ ସାର୍ବଜନୀନ। ଏହି ମଣ୍ଡପରେ ଚଳିତବର୍ଷ ମା' କାଳୀଙ୍କ ମେଢ଼ ସହ ଦ୍ୱାପର ଯୁଗର କଥାବସ୍ତୁ ଉପରେ ଆଧାରିତ ଚିତ୍ରକଳ୍ପ ନିଳାଦ୍ରି ହରଣ, ବାଲେଶ୍ୱରର ବହୁଚର୍ଚ୍ଚିତ ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାକୁ ଅତି ନିଖୁଣ ଭାବେ ଶିଳ୍ପୀ କଲ୍ୟାଣ ମୁଦୁଲି ଓ ସହଯୋଗୀମାନେ ପ୍ରଦର୍ଶିତ କରୁଛନ୍ତି। ସେହିପରି ବ୍ଲକ ସାମ୍ନାରେ ଥିବା ବ୍ଲକରୋଡ୍ କାଳୀପୂଜା କମିଟି ପକ୍ଷରୁ ଶିଳ୍ପୀ ନାଗାର୍ଜୁନ ମିଶ୍ର ମା' କାଳୀଙ୍କର ଅତି ଆକର୍ଷଣୀୟ ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଥିବା ବେଳେ ଅପରେଶନ ସିନ୍ଦୂର ଘଟଣା ଓ ପୌରାଣିକ ଚିତ୍ରକଳ୍ପ ଜଳନ୍ଧର ବଦ୍ଧ ଘଟଣାକୁ ଅତି ନିଖୁଣ ଭାବେ ମୂର୍ତ୍ତିରେ ପ୍ରଦର୍ଶିତ କରୁଛନ୍ତି। ସେହିପରି ତାରିଣୀଛକ ଓ ହାଇସ୍କୁଲ ଛକରେ ମଧ୍ୟ ସାମାଜିକ ପୌରାଣିକ ଚିତ୍ରକଳ୍ପ ସହ ଆକର୍ଷଣୀୟ ତୋରଣ ନିର୍ମାଣ ହୋଇଛି। ଚଳିତବର୍ଷ ଅପରେଶନ ସିନ୍ଦୂର, ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ।

# କ୍ଲଷ୍ଟରସ୍ତରୀୟ ବୈଠକ

ଭଣ୍ଡାରିପୋଖରୀ,୧୮।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର କୁଲଣା କ୍ଲଷ୍ଟର ପକ୍ଷରୁ ୪ର୍ଥ ଅଂଶୀଦାର ବୈଠକ ଶନିବାର ତୁଳପଦୀ ସେବାଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଞ୍ଜୟ କୁମାର ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିଶୁବାଟିକା ଶ୍ରେଣୀ ପରିଚାଳନା, ଭାଷା ଓ ସଂଖ୍ୟାଜ୍ଞାନ ନମୁନା ପାଠଟୀକା, ଶିକ୍ଷକଙ୍କ ଗତିବିଧି ଯୋଜନା, ବିଦ୍ୟାଳୟସ୍ତରୀୟ ପଠନ ପ୍ରୋତ୍ସାହନ ଅଭିଯାନ, ଓଡ଼ିଶା ବର୍ଣ୍ଣାଳି କାର୍ଯ୍ୟକ୍ରମ ଓ ଜିଲାଭିତ୍ତିକ ଶୈକ୍ଷିକ ଆଲୋଚନାରେ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଗ୍ରେଡ୍ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା ସଂଯୋଜନା କରିଥିଲେ। ଏହି ଅବସରରେ ତୁଳପଦୀ ସେବାଶ୍ରମ ବିଦ୍ୟାଳୟରେ ସଦ୍ୟ ଯୋଗ ଦେଇଥିବା ଶିକ୍ଷକ ସଞ୍ଜୟ କୁମାର ପତି ଓ ଶିକ୍ଷୟିତ୍ରୀ ଊର୍ମିଳା ସାହୁଙ୍କୁ ସ୍ୱାଗତ କରାଯାଇଥିଲା।

ସେହିପରି ମହୁରା କ୍ଲଷ୍ଟର ପକ୍ଷରୁ ଗୁହାଳିଆ ଶ୍ରୀଜଗନ୍ନାଥ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ୪ର୍ଥ ଅଂଶୀଦାର ବୈଠକ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ସଂଯୋଜକ ଧର୍ମେନ୍ଦ୍ର କୁମାର ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ମହୁରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଓ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନା ଯୋଗଦେଇ 'ନିପୁଣ ଓଡ଼ିଶା'ର ବିଭିନ୍ନ ଶୈକ୍ଷିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶ୍ରେଣୀ କକ୍ଷଗୁଡ଼ିକୁ ସମସ୍ତ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ଅନୁଧ୍ୟାନ କରାଯିବା ସହ ଗଠନମୂଳକ ମତାମତ ଦେବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, କାଳନ୍ଦୀ ବେହେରା, ଦୁଃଶାସନ ନାୟକ, ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଦତ୍ତ, ସଙ୍ଗୀତା ବେହେରା, ସସ୍ମିତା ମହାନ୍ତି ଓ ଅନ୍ନପୂର୍ଣ୍ଣା ଦଳେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଅବନ୍ତୀ ନାୟକ ଧନ୍ୟବାଦ ଦେଇଥିଲେ।

# ଖୋଲିଲା ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ



ବୈଠକରେ ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ ଓ ଅନ୍ୟ ଅଧିକାରୀ।

ଭଦ୍ରକ,୧୮।୧୦ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ପୁରୁଣା କୋର୍ଟ ପରିସରରେ ଶୁକ୍ରବାର ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅଭିଯୋଜନ ଉପନିର୍ଦ୍ଦେଶିକା ରଶ୍ମିତା ମହାପାତ୍ର, ପବ୍ଲିକ ପ୍ରସିକ୍ୟୁଟର ଓ ସହକାରୀ ପବ୍ଲିକ ପ୍ରସିକ୍ୟୁଟରଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ।

ଜିଲାରେ ବିଭିନ୍ନ ଆପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଠିକ୍ ଭାବେ ଅନୁସନ୍ଧାନ କରାଯାଇ ଉପଯୁକ୍ତ ଦଣ୍ଡବିଧାନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ବହୁ ସମୟରେ ଠିକ୍ ତଦନ୍ତ ଅଭାବରୁ ପ୍ରକୃତ ଦୋଷୀ କମ୍ ଦଣ୍ଡ ପାଇ ମୁକ୍ତ ହୋଇଯାଉଛନ୍ତି। ପରେ ପୁଣି ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହୁଛନ୍ତି। ଏହି ନିର୍ଦ୍ଦେଶାଳୟ ଖୋଲିଲା ପରେ ଆପରାଧିକ କାର୍ଯ୍ୟକଳାପରେ ଅଙ୍କୁଶ ଲାଗିବ ବୋଲି ଏସ୍‌ପି କହିଥିଲେ।

# ପାଠଚକ୍ର, ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପାଠଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷଙ୍କ ସହ ଅଧ୍ୟାପକ ଏବଂ ଓଡ଼ିଆ ବିଭାଗର ଛାତ୍ରୀଛାତ୍ର।

ଧାମନଗର,୧୮।୧୦ (ଦେବେନ୍ଦ୍ର ଆଚ୍ଛିଆ)

ଧାମନଗର ସ୍ନାତକ ମହାବିଦ୍ୟାଳୟରେ ଶନିବାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର, ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ତଥା ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ପାଠଚକ୍ରର ଶୀର୍ଷକ 'ଓଡ଼ିଆ କଥା ସାହିତ୍ୟରେ ରେବତୀ'ରେ ସେ ଆଲୋଚନା କରି ନାରୀ ଶିକ୍ଷା ଉପରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହ ଛାତ୍ରୀଛାତ୍ର ଏକାଗ୍ରତା ଦେଇ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଚିନ୍ମୟ ଜେନା ସ୍ୱାଗତ ମଞ୍ଚ ସଞ୍ଚାଳନ ଓ ଅଧ୍ୟାପିକା ଗୀତାଞ୍ଜଳି ଦେବତା ବିଷୟର ଆଭିମୁଖ୍ୟ ପ୍ରଦାନ କରିଥିଲେ।

ଏହି ଅବସରରେ ନବାଗତ ସମ୍ମାନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ପୁରୁଣା ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସବୁଜ ପରିବେଶ ଲକ୍ଷ୍ୟରେ ପୁରାତନ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନରତ ଛାତ୍ରୀଛାତ୍ର ବିଭିନ୍ନ ଚାରା ଉପହାର ପ୍ରଦାନ କରିଥିଲେ। ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ଡ. ହରିପ୍ରିୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳୀପୂଜା ପୂର୍ବରୁ ଅପରାଧୀଙ୍କ ପୋଷ୍ଟର ଲଗାଇଲା ପୋଲିସ

ଭଦ୍ରକ,୧୮।୧୦(ସନାତନ ରାଉତ)

ପ୍ରସିଦ୍ଧ ଚରମ୍ପା କାଳୀପୂଜାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାର ସୁଯୋଗରେ ଲୁଟେରାମାନେ ମୋବାଇଲ ଓ ସୁନା ଅଳଙ୍କାର ଛିନ୍‌ତାଇ କରିଥାନ୍ତି। ଲୋକେ ଏହି ଲୁଟ୍ ଓ ଛିନ୍‌ତାଇ ପ୍ରତି ସତର୍କ ରହିବା ପାଇଁ ଭଦ୍ରକ ପୋଲିସ ପକ୍ଷରୁ ଶନିବାର ଅପରାଧୀମାନଙ୍କ ପୋଷ୍ଟର ଲଗାଯାଇଛି। ବିଭିନ୍ନ ଚୋରି ଓ ଛିନ୍‌ତାଇ ମାମଲାରେ ସମ୍ପୃକ୍ତ ଥିବା ଲୁଟେରାମାନଙ୍କ ଫଟୋ ପୋଷ୍ଟରରେ ଜାରି କରାଯାଇଛି। ଏହି ପୋଷ୍ଟର ଭଦ୍ରକ ରେଳଷ୍ଟେଶନ ଓ ଚରମ୍ପା ବଜାରର ବିଭିନ୍ନ ସ୍ଥାନରେ ଲଗାଯାଇଛି। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଲୋକେ ଭିଡ଼ ଭିତରେ ସତର୍କ ରହିବା ଓ ଏମାନଙ୍କ ଚେହେରା ଜାଣିବା ପାଇଁ ପୋଲିସ ପକ୍ଷରୁ ଏହି ପୋଷ୍ଟର ଜାରି କରାଯାଇଛି।

# ରାହାଞ୍ଜୀ ସମବାୟ ସମିତିକୁ ବଦ୍‌ନାମ କରିବାକୁ ଅପଚେଷ୍ଟା

ଭଦ୍ରକ,୧୮।୧୦(ସନାତନ ରାଉତ)

**ପରିଚାଳନା ପରିଷଦର ବିରୋଧ**

ଭଦ୍ରକ ବ୍ଲକ ରାହାଞ୍ଜୀ ସମବାୟ ସମିତର ସାମାନ୍ୟ ତ୍ରୁଟିକୁ ନେଇ ସମିତିକୁ ବଦ୍‌ନାମ କରିବା ପାଇଁ ଅପଚେଷ୍ଟା କରାଯାଇଛି। ଶନିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣି ପରିଚାଳନା ପରିଷଦ ପକ୍ଷରୁ ବିରୋଧ କରାଯାଇଛି। ସମିତି ସଭାପତି ତପନ କୁମାର ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ଗତ ୧୪ ତାରିଖରେ ସମିତିର ଜଣେ ମହିଳା ଖାତାଧାରୀ ସମିତି ସମ୍ପାଦକ ଓ ବୋର୍ଡ ମେମ୍ବର ତାଙ୍କ ଟଙ୍କା ଆତ୍ମସାତ୍ କରିଥିବା କିଛି ଗଣମାଧ୍ୟମ ଆଗରେ କହିଥିଲେ। ସେ ୨୦୨୪ ଜୁନ୍ ୧୮ରେ ନିଜ ସଞ୍ଚୟ ଖାତାରେ ୧୫ ହଜାର ଟଙ୍କା ଡିପୋଜିଟ କରିଥିଲେ। କ୍ୟାସିୟର ଭୁଲ୍‌ରେ ଦୁଇଥର ତାଙ୍କ ବହିରେ ୧୫ ହଜାର ଲେଖି ଦେଇଥିଲେ। କିନ୍ତୁ ରସିଦ୍ ଓ ବ୍ୟାଙ୍କ ଲେଜର ବୁକ୍‌ରେ ଠିକ୍ ଭାବେ ଗୋଟିଏ ଥର ସ୍ଥାନିତ ହୋଇଛି।

ଗତ ସେପ୍ଟେମ୍ବର ୯ରେ ମହିଳା ଜଣକ ଟଙ୍କା ଉଠାଇବାକୁ ଆସିଥିବା ବେଳେ ଭୁଲ୍‌ରେ ୨ଥର ଏଣ୍ଟ୍ରି ହୋଇଥିବା ସମ୍ପାଦକ ପ୍ରମାଣ ସହ ତାଙ୍କୁ ବୁଝାଇଥିଲେ। ସେ ଘଟଣା ବୁଝିବା ସହ ତାଙ୍କ ସଞ୍ଚୟ ଖାତାରୁ ୯ହଜାର ଟଙ୍କା ଉଠାଇଥିଲେ। କିନ୍ତୁ ଗତ ୧୪ ତାରିଖରେ ସେ ଏବଂ ତାଙ୍କ ସ୍ୱାମୀ କିଛି ମିଡିଆ ପ୍ରତିନିଧିଙ୍କୁ ସାଙ୍ଗରେ ଧରି ସମବାୟ ସମିତିରେ ପହଞ୍ଚି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ଅଫିସରୁ ଜୋରଜବରଦସ୍ତ ୧୫ ହଜାର ଟଙ୍କା ନେଇଯାଇଥିଲେ। କିନ୍ତୁ ଗଣମାଧ୍ୟମରେ ଟଙ୍କା ହଡ଼ପ ହୋଇଥିବା ନେଇ ଅଭିଯୋଗ ଆଣିଥିଲେ। ଏହା ଏକ ତ୍ରୁଟି ହୋଇଥିଲେ ବି ଏହାକୁ ନେଇ ସମବାୟ ସମିତିକୁ ବଦ୍‌ନାମ କରାଯାଇଛି ବୋଲି ସଭାପତି ପଣ୍ଡା କହିଛନ୍ତି। ଖବରଦାତା ସମ୍ମିଳନୀରେ ରାହାଞ୍ଜୀ ସରପଞ୍ଚ ରାଜେନ୍ଦ୍ର ଦାଶ, ଜଗଦଳପୁର ସରପଞ୍ଚ ତିଳୋତ୍ତମା ମହାପାତ୍ର, ପଙ୍କଜ ଚୌଧୁରୀ, ଅଟଳ ବାରିକ, ରାଜେନ୍ଦ୍ର ସାହୁ, ସୁଦର୍ଶନ ଲେଙ୍କା, ଶରତ କବି, ବିଦ୍ୟାଧର ବେହେରା, ବାପୁନ ନାୟକ, ରବୀନ୍ଦ୍ର ଦାସ, ପ୍ରଦୀପ ପଣ୍ଡା, ବୋର୍ଡ ନିର୍ଦ୍ଦେଶକ ବସନ୍ତ କୁମାର ନାୟକ, ଲକ୍ଷ୍ମୀଧର ନାୟକ, ରଙ୍ଗଲତା ସାହୁ, ଜୟଚନ୍ଦ୍ର ଦାସ, କବିତା ଦାସ, ଅଶୋକ ଧୀନ୍ଦା, ଅପର୍ଣ୍ଣା ପଣ୍ଡା, ସୁକାନ୍ତ ସାହୁ, ସୁବାସ ପରିଡ଼ା, ପ୍ରଶାନ୍ତ ମଲ୍ଲିକଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ୫୩୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାସୁଦେବପୁର,୧୮।୧୦ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ନୋଡାଲ ହାଇସ୍କୁଲ ପରିସରରେ ଶନିବାର ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ୫ଟି ବିଭାଗରେ ମୋଟ ୫୩୨ଜଣ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ବ୍ୟକ୍ତି ଓ ହିତାଧିକାରୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ।

ଶାରୀରିକ ଅକ୍ଷମ, ମାନସିକ ଅନଗ୍ରସର, ଚକ୍ଷୁବାଧିତ, ଶ୍ରବଣ ବାଧିତ ଓ ଜିରୋରୁ ୧୪ ବର୍ଷ ମଧ୍ୟରେ ୫୩୨ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ଅଭିଜ୍ଞ ଡାକ୍ତରମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ବିଡିଓ ତନ୍ମିତା କର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭାରଞ୍ଜିତା ପୁହାଣ, ପ୍ରୋଗ୍ରାମ ସହ ଅଧିକାରୀ ପ୍ରୀତିପ୍ରକାଶ ମିଶ୍ର, ପ୍ରଧାନଶିକ୍ଷକ ରତ୍ନାକର ମହାଳିକ, ସାମାଜିକ କର୍ମୀ ସନ୍ତୋଷ କୁମାର ଦୀକ୍ଷିତ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାତ କୁମାର ବାରିକ୍ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଶିବିରକୁ ନିଆଯାଉଛି।

# ସାଇବର ଅପରାଧ ସଚେତନତା

ଧାମନଗର,୧୮।୧୦ (ସନ୍ତୋଷ ମହାପାତ୍ର/ଦେବେନ୍ଦ୍ର ଆଚ୍ଛିଆ)

ଭଦ୍ରକ ଜିଲା ପୋଲିସ ଆନୁକୂଲ୍ୟରେ ଧାମନଗର ଥାନା ପରିସରରେ ଶନିବାର ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଏକ ମାସ ପର୍ଯ୍ୟନ୍ତ ଚାଲିବ। ସବୁ ସ୍ତରରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ ସୂଚନା ଦେବା ସହ ଲୋକେ ସାମିଲ ହେବାକୁ ଅନୁରୋଧ କରିଥିଲେ। ଥାନାଧିକାରୀ ରଞ୍ଜନ ସେଠୀ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବିଜେଡିର ବ୍ଲକ ସଭାପତି ପ୍ରତାପ ଚନ୍ଦ୍ର ସାମଲ, ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତ, ସାହିତ୍ୟିକ ହୃଦାନନ୍ଦ କର, ସରପଞ୍ଚ ଅଶୋକ ପଣ୍ଡା, କାଉନସିଲର ପ୍ରତିନିଧି ସେକ ବାବୁନୁ, ଅଭିମନ୍ୟୁ ମଲ୍ଲିକ, ଗୌରାଙ୍ଗ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟି ଦୀପ ପ୍ରତି ବଢ଼ୁଛି ଆଦର

ତିହିଡ଼ି, ୧୮।୧୦(ସଞ୍ଜିତ ବଳ)

ଦିନକ ପରେ ପାଳନ ହେବ ଦୀପାବଳି ଉତ୍ସବ। ଏହି ଉତ୍ସବରେ ଆଲୋକିତ ହେବ ଗାଁ ଠୁ ସହର। ଗତବର୍ଷ ଅପେକ୍ଷା ଚଳିତବର୍ଷ ତିହିଡ଼ି ବ୍ଲକର ବିଭିନ୍ନ ବଜାରରେ ମାଟି ଦୀପ ପ୍ରତି ଲୋକଙ୍କର ଅଧିକ ଆଦର ବଢ଼ିଥିବା ଦେଖିବାକୁ ମିଳୁଛି। ବଜାରରେ କୋଲକାତା ଦୀପର ଅଧିକ ଚାହିଦା ଥିବାବେଳେ ଏହା ମଧ୍ୟ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଏହି ପରିପ୍ରେକ୍ଷୀରେ ଅଧିକାଂଶ ଲୋକ ଏହି ଦୀପକୁ ଅଧିକ ପସନ୍ଦ କରୁଥିବା ଲକ୍ଷ୍ୟ କରାଯାଇଛି।

ତେବେ ଦୀପ ପ୍ରତି ଲୋକଙ୍କ ଆଦର ବଢ଼ି ଥିବାରୁ ମହମବତୀ ପଛରେ ପଡ଼ିଯାଇଛି। ପୂର୍ବରୁ ଲୋକେ ମହମବତୀ ଅଧିକ ବ୍ୟବହାର କରୁଥିଲେ। କିଛି ଲୋକ ମାଟି ଦୀପ ନାମକୁମାତ୍ର ବ୍ୟବହାର କରୁଥିଲେ। ଚଳିତବର୍ଷ ବଜାରରେ ବହୁଳ ଭାବେ ମାଟି ଦୀପ ବିକ୍ରି ହେଉଥିବା ଲକ୍ଷ୍ୟ କରାଯାଇଛି। ମହମବତୀର ଚଢ଼ା ଦାମ୍ ଥିବାବେଳେ ମାଟି ଦୀପ ସୁଲଭ ମୂଲ୍ୟରେ ମିଳୁଛି। ଗୋଟିଏ ଦୀପର ମୂଲ୍ୟ ୨ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ୫ ଟଙ୍କାରେ ଖୁବ୍ ସୁନ୍ଦର ଦୀପ ମିଳି ପାରୁଛି। ଏହି ଦୀପର ଡିଜାଇନ ବି ଆକର୍ଷଣୀୟ ହୋଇଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରୁଛନ୍ତି। ଦୀପରେ ବି ଘରକୁ ସଜାଇ ଅଧିକ ସମୟ ଆଲୋକିତ କରିବା ସମ୍ଭବ ହେବ। ତେବେ ସ୍ଥାନୀୟ ଅଞ୍ଚଳର କାରିଗରମାନେ ପ୍ରସ୍ତୁତ କରୁଥିବା ଦୀପ ମଜଭୁତ ଓ ଆକର୍ଷଣୀୟ ହୋଇପାରୁ ନାହିଁ। ସେଥିପାଇଁ କୋଲକାତାରେ ପ୍ରସ୍ତୁତ ହୋଇଥିବା ଦୀପ ଆଣି ବିକ୍ରି କରାଯାଉଥିବା ବିକ୍ରେତା କ୍ଷୀରସିନ୍ଧୁ ପୃଷ୍ଟି କହିଛନ୍ତି। ଅପରପକ୍ଷେ ସ୍ଥାନୀୟ ଅଞ୍ଚଳରେ ତିଆରି ଦୀପର ତିଆରି ଶୈଳୀ ଅପେକ୍ଷା କୋଲକାତା ଦୀପ ସୁନ୍ଦର ଏବଂ ମୂଲ୍ୟ ବି କମ୍ ହୋଇଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରୁଥିବା ଅନ୍ୟ ଜଣେ ବିକ୍ରେତା ବଳରାମ ବେହେରା କହିଛନ୍ତି।



ତିହିଡ଼ି ବଜାରରେ ବିକ୍ରି ହେଉଥିବା ମାଟି ଦୀପ।

## ୨୦ ୟୁନିଟ୍ ରକ୍ତ ସଂଗ୍ରହ

ହାଟଡ଼ିହୀ,୧୮।୧୦(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମଠ କପୁଣ୍ଡି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର ସ୍ଥାନୀୟ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ହାଟଡ଼ିହୀ ମେଡିକାଲର ଡା. ପ୍ରତ୍ୟୁଷ କୁମାର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ସ୍ୱାଇଁ, ରମାକାନ୍ତ ମହାନ୍ତି, ଅଶୋକ କୁମାର ସୁର, ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ର ମାଝୀ, କୈଳାଶ ସୁବୁଦ୍ଧି ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଇଞ୍ଚୋଲ ଭଜନ ମଣ୍ଡଳୀର ଆବାହକ ଆଦିକନ୍ଦ ସ୍ୱାଇଁ, ପ୍ରାକ୍ତନ ଆବାହକ ସୁଦାମ ଚରଣ ଜେନା, ମରେଇଗାଁ ସତ୍ୟସାଇ ସେବା ସମିତିର ଆବାହକ ବିଶ୍ୱନାଥ ଭୋଳ, ମଠ କପୁଣ୍ଡି ଭଜନ ମଣ୍ଡଳୀର ଆବାହକ ସନ୍ତୋଷ କୁମାର ଚକ୍ର, ଗୌର କୃଷ୍ଣ ନାୟକ, ଆନନ୍ଦ ଚନ୍ଦ୍ର ଜେନା, ପ୍ରଦୀପ ଜେନା, ଆଲୋକ କୁମାର ଜେନା, ବିଭୂତି ଭୂଷଣ ଜେନା, ଶଙ୍କର୍ଷଣ ଓଝା, ରତିକାନ୍ତ ମୁଦୁଲି, ରଘୁ ନନ୍ଦନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଯାତ୍ରୀ ପ୍ରତୀକ୍ଷାଳୟ, ଟିକେଟ୍ କାଉଣ୍ଟର ନାହିଁ

## ଜାମୁକୁଣ୍ଡିଆ ରେଳ ଷ୍ଟେଶନ ଅବହେଳିତ

ଯୋଡ଼ା,୧୮।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅସେଇଁକଳା ପଞ୍ଚାୟତ ଜାମୁକୁଣ୍ଡିଆଠାରେ ଥିବା ରେଳ ଷ୍ଟେଶନ ଅବହେଳିତ ହୋଇପଡ଼ିଛି। ଷ୍ଟେଶନରେ ଟିକେଟ କାଉଣ୍ଟର ନ ଥିବା ବେଳେ ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ। ଯାତ୍ରୀଙ୍କ ଆନୁସଙ୍ଗିକ ସୁବିଧା ସହ ଷ୍ଟେଶନକୁ ରାସ୍ତା ନ ଥିବା ଅଭିଯୋଗ ହୋଇଛି। ଏଥିସହ ଏଠାରେ ଟ୍ରେନ୍ ରହଣୀ ହେଉ ନ ଥିବାରୁ ଲୋକେ ରେଳ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ପ୍ରକାଶ ଯେ, ୨୦୧୧ରୁ ରେଳ ବିଭାଗର ଦକ୍ଷିଣ-ପୂର୍ବ ରେଳପଥରେ ଏଠାରେ ରେଳ ଷ୍ଟେଶନ ନିର୍ମାଣ କରାଯାଇଛି। ଆଜି ପର୍ଯ୍ୟନ୍ତ ଟିକେଟ କାଉଣ୍ଟର ଖୋଲା ଯାଇନାହିଁ। ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇନାହିଁ ବୋଲି ଷ୍ଟେଶନ ମାଷ୍ଟର ସୁନୀଲ ଓରାଓ ସୂଚନା ଦେଇଛନ୍ତି। ସ୍ଥାନୀୟ ୱାର୍ଡ ମେମ୍ବର ଜୟ ସିଂ ବବଙ୍ଗା, ମଙ୍ଗଳ ଚାମ୍ପିଆ, ସୁକ୍ରାମ ଲାଗୁରି, ଖଇରୀ ମହାକୁଡ଼, ଗୁରୁବାରି ତିରିଆ ପ୍ରମୁଖ କହିଛନ୍ତି, ଷ୍ଟେଶନ ଉପରେ ଅସେଇଁକଳା, ଦେଓଝର, କଣ୍ଡରା, ଚମ୍ପୁଆ ବ୍ଲକ୍‌ର କୁଟାରିପୋଷି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଷ୍ଟେଶନକୁ ଯିବା ପାଇଁ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ ଲୋକେ ପାଦଚଲା ରାସ୍ତାରେ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ଜାମୁକୁଣ୍ଡିଆରୁ ରେଳ ଷ୍ଟେଶନକୁ ରାସ୍ତା ନିର୍ମାଣ ଏବଂ ରେଳ ଷ୍ଟେଶନର ଉନ୍ନତୀକରଣ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା କହିଛନ୍ତି। ରେଳ ମନ୍ତ୍ରଣାଳୟ ରେଳ ବିଭାଗ ଦକ୍ଷିଣ-ପୂର୍ବ ରେଳ ପଥରୁ ଖଣିଜ ପରିବହନ କରି ସର୍ବାଧିକ ରାଜସ୍ୱ ପାଉଛି। ତଥାପି ଏ ଅଞ୍ଚଳ ପ୍ରତି ଉଦାସୀନତା ମନୋଭାବ ଲୋକଙ୍କୁ ବ୍ୟଥିତ ଓ ନୈରାଶ୍ୟ କରିଛି। ରେଳପଥ ଦେଇ ସପ୍ତାହକୁ ଦୁଇଟି ଟ୍ରେନ୍ ଯାଉଥିବା ବେଳେ କେବଳ ପୁରୀ-ଟାଟା ଇଣ୍ଟର୍ସିଟି ଏକ୍ସପ୍ରେସ ମାତ୍ର ୨ ମିନିଟ୍ ରହୁଛି। ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଜାମୁକୁଣ୍ଡିଆ ରେଳ ଷ୍ଟେଶନ।

## ଟ୍ରେଞ୍ଚ ଖୋଳିବା ପରେ ଧାରଣା ପ୍ରତ୍ୟାହୃତ

### ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ପ୍ରସଙ୍ଗ



ପ୍ରଶାସନିକ ଅଧିକାରୀ ଟ୍ରେଞ୍ଚ ଖୋଳୁଛନ୍ତି।

ହାଟଡ଼ିହୀ,୧୮।୧୦(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅମ୍ବୋ ପଞ୍ଚାୟତ କରଗୋଳା ବୈତରଣୀ ନଦୀ ବାଲିଘାଟରୁ ବେଆଇନ ବାଲି ପରିବହନ ପ୍ରସଙ୍ଗକୁନେଇ ସ୍ଥାନୀୟ ବାସିନ୍ଦା ୨ ଦିନ ହେବ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଶନିବାର ପ୍ରଶାସନ ପଦକ୍ଷେପ ଟ୍ରେଞ୍ଚ ଖୋଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଅଭିଯୋଗ ଆଧାରରେ ଜିଲା ଖଣି ଅଧିକାରୀ ତାରିଣୀ ସିଂ, ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ଏନ୍‌ଫୋର୍ସମେଣ୍ଟ ଟିମ ଏବଂ ଅନ୍ୟ କର୍ମଚାରୀମାନେ ବାଲିଘାଟକୁ ଯାଇ ଟ୍ରେଞ୍ଚ ଖୋଳାଯାଇଛି। ବାଲିଘାଟକୁ ନୂତନ ରାସ୍ତା ନିର୍ମାଣ ହୋଇଥିବା, ଗଛ କଟାଯାଇଥିବା, ନଦୀ ଭିତରେ ବନ୍ଧ ନିର୍ମାଣ, ନଦୀ ଜଳ ସ୍ରୋତର ଗତିପଥକୁ ପରିବର୍ତ୍ତନ କରାଯାଇଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଆନନ୍ଦପୁର ଉପଜିଲାପାଳ ନୀଳ ମାଧବ ସୁନା କହିଛନ୍ତି, ଅପରାହ୍ନ ପ୍ରାୟ ୨ଟା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଛି। ପରିବର୍ତ୍ତନ କରାଯାଇଥିବା ନଦୀର ଗତିପଥକୁ ବାସ୍ତବିକ ଅବସ୍ଥାକୁ ଫେରାଇ ଅଣାଯିବ। ନିୟମିତ ଭାବେ ଚଢ଼ାଉ ଜାରି ରହିବ। ବାଲି ଚୋରା ଚାଲାଣକୁ କଦାପି ପ୍ରଶ୍ରୟ ଦିଆଯିବନି।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଉଦ୍‌ଘାଟିତ

ପାଟଣା,୧୮।୧୦(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ଝାରବେଡ଼ା ସାହୁ ମାର୍କେଟ କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଉଦ୍‌ଘାଟିତ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବରେ ବିଧାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ମାଗଣା ବିଜୁଳି ଯୋଜନାରେ ଉପଭୋକ୍ତା ନିଜ ଛାତ ଉପରେ ସୋଲାର ଲଗାଇ ମାଗଣା ବିଦ୍ୟୁତ ଜଳାଇବା ସହ ବଳକା ବିଜୁଳି ବିକ୍ରି କରିପାରିବେ ବୋଲି ଅତିଥିମାନେ କହିଥିଲେ। ପ୍ରୋପାଇଟର ହୃଷୀକେଶ ସାହୁ, ଝିଲିଶ୍ରୀ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।



ବିଧାୟକ ସୂର୍ଯ୍ୟଘର ଉଦ୍‌ଘାଟନ କରୁଛନ୍ତି।

## ଏସାର ମିନମେଟ ବିରୋଧୀ ମଞ୍ଚର ରାଲି



ଏସ୍‌ଆର ବିରୋଧୀ ମଞ୍ଚ ସଦସ୍ୟ ଶୋଭାଯାତ୍ରାରେ ଯାଉଛନ୍ତି।

କେନ୍ଦୁଝର,୧୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଟିକରପଡ଼ାଠାରେ ହେବାକୁ ଥିବା ପ୍ରସ୍ତାବିତ ଏସାର ମିନମେଟ୍ ଲିଃ ପ୍ରକଳ୍ପକୁ ବିରୋଧ କରି ଶନିବାର ଏସ୍‌ଆର ବିରୋଧୀ ମଞ୍ଚ ପକ୍ଷରୁ ଏକ ରାଲି ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଟିକରପଡ଼ା, କାଦଗଡ଼ ଓ ନିକଟବର୍ତ୍ତୀ ଗ୍ରାମର ଅଧିବାସୀ ଧୃର୍ପଦା ନିକଟରୁ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରସ୍ତାବିତ ପ୍ରକଳ୍ପକୁ ବାତିଲ କରିବାକୁ ଦାବି କରିଥିଲେ। ୧୩ ଦଫା ଦାବି ସମ୍ମିଳିତ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଥିଲା।

ଅଭିଯୋଗ ମୁତାବକ, ଜାନୁୟାରୀ ୧୮ରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣିରେ ଭାଗ ନେବା ପାଇଁ କ୍ଷତିଗ୍ରସ୍ତ ଲୋକଙ୍କୁ ଯିବାକୁ ଦେଇ ନ ଥିବାରୁ ଜନଶୁଣାଣି ଅଧିକାର ଉଲ୍ଲଂଘନ ହୋଇଥିଲା। ପ୍ରଦୂଷଣ ପ୍ରଭାବର ମୂଲ୍ୟାଙ୍କନ ଠିକ୍ ଭାବରେ କରାଯାଇ ନ ଥିବାରୁ ପ୍ରକଳ୍ପ ହେଲେ ୧୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ବାୟୁ ପ୍ରଦୂଷଣ ହେବ। କାରଖାନା କୃଷି ଓ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ। ବାୟୁ ଓ ଜଳ ପ୍ରଦୂଷଣ ଦ୍ୱାରା ୩ ହଜାର ଏକର ଉର୍ବର ଜମି କ୍ଷତିଗ୍ରସ୍ତ ହେବ ଏବଂ ମାଛ କାନ୍ଦଣା ନଦୀ, ହେମର୍ଦା ନାଳ, ଟିକରପଡ଼ା, ଧାତିକା ଓ କାଦଗଡ଼ ବନ୍ଧ ପ୍ରତି ବିପଦ ସୃଷ୍ଟି କରିବ। ଏଣୁ ପରିବେଶ ମୂଲ୍ୟାୟନ ରିପୋର୍ଟକୁ ପ୍ରତ୍ୟାଖାନ କରିବା ସହ ଅବୈଧ ଜମି ଅଧିଗ୍ରହଣ ଓ ପରିବେଶୀୟ ଉଲ୍ଲଂଘନର ରାଜ୍ୟସ୍ତରୀୟ ସ୍ୱାଧିକାର କମିଟି ଦ୍ୱାରା ତଦନ୍ତ କରିବା, ଗରାମ ସଭାର ବୈଧ ସମ୍ମତି ବିନା ଚାଲିଥିବା ପ୍ରକଳ୍ପ ତୁରନ୍ତ ବନ୍ଦ କରିବା, ପ୍ରଭାବିତ ଜମି ଓ ବନ ଅଞ୍ଚଳକୁ ଆଦିବାସୀ ସମ୍ପ୍ରଦାୟକୁ ପ୍ରଦାନ କରିବା, ଭବିଷ୍ୟତରେ କୌଣସି ଅନୁମୋଦନ ପୂର୍ବରୁ ସ୍ଥାନୀୟ ଗ୍ରାମସଭା ସହିତ ପରାମର୍ଶ ନିଶ୍ଚିତ କରିବା ଓ ଜଙ୍ଗଲ ଅଧିକାର ଆଇନ, ପେଶା ଆଇନ ୧୯୯୬ର କଠୋର ରୂପେ ପାଳନ କରିବାକୁ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ପୂର୍ବତନ ଏମପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପରିବେଶବିତ୍ ଅଶୋକ ଠକ୍କରଙ୍କ ସମେତ ବହୁ ପରିବେଶ କର୍ମୀ, ନଦୀମୁକ୍ତି ଅଭିଯାନର ସଦସ୍ୟ କହିଥିଲେ।

## ବଡ଼କାଳୀମାଟିରେ ସ୍ୱାସ୍ଥ୍ୟସେବା ଶିବିର

ଯୋଡ଼ା,୧୮।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକର ବଡ଼କାଳୀମାଟି ଗ୍ରାମ ପଞ୍ଚାୟତର ଗଣେଶ ପୂଜା ମଣ୍ଡପଠାରେ ଏଏସଲାଲ ଟ୍ରଷ୍ଟ ଓ ଆର୍‌ଜେ ଲୋଜିଷ୍ଟିକ ପ୍ରାଇଭେଟ ଲିମିଟେଡର ଏଏସଲାଲ ଟ୍ରଷ୍ଟ ଏବଂ କେୟାର ଇଜି ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ୧୫ ତାରିଖରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। କେୟାର ଇଜିର ଅଧକ୍ଷ ଡା. ମନୋଜ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେରେ ୩ ଜଣ ଡାକ୍ତର , ୩ ଜଣ ଫିଜିଓ ଥେରାପିଷ୍ଟ ଛାତ୍ର ଓ ୨ ଜଣ ନର୍ସ ଉପସ୍ଥିତ ରହି ଲୋକଙ୍କ ବଡ୍ ପ୍ରେସର, ଡାଇବେଟିସ, ଅକ୍ସିଜେନ ଲେଭେଲ ଟେଷ୍ଟ, ୱେଟ ମେଜର ମେଣ୍ଟ ପ୍ରଭୃତି ପରୀକ୍ଷା କରିଥିଲେ। ସମୁଦାୟ ୯୦ ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଉପଯୁକ୍ତ ଔଷଧ ପାଇଁ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା। ଆରଜେ ଲଜିଷ୍ଟିକର ସିଏସ୍‌ଆର ବିଭାଗ ମୁଖ୍ୟ ଶାଶ୍ୱତୀ ପଣ୍ଡା ଶିବିର ପରିଚାଳନା କରିଥିଲେ।

## ବିଦ୍ୟୁତ୍ ବିଭାଗର ଗ୍ରାହକ ସଚେତନତା ସଭା

ଢେଙ୍କିକୋଟ,୧୮।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆନନ୍ଦପୁର ଇଲେକ୍ଟ୍ରିକାଲ ଡିଭିଜନର ଘଟଗାଁ ଇଲେକ୍ଟ୍ରିକାଲ ସବ୍‌ଡିଭିଜନ ଏବଂ ଢେଙ୍କିକୋଟ୍ ବିଦ୍ୟୁତ୍ ସେକ୍ସନ ତରଫରୁ ଶନିବାର ଢେଙ୍କିକୋଟ୍ ଡାକବଙ୍ଗଳାଠାରେ ଏକ ଗ୍ରାହକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ବିଦ୍ୟୁତ ବିଭାଗର ଏଜକ୍ୟୁଟିଭ ଇଞ୍ଜିନିୟର ଅଶ୍ୱନୀ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ଅଖିଳଚନ୍ଦ୍ର ପାତ୍ର, ସମ୍ମାନୀୟ ଅତିଥିଭାବେ ଘଟଗାଁ ବିଦ୍ୟୁତ୍ ସବ୍‌ଡିଭିଜନର ଏସଡ଼ିଇଓ ରଣଜିତ ବେହେରା, ଢେଙ୍କିକୋଟ ସେକ୍ସନ ମ୍ୟାନେଜର ବିଶ୍ୱଜିତ ବେହେରା, ଗ୍ରାହକ ଅଭିଯୋଗ ଅଫିସର ସୁରେଶ ବେହେରା, ମୋହିତ ସାହୁ, ଢେଙ୍କିକୋଟ ସେକ୍ସନ କମର୍ସିଆଲ ଅଫିସର ରୋଶନ ପାତ୍ର ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ବିଭାଗର ବିଭିନ୍ନ ଉପାଦେୟ ଓ ପିଏମ୍ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ବୁଝାଇଥିଲେ। ବିଦ୍ୟୁତ୍ ବିଲ ଠିକ ସମୟରେ ଅନ୍‌ଲାଇନରେ ପଏଠ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଲଟେରୀ ଉଠାଣ କରି ୩ ଜଣଙ୍କୁ ଅଧିକାରୀ, ଅତିଥି ପୁରସ୍କୃତ କରିଥିଲେ। ଘଟଗାଁ ବିଦ୍ୟୁତ ସବ୍‌ଡିଭିଜନ ଏସ୍‌ଡିଇଓ ରଣଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତି ବିଦ୍ୟୁତ୍ ଉପଭୋକ୍ତାମାନେ।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷା, ଗଣିତ ପ୍ରତିଯୋଗିତା

ବଉଳା,୧୮।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ କ୍ଲଷ୍ଟରର ସରକାରୀ ଉପ୍ରା ବିଦ୍ୟାଳୟ ବେରୁଣପଦିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପ୍ରାରମ୍ଭିକସ୍ତରର ଶିକ୍ଷାର୍ଥୀଙ୍କ ମଧ୍ୟରେ ଭାଷା, ଗଣିତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାକ୍ତନ ଏବିଇଓ ଗଜେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରବିନ୍ଦ୍ର କୁମାର ସାହୁ, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ମୋହନ କୁମାର ମହାନ୍ତି, ପଞ୍ଚସଖାରର ସଭାପତି ଆଦିକନ୍ଦ ସାହୁ, ସୁରେନ୍ଦ୍ର କୁମାର ଜେନା, ସୁମତି ନାୟକ, ଚନ୍ଦନ କୁମାର ସାହୁ ଯୋଗଦେଇଥିଲେ। କେଶବଚନ୍ଦ୍ର କର ସଂଯୋଜନା କରିଥିବା ବେଳେ ସିଆରସିସି ବୃନ୍ଦଦେବ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ସୁଜତା ମଞ୍ଜରୀ ନାଥ, ଅଞ୍ଜନା ରାଣୀ ବେହେରା ଓ କମିଟିର ସଭ୍ୟାସଭ୍ୟ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସନାତନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଜୈବ ବିବିଧତା ପାଇଁ ଆଣବିକ ଓ ଭୂତାତ୍ତ୍ୱିକ ଚିନ୍ତାଧାରା' ଶୀର୍ଷକ ଆଲୋଚନାଚକ୍ର

କେନ୍ଦୁଝର,୧୮।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ 'ଜୈବ ବିବିଧତା ପାଇଁ ଆଣବିକ ଓ ଭୂତାତ୍ତ୍ୱିକ ଚିନ୍ତାଧାରା' ବିଷୟକ ଶୀର୍ଷକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁଙ୍କ ପୌରହିତ୍ୟରେ ପ୍ରଥମ ଅଧିବେଶନରେ ପ୍ରଫେସର ଚିତ୍ତ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ବନାଞ୍ଚଳ ଅଧିକାରୀ ଧନରାଜ ଏଚ୍‌ଡି ଯୋଗଦେଇ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ଉଦ୍ଭିଦର ସଂରକ୍ଷଣର ଆବଶ୍ୟକତା ରହିଛି ବୋଲି ଆଲୋଚନା ରଖିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ପଦ୍ମଜା ଗୁଡିପାଲି, ପ୍ରଫେସର ଶିବପ୍ରସାଦ ପରିଡ଼ା , ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ବନବିହାରୀ ମିଶ୍ର ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ପୃଷ୍ଟି, ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ବିଭୁପ୍ରସାଦ ଦାସ ଓ ଡ. ସୁଚିସ୍ମିତା ପଟ୍ଟନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସୋସୋ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

ବଉଳା,୧୮।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ସୋସୋ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କାନପୁରସ୍ଥିତ ସିଦ୍ଧ ମରଚାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସୋସୋ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ନାହାକ, ପ୍ରାକ୍ତନ ଏସ୍‌ଆଇ ଶଙ୍ଖାଳୀ ଚରଣ ରାଉଳ, ବରିଷ୍ଠ ଶିକ୍ଷାବିତ୍ ମୋହନ କୁମାର ମହାନ୍ତି, ପ୍ରାକ୍ତନ ଏବିଇଓ ରବିନ୍ଦ୍ର କୁମାର ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ଜେନା, ପ୍ରାକ୍ତନ ସିଆରସିସି ବୃନ୍ଦାବନ ବେହେରା, କୁଶଧ୍ୱଜ ବେହେରା, ସ୍ୱତନ୍ତ୍ର ଅତିଥି ଏସିବି ଫାଉଣ୍ଡେଶନ ଚେୟାରମ୍ୟାନ ଅଲେଖ ଚନ୍ଦ୍ର ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିପି ପୁଷ୍ପା ମହାପାତ୍ର ସଂଯୋଜନା କରିଥିବା ବେଳେ ସୋସୋ ସିଆରସିସି ବୁଦ୍ଧଦେବ ରାଉତ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରେମଲତା ପଣ୍ଡା, ସୁମିତ୍ରା ରାଉତ, ସାଗରିକା ସାହୁ ଓ ପବିତ୍ରା ରାଉତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ସୋସୋ କ୍ଲଷ୍ଟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ୫୦୦ ବାଇକ୍, ୧୦୨ ମୋବାଇଲ ଫେରସ୍ତ

କେନ୍ଦୁଝର,୧୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)



ଗାଡ଼ି ମିଳିବା ପରେ ଜଣେ ଗାଡ଼ି ମାଲିକ ନିଜର ଖୁସି ବ୍ୟକ୍ତ କରୁଛନ୍ତି।

କେନ୍ଦୁଝର ପୋଲିସ ଜିଲାର ସମସ୍ତ ଥାନାରେ ଉଦ୍ଧାର ହୋଇଥିବା ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ଓ ୧୨୦ ମୋବାଇଲ କାଗଜପତ୍ର ଯାଞ୍ଚ କରି ପ୍ରକୃତ ମାଲିକଙ୍କୁ ବଣ୍ଟନ କରିଛି। ସବୁ ବାଇକ୍ ଚୋରି କିମ୍ବା ଛୋଟ ଅପରାଧ ପାଇଁ ଜବତ କରାଯାଇଥିଲା। ଏହା ସହିତ, ଚୋରି ହୋଇଥିବା କିମ୍ବା ହଜି ଯିବା ପରେ ରିପୋର୍ଟ ହୋଇଥିବା ୧୦୨ଟି ମୋବାଇଲ ଫେରାଇ ଦିଆଯାଇଛି। ଏ ନେଇ କେନ୍ଦୁଝର ପୋଲିସ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ରବିନ୍ଦ୍ର ପ୍ରଧାନଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବାଇକ ଏବଂ ମୋବାଇଲ ଫୋନ ଗ୍ରହଣ କରିବା ସମୟରେ, ବାଇକ ଏବଂ ମୋବାଇଲ ଫୋନର ମାଲିକ ପୋଲିସ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ। ପୋଲିସ ଅଧିକ୍ଷକ ନୀତିନ କୁଶଲକର କହିଛନ୍ତି, ଏହା ଲୋକଙ୍କ ପୋଲିସ ପ୍ରତି ବିଶ୍ୱାସ ଗଠନ ଦିଗରେ ଏକ ପଦକ୍ଷେପ।

**ପାଟଣା,(ବୀର କିଶୋର ଦାଶ):** ପାଟଣା ଥାନାରେ ଦୁର୍ଘଟଣା ଓ ଅନ୍ୟାନ୍ୟ ବିଭିନ୍ନ ମାମଲାରେ ଜବତ ବାଇକ ମଧ୍ୟରୁ ୮ଟି ବାଇକ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟ ଗାଡ଼ିଗୁଡ଼ିକ ଫେରସ୍ତହେବ ବୋଲି ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି। ସେହିପରି ତୁରୁମଙ୍ଗା ଥାନାରେ ଗୋଟିଏ ମାତ୍ର ବାଇକ ହସ୍ତାନ୍ତର ହୋଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି। ସାଇବର କ୍ରାଇମ ଉପରେ ଆଭାସୀ ମାଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଚେତନତା କରିଥିଲେ।

**ଚମ୍ପୁଆ(ମହେଶ୍ୱର ଦାସ):** ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପ୍ରାୟ ୧୬ ଗାଡି ହସ୍ତାନ୍ତର ହୋଇଛି। ଗାଡ଼ି ମାଲିକମାନେ ଗାଡିର ଉପଯୁକ୍ତ କାଗଜପତ୍ର ଦେଖାଇ ଗାଡ଼ି ନେଇଥିଲେ। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ, ଦ୍ରୁତ ଗାଡ଼ିଚଳନା, ଆବଶ୍ୟକ କାଗଜପତ୍ର ନ ଥାଇ ଗାଡ଼ି ଚାଳନା ଆଦି କ୍ଷେତ୍ରରେ ପୋଲିସ ତନଖି ବେଳେ ଗାଡ଼ିକୁ ଜବତ କରିଥିଲା।

**ବଡ଼ବିଲ, (ଜୟନ୍ତୀ ରଣା):** ବଡ଼ବିଲ ପୋଲିସ ପକ୍ଷରୁ ବିଭିନ୍ନ ମାମୁଲି ଅପରାଧିକ ମାମଲାରେ ଜବତ ବାଇକ ମଧ୍ୟରୁ ୫୧ ବାଇକ୍ ସମେତ ମୋବାଇଲ ଫେରସ୍ତ କରାଯାଇଛି। ମାଲିକଙ୍କୁ ଚିହ୍ନଟ କରାଯାଇ ଶନିବାର ଇନ୍ସପେକ୍ଟର ଅଶୋକ ନାୟକଙ୍କ ନେତୃତ୍ୱରେ ବଣ୍ଟନ କରାଯାଇଥିଲା। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଏହାର ଶୁଭାରମ୍ଭ କରିଛନ୍ତି। ଆଗାମୀ ଦିନରେ ଫେରସ୍ତ ଉତ୍ସବ ଜାରି ରହିବ ବୋଲି ଏସ୍‌ଡିପିଓ ପିଙ୍ଗୁଆ କହିଛନ୍ତି। ମାଲିକାନା ମିଳୁ ନ ଥିବା ଯାନର ନିଲାମ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଚମ୍ପୁଆ ଉପଜିଲାପାଳଙ୍କ ଅନୁମତି ପରେ ନିଲାମ କରାଯାଇ ରାଜକୋଷରେ ଟଙ୍କା ଗଚ୍ଛିତ ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

**ଯୋଡ଼ା(ମାନସ ମହାନ୍ତି):** ଯୋଡ଼ା ଓ ବାମେବାରୀ ଥାନା ପରିସରରେ ପୂର୍ବରୁ ଜବତ ୧୩ଟି ୨ ଚକିଆ ଯାନ ଆଇନଗତ ମାଲିକଙ୍କୁ ହସ୍ତାନ୍ତର ହୋଇଥିଲା। ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାଇବର ଅପରାଧର ଉପରେ ସଚେତନତା କରାଯାଇଥିଲା। ସେହିପରି ବାମେବାରୀ ଥାନାରେ ୬ ଟି ବାଇକକୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି।

## କେନ୍ଦୁଝର ନରାକାସର ୨୭ତମ ଅର୍ଦ୍ଧବାର୍ଷିକୀ ବୈଠକ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

କେନ୍ଦୁଝରର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ୨୭ତମ ଅର୍ଦ୍ଧବାର୍ଷିକୀ ବୈଠକ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝରର ପାନ୍ଥ ନିବାସ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତଥା ବିଓଆଇ କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅମିତ୍ କୁମାର ପାଲ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଗୃହ ମନ୍ତ୍ରଣାଳୟ, ଭାରତ ସରକାର, ରାଜଭାଷା ବିଭାଗ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ)ର ପ୍ରତିନିଧିତ୍ୱ କରୁଥିବା ଉପନିର୍ଦ୍ଦେଶକ ଡ. ବିଚିତ୍ର ସେନ ଗୁପ୍ତା ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା, ବିଓଆଇ ପ୍ରଧାନ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ (ଅନ୍‌ଲାଇନ୍ ମୋଡ୍‌ରେ), ନରାକାସ, କେନ୍ଦୁଝରର ସଦସ୍ୟ ସଚିବ ଦେବ ଜୈସ୍‌ୱାଲ ଓ ସମସ୍ତ ସଦସ୍ୟ କାର୍ଯ୍ୟାଳୟର ମୁଖ୍ୟମାନେ ନିଜ ନିଜର ରାଜଭାଷା ଅଧିକାରୀମାନଙ୍କ ସହ ଏଥିରେ ଉପସ୍ଥିତ ଥିଲେ। ବୈଠକରେ ୨୦୨୪-୨୫ ବର୍ଷରେ ସର୍ବଶ୍ରେଷ୍ଠ ରାଜଭାଷା କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟାଳୟଗୁଡ଼ିକୁ ସିଲ୍ଡ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



# କଡ଼ମିଆଁ ପ୍ରାଥମିକ ବିଦ୍ୟାଳୟରେ ତଦନ୍ତକାରୀ ଟିମ୍

ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଡମିଆଁ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଆର୍ଥିକ ଅନିୟମିତତା ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ନନ୍ଦୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭବାନୀ ପ୍ରସାଦ ଦ୍ୱିବେଦୀ ଓ କୁପାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ୍ ଶନିବାର ବିଦ୍ୟାଳୟକୁ ଯାଇ ଦ୍ୱିତୀୟ ପର୍ଯ୍ୟାୟର ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଟିମ୍ କ୍ୟାଶ ବୁକ, ରିଜୋଲ୍ୟୁଶନ ଖାତା, ଭିନ୍ନ ଭିନ୍ନ ସମୟରେ ଜିନିଷ କିଣା ବାବଦରେ ରଖାଯାଇଥିବା ଭାଉଚରକୁ ଯାଞ୍ଚ କରିଥିଲେ। ପ୍ରବେଶ ଉତ୍ସବ, ପିଟିଏମ, ୟୁନିଫର୍ମ, ଇକୋ କ୍ଲବ ଆଦି ବାବଦରେ କରାଯାଇଥିବା ଖର୍ଚ୍ଚର ଭାଉଚର ଠିକଥିବା ବେଳେ ଖେଳ ଓ ଅନ୍ୟାନ୍ୟ ସରଞ୍ଜାମ ପାଇଁ ଖର୍ଚ୍ଚ ହୋଇଥିବା ୩୦ହଜାର ଟଙ୍କାର ସରଞ୍ଜାମ ବିଦ୍ୟାଳୟରେ ନ ଥିବା, ଗଣିତ ଓ ବିଜ୍ଞାନ ବିଷୟରେ ଦକ୍ଷତା ବୃଦ୍ଧି ପାଇଁ କରାଯାଇଥିବା ଖର୍ଚ୍ଚ ଭାଉଚରରେ ବାହାର ବିଦ୍ୟାଳୟର ଫଟୋ ଲଗାଯାଇଥିବା ନେଇ ଟିମ ହୃଦୟଙ୍ଗମ କରବା ସହ କିଛି ଭାଉଚରରେ କରାଯାଇଥିବା ଦସ୍ତଖତ ପରିଚାଳନା କମିଟି ସଭାପତି ଦସ୍ତଖତ ସହ ମିଶୁ ନ ଥିବା ନେଇ ଏହି ଟିମର ଦୃଷ୍ଟିଗୋଚର ହୋଇଥିଲା । ଏ ସମ୍ପର୍କରେ ଟିମ୍ ମୁଖ୍ୟ ଭାବେ ନନ୍ଦୁର ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ମତାମତ ନିଆଯିବାରେ ତଦନ୍ତ ବେଳେ ଯାହା ଯାହା ତ୍ରୁଟି ମିଳିଥିଲା ସେ ସବୁକୁ ଉପସ୍ଥିତ ଥିବା ଗ୍ରାମବାସୀ ଓ ପରିଚାଳନା କମିଟିକୁ ଅବଗତ କରାଯାଇ ସେମାନଙ୍କ ଦସ୍ତଖତ ମଧ୍ୟ ନିଆଯାଇଛି। ସେ ତାଙ୍କର ଏହି ରିପୋର୍ଟକୁ ଯଥାଶୀଘ୍ର ବିଇଓଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି ।

# ଭାଜପା ରାଜ୍ୟ ସମ୍ପାଦିକାଙ୍କୁ ଶୁଭେଚ୍ଛା



ମମତା ସିଂହଙ୍କୁ ସମର୍ଥକମାନେ ଭେଟି ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କିକୋଟ,୧୮।୧୦ (ନୀଳମଣି ମଣ୍ଡଳ)

ଭାରତୀୟ ଜନତାପାର୍ଟି ତରଫରୁ ଗୁରୁବାର ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଦଳୀୟ କାର୍ଯ୍ୟକର୍ତ୍ତା ଘୋଷଣା କରାଯାଇଛି। କେନ୍ଦୁଝର ଜିଲା ଢେଙ୍କିକୋଟର ମହିଳା ନେତ୍ରୀ ମମତା ସିଂହଙ୍କୁ ରାଜ୍ୟ ଭାଜପା ସମ୍ପାଦିକା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ ମିଳିବା ପରେ ଢେଙ୍କିକୋଟସ୍ଥ ମମତାଙ୍କ ବାସଭବନରେ ଜିଲାର ବିଭିନ୍ନ ପ୍ରାନ୍ତରୁ କାର୍ଯ୍ୟକର୍ତ୍ତା ଓ କର୍ମୀ ନୂତନ ରାଜ୍ୟ ସମ୍ପାଦିକା ମମତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହା ପୂର୍ବରୁ ମମତା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପଦରେ ରହି ଜିଲାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇ ଆସୁଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତ, କେନ୍ଦୁଝର ଏମ.ପି ଅନନ୍ତ ନାୟକଙ୍କୁ ରାଜ୍ୟ ସମ୍ପାଦିକା ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ତମାଖୁ ମୁକ୍ତ ଅଭିଯାନର ଶୁଭାରମ୍ଭ

ଝାରପୋଖରିଆ,୧୮।୧୦(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନସ୍ଥ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟେଣ୍ଟ ଡ. ରଜତ କୁମାର ଦାସଙ୍କ ତତ୍ତ୍ୱାବଧାନରେ 'ଯୁବ ତମାଖୁ ମୁକ୍ତ ଅଭିଯାନ ୨୦୨୫'ର ଶୁଭାରମ୍ଭ ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ୍ ପ୍ରୋଗ୍ରାମ ଅଫିସର ଶିବ ନାରାୟଣ ଦତ୍ତଙ୍କ ପରିଚାଳନାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଚିନ କୁମାର ବାରିକଙ୍କ ସହଯୋଗରେ ଗଠିତ କମିଟିରେ ସୁପରଭାଇଜର ତପନ କୁମାର ମହାରଣା, ବସନ୍ତ ସିଂଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀ ସୁଷମା ମହାନ୍ତଙ୍କ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କର୍ମକର୍ତ୍ତାଙ୍କ ସହଯୋଗରେ ସାରସକଣା ବ୍ଲକ୍ ଅଞ୍ଚଳରେ ପ୍ରାୟ ୪୫ ଗୋଟି ବିଭିନ୍ନ ବିଦ୍ୟାଳୟକୁ କ୍ରସ୍ତ କରି ଯୁବ ତମାଖୁ ମୁକ୍ତ ଅଭିଯାନର ବିଭିନ୍ନ ବାର୍ତ୍ତାକୁ ଆଧାର କରି ଜନସେଚନତା କରାଯାଇଥିଲା। ତମାଖୁ ସେବନ ଦାରା ମଣିଷ ଶରୀରରେ ହେଉଥିବା ବିଭିନ୍ନ ଅଣ ସଂକ୍ରାମକ ରୋଗ ଯଥା କର୍କଟ, ହୃଦ୍‌ରୋଗ, ଶ୍ୱାସ ଜନିତ ରୋଗ, ମଧୁମେହ, ମସ୍ତିଷ୍କ ଘାତ ପ୍ରଭୃତି ରୋଗରୁ ବଞ୍ଚିତ କରିବା ଏହାର ମୂଳ ଲକ୍ଷ୍ୟ।

# ଆଦି କର୍ମଯୋଗୀ ଅଭିଯାନରେ ମୟୂରଭଞ୍ଜ ସମ୍ମାନିତ




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କୁ ପୁରସ୍କୃତ କରୁଛନ୍ତି।

ବାରିପଦା,୧୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲାଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଉଦାହରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ଆଦି କର୍ମଯୋଗୀ ଅଭିଯାନ' ଉପରେ ଜାତୀୟ ସମ୍ମେଳନ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନ କରିଥିବା ରାଜ୍ୟ, ଜିଲା, ବ୍ଲକ୍ ଓ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥାଙ୍କୁ ସମ୍ମାନିତ କରିଛନ୍ତି। ଉତ୍ସବରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ମନ୍ତ୍ରୀ ଜୁଏଲ ଓରାମ ଓ ମନ୍ତ୍ରାଳୟର ସଚିବ ବିଭୁ ନାୟାର ଉପସ୍ଥିତ ଥିଲେ। ଏହି କ୍ରମରେ ମୟୂରଭଞ୍ଜ ଜିଲାକୁ ଆଦି କର୍ମଯୋଗୀ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲାପାଳ ହେମକାନ୍ତ ସୟଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି। ଏହି ଅବସରରେ ଜିଲାପାଳ ସୟ ଗର୍ ଓ ଆନନ୍ଦର ସହିତ ଏହି ସମ୍ମାନ ସାମଗ୍ର ମୟୂରଭଞ୍ଜ ଜିଲାର ବୋଲି କହିଛନ୍ତି। ଆଦିବାସୀ ବହୁଳ ଜିଲାରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ ଅନୁଷ୍ଠାନ ଯଥା ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥି ମାନଙ୍କର ଏହା ମିଳିତ ପ୍ରୟାସର ଫଳ ବୋଲି କହିଛନ୍ତି । ଅଭିଯାନରେ ଜିଲାର ୧୩୬୩ଟି ଆଦିବାସୀ ବହୁଳ ବସତି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସଶକ୍ତ କରିବା ତଥା ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ଆଶା ରଖିଛନ୍ତି। ସେମାନଙ୍କ ପାଇଁ ଏହା କିପରି ଶତ ପ୍ରତିଶତ ଉପଲବ୍ଧ ହେବ ତାହା ଆମର ଲକ୍ଷ୍ୟ ବୋଲି କହିଥିଲେ। ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ସ୍ୱାବଲମ୍ବୀ, ବିକଶିତ ଗ୍ରାମ କରିବା ଏବଂ ଦେଶର ଉନ୍ନତିରେ ସେମାନଙ୍କ ସକ୍ରିୟ ସହଭାଗିତା ସହିତ ଉନ୍ନତିର ଲାଭ ଆଦିବାସୀଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

# ଦ୍ୱାରଶୁଣି ଘାଟିରେ କାର୍ ଉପରେ ଓଲଟିଲା ବସ୍

## ୧୯ଆହତ, ୫ ଗୁରୁତର

ବାଙ୍ଗରିପୋଷି, ୧୮।୧୦(ସଞ୍ଜୟ କୁମାର ଅଗ୍ରୱାଲ)

ଶନିବାର ମଧ୍ୟାହ୍ନ ସାଢେ ବାରଟା ବେଳେ ତିରିଂଠାରୁ ବାରିପଦା ଯାଉଥିବା ଏକ ବସ୍ ୪୯ ନଂ. ଜାତୀୟ ରାଜପଥ ଦ୍ୱାରଶୁଣି ଘାଟିରେ ଓଭରଟେକ କରିବା ସମୟରେ ଭରସାମ୍ୟ ହରାଇ ଏକ କାର୍(ନଂ. ଓଡି୦୧ଏକେ୫୨୩୦)ଉପରେ ଓଲଟି ପଡ଼ିଥିଲା। କାର୍‌ରେ ଥିବା ଦେବକାନ୍ତ ମହାପାତ୍ର (୪୫)ଗୁରୁତର ଆହତ ହୋଇଥିବା ବେଳେ ବସ୍‌ରେ ଥିବା ଯାତ୍ରୀ ତପସ୍ୱିନୀ ମହାନ୍ତ, ସୀତା ଟୁଡୁ, ଆଶୁତୋଷ ବେହେରା, ଚନ୍ଦ୍ରଶେଖର ବେହେରା ଗୁରୁତର ଆହତ ହୋଇଥିଲେ। ଗୁରୁତରମାନଙ୍କୁ ବାଙ୍ଗରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ ଆହତ ୧୪ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଦମକଳ ବାହିନୀ ସହଯୋଗ କରିଥିଲେ। ଗତ ୭ ଦିନରୁ ଉର୍ଦ୍ଧ୍ୱ ହେବ ଦ୍ୱାରଶୁଣି ଘାଟି ରାସ୍ତା ଖାଲଖମାରେ ଭର୍ତ୍ତି ହେବା ସହ ଜାମ୍ ରହୁଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି।



କାର ଉପରେ ଓଲଟି ପଡିଛି ବସ୍।

# ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

**ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହରିପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ ସଂଯୋଜକ ବିଶ୍ୱନାଥ ଧିନ୍ଦାଙ୍କୁ ଶନିବାର ଶାନ୍ତଲତା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ନାୟକ ସଭାରେ ଅଧକ୍ଷତା କରିଥିଲେ। ବିଆରସିସି ମାଣିକ ମିଶ୍ର ମୁଖ୍ୟଅତିଥି, ନବନିଯୁକ୍ତ ସିଆରସିସି ସରୋଜ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସର ନେଇଥିବା ସିଆରସିସି ଧିନ୍ଦା ସବୁବେଳେ ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହଲା ଅତିଥି ପରିଚୟ, ଦେବସ୍ମିତା ପାତ୍ର ବେଦପାଠ ଓ ବୁଦ୍ଧଦେବ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ବିଦାୟୀ ସିଆରସିସିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପ୍ରମୋଦ କୁମାର ଜେନା, ଅଶେଷ ବେହେରା, ପ୍ରଶାନ୍ତ ପ୍ରଧାନ, ଜଗବନ୍ଧୁ ଜେନା, ତମାଳ ବାରିକ, ରଶ୍ମିରେଖା ସାହୁ, ଅନନ୍ତ ନାଇକି, ଯଶୋଦା ଦେଉରୀ ଓ ସସ୍ମିତା ସେଣ୍ଠ ପ୍ରମୁଖ ସହଯୋଗ କରିଥିଲେ।

# ଫିଜିଓଥେରାପି ସେଣ୍ଟର ବନ୍ଦ କଲେ ଜିଲା ମଙ୍ଗଳଅଧିକାରୀ

ଭୋଗରାଇ, ୧୮।୧୦(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଶ୍ରଦ୍ଧାପୁର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷକ ପୂର୍ବେ ଦିବ୍ୟାଙ୍ଗ ନିମନ୍ତେ ସକ୍ଷମ ଫିଜିଓଥେରାପି ସେଣ୍ଟର ଖୋଲାଯିବା ନେଇ ଏକ ଏନଜିଓ ସଂସ୍ଥାକୁ କାର୍ଯ୍ୟକାରୀ କରିବାକୁ ଅନୁମତି ଦିଆଯାଇଥିଲା। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୨ଲକ୍ଷ ୬୦ହଜାର ଟଙ୍କା ମଧ୍ୟ ଅନୁଦାନ ଦିଆଯାଇଥିଲା। ଏନଜିଓ ସଂସ୍ଥା ଉକ୍ତ ପଞ୍ଚାୟତରେ ଫିଜିଓଥେରାପି ସେଣ୍ଟର ନ କରି ହୁଗୁଳି ପଞ୍ଚାୟତ ଚନ୍ଦନେଶ୍ୱରଠାରେ ସେଣ୍ଟର ଖୋଲି ୭୦ଦିବ୍ୟାଙ୍ଗ ପାଇଁ ଆସୁଥିବା ଅର୍ଥକୁ ହଡପ କରୁଥିବା ଅଭିଯୋଗ ହୋଇଥିଲା। ସମିତି ସଦସ୍ୟ ଓ ଗ୍ରାମବାସୀ ଭୋଗରାଇ ବ୍ଲକ ପରିସରରେ ହୋଇଥିବା ଜନଶୁଣାଣିରେ ଏହି ଅଭିଯୋଗ ଲିଖିତ ଭାବେ ଜିଲା ପ୍ରଶାସନଠାରେ କରିବାରୁ ଗତ ୧୩।୧୦।୨୦୨୫ରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ଦେବାକୁ ବ୍ଲକ ମଙ୍ଗଳଧିକାରୀଙ୍କୁ ଚିଠି ଦିଆଯାଇଥିଲା। ବ୍ଲକ ମଙ୍ଗଳ ଅଧିକାରୀ ତଦନ୍ତରେ ବିଳମ୍ବ କରିବାରୁ ଜିଲା ମଙ୍ଗଳ ଅଧିକାରିଣୀ ପ୍ରଭାତୀ ବେହେରା ଘଟଣାସ୍ଥଳ ଅନୁଧ୍ୟାନ କରି ଉକ୍ତ ବେଆଇନ ସଂସ୍ଥାକୁ ବନ୍ଦ କରିଦେଇଥିବା ସୂଚନା ମିଳିଛି। ଅପରପକ୍ଷରେ ଏଭଳି ସଙ୍ଗୀନ ଅଭିଯୋଗରେ ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ସୁଧାକର ନାୟକ କହିଛନ୍ତି।

**ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
**THE MAYURBHANJ CENTRAL COOPERATIVE BANK, BARIPADA**
Baripada - 757001, Dist.: Mayurbhanj, Odisha
Letter No. 937 — Date: 18.10.2025

**ବ୍ୟାଙ୍କ ଲକର ସ୍ଥାନାନ୍ତରଣ ନୋଟିସ**

ଏତଦ୍ଦ୍ୱାରା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବାରିପଦା ଶାଖାର ସମସ୍ତ ଲକରଧାରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ଅକ୍ଟୋବର – ୨୦୨୫ ମାସର ୨୫ ତାରିଖ ଦିନ ଶାଖାରେ ଥିବା ଲକରଟିକୁ ଉକ୍ତ ପରିସର ଭିତରେ ଗଢ଼ିଉଠିଥିବା ନୂତନ ଗୃହକୁ ସ୍ଥାନାନ୍ତରଣ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଅଛି। ଏଣୁ ଆପଣମାନଙ୍କୁ ଉକ୍ତ ଦିନ ପୂର୍ବରୁ ବ୍ୟାଙ୍କ ଶାଖାକୁ ଆସି ଶାଖା ପରିଚାଳକଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା। Reserve Bank of Indiaର ନିୟମ ଅନୁଯାୟୀ ଆପଣମାନଙ୍କର ହିତକୁ ଦୃଷ୍ଟିରେ ରଖି ଏହା ଆପଣମାନଙ୍କର ଗୋଚରାର୍ଥେ ଜଣାଇ ଦିଆଗଲା।

ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ସ୍ୱା./– ଶାଖା ପରିଚାଳକ
ବାରିପଦା ଶାଖା, ବାରିପଦା

**Government of Odisha**
**Information and Public Relations Department**
IPR-FP-GP-0003-2025/15613/IPR — Dated: 16.10.2025

**1st Corrigendum**

Tender Call Notice No.15037, Dtd:06.10.2025

No.Z-18: In continuation of the RFP No.15037, Dated 06.10.2025 inviting eligible bidders to "Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi", it is hereby informed all concerned that some modifications are made in the RFP document. Please visit the website i.e. https://inpr.odisha.gov.in & https://odisha.gov.in. for detailed information.

OIPR-15001/11/1229/2526 — Sd./- Director

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ShellRep-25-26-21

**କାର୍ଯ୍ୟର ନାମ :** 24 (ଚବିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ICF ଏବଂ LHB କୋଚ୍‌ଗୁଡ଼ିକର ହେଭି ଶେଲ୍ (Heavy Shell) ମରାମତି।

**ବିଜ୍ଞାପିତ ମୂଲ୍ୟ :** ₹ 3,89,85,092.46, **EMD :** ₹ 3,44,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.10.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.11.2025ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର

PR-696/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS 2025046, ତା.10.10.2025ରିଖ

**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 200 ସଂଖ୍ୟକ କ୍ଷମତା ବିଶିଷ୍ଟ ୱାଗନ POH କାରଖାନାର ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 23019.30 ଲକ୍ଷ, EMD : ₹ 1,15,10,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.12.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-139/CI/25-26

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com, फोन नं० – 0651–3512781

पत्रांक................../ — **शुद्धि–पत्र** — राँची, दिनांक ......../......../2025

कार्यपालक अभियंता, लघु सिंचाई प्रमण्डल, राँची का पत्रांक –616 दिनांक–25.09.25 द्वारा PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 03.11.2025 up to 2.00 pm |
| 2 | Last date for /time for submission of e-tender BID's | 25.10.2025 up to 5:00pm | 10.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 10.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 12.11.2025 at 4:00 pm |

निविदा की शेष सभी शर्ते पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची

PR 364512 Minor Irrigation(25-26)#D

**OFFICE OF THE EXECUTIVE ENGINEER**
National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364122 (Deoghar)25-26*D] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 30.10.2025 12:00 HRS to 20.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 07.11.2025 (12:30 HRS) |
| 4. | BID Due Date | 20.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 21.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 24.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 364528 (Deoghar)25-26*D — Executive Engineer NH Division, Deoghar

**कार्यालय, जिला अभियंता जिला परिषद गिरिडीह**

**अतिअल्पकालीन निविदा आमंत्रण सूचना**

ई0–निविदा संख्या– **DE/ZP/GIRIDIH/11/2025-26**

ई– निविदा सूचना संख्या – DE/ZP/GIRIDIH/11/2025-26

1. कार्य की विस्तृत विवरणी :– 15वें वित्त आयोग के स्वास्थ्य प्रक्षेत्र योजना मद्।

| क्रं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य अवधि |
|---|---|---|---|---|---|
| 1 | Construction of Primary Health Centre at Udnabad under Block Giridih District Giridih | 1,42,99,800.00 | 2,86,000.00 | 10,000.00 | 12 माह |
| 2 | Construction of Primary Health Centre at Balhara under Block Dhanwar District Giridih | 1,42,99,800.00 | 2,86,000.00 | 10,000.00 | 12 माह |

2. वेबसाइट में निविदा प्रकाशन की तिथि – 25.10.2025
3. ई–निविदा प्राप्ति की तिथि एवं समय दिनांक 25.10.2025 से दिनांक 04.11.2025 को अपराह्न 5:00 बजे तक
4. ई–निविदा खोलने का स्थान– जिला अभियंता, जिला परिषद का कार्यालय, गिरिडीह।
5. ई–निविदा खोलने की तिथि एवं समय– 06.11.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, गिरिडीह।
7. ई–निविदा प्रकोष्ठ का दूरभाष संख्या – 7979762672 (संबंधित जिला अभियंता, गिरिडीह का दूरभाष नम्बर)
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संवेदक की होगी।
11. जिला परिषद, गिरिडीह के समुचित श्रेणी एवं उससे एक उपर के निबंधित संवेदक ही भाग ले सकते है।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, गिरिडीह

PR 364456 Rural Development (25-26)_D

**B.I.T. SINDRI**
P.O.-SINDRI INSTITUTE
DIST; DHANBAD (JHARKHAND) PIN: 828123

e-tender Notice - BIT/20/2025-26/Envi/Chem2
Reference Number: BIT/20/2025-26/Envi/Chem2 Dated :- 17-10-2025
Tender ID: 2025_DHTE_105984_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply and installation of Equipment of Environmental Engineering Lab of Chemical Engineering Department BIT Sindri, Dhanbad, Jharkhand. |
| 3 | Document download start date | 21-10-2025 |
| 4 | Document download end date | 11-11-2025 |
| 5 | Bid submission end date | 11-11-2025 |
| 6 | Bid opening date | 12-11-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

PR 364508 Higher Education,Technical Education and Skill Development Department (25-26)_D — Sd-/ Director, B.I.T., Sindri

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**CSR DEPARTMENT**

**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)**

ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025
LAST DATE FOR SUBMISSION OF APPLICATION – 30/11/2025

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**
- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26: **Graduation course in Engineering, Medical or Agriculture (including integrated/dual degree M.Tech. Course) OR Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005** latest by **30/11/2025 (4.00 PM).**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# ଦୀପାବଳି ପାଇଁ ଗାଁଠୁ ସହର ଉତ୍ସବମୁଖର

**ବାଲେଶ୍ୱର, ୧୮।୧୦(ବାଞ୍ଛାନିଧି ଦେ)**


ବାଣ ଦୋକାନରେ ଗ୍ରାହକଙ୍କ ଭିଡ଼।

■ବାଣ ବଜାରରେ ଗ୍ରାହକଙ୍କ ଭିଡ଼

■ଆକର୍ଷିତ କରୁଛି କୁକୁଡ଼ା ଅଣ୍ଡା ଓ ସମୋସା ବାଣ

ବରଷକ ଥରେ ଆସିଛି ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଗାଁଠାରୁ ସହର ପର୍ଯ୍ୟନ୍ତ ସଭିଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଘରଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି। ଦୀପାବଳି ସନ୍ଧ୍ୟାରେ ଦୀପ ଜାଳିବା ସାଙ୍ଗକୁ ବାଣ ଫୁଟାଇବା ପାଇଁ ପ୍ରସ୍ତୁତି ସରିଛି।

ଚଳିତବର୍ଷ ବାଲେଶ୍ୱର ସହରର ପୁରୁଣା ଷ୍ଟାଡିୟମ୍ ପଡ଼ିଆ ଓ ଆଇଟିଆଇ ପଡ଼ିଆରେ ଅସ୍ଥାୟୀ ବାଣ ବଜାର ଖୋଲାଯାଇଛି। ପୁରୁଣା ଷ୍ଟାଡିୟମ୍ ପଡ଼ିଆରେ ୫୪ ଓ ଆଇଟିଆଇ ପଡ଼ିଆରେ ୨୩ଟିକୁ ମିଶାଇ ମୋଟ୍ ୭୭ଟି ଷ୍ଟଲ୍ ଖୋଲିଛି। ଦୋକାନୀଙ୍କ ପକ୍ଷରୁ ସୁରକ୍ଷା ଓ ନିରାପତ୍ତା ଦିଗରେ ଗୁରୁତ୍ୱ ଦିଆଯାଇଛି। ଷ୍ଟଲ୍‌ଗୁଡ଼ିକରେ ବିଭିନ୍ନ ପ୍ରକାର ରକେଟ୍, ଚକ୍ରିବାଣ, କୁମ୍ଭି, ଟୁ'ସାଉଣ୍ଡ, ଫ୍ଲାୱାର ସଟ୍, ଫ୍ୟାନ୍‌ସୀ ବାଣ ସହ ପିଲାଙ୍କ ପାଇଁ ଝରାବତୀ, ଚମ୍‌କାବତୀ, ରଙ୍ଗ ଦିଆସିଲି, ସାପବାଣ ଆଦି ବିକ୍ରି କରାଯାଉଛି। ସର୍ବନିମ୍ନ ୧୦ଟଙ୍କାରୁ ଆରମ୍ଭ କରି ସାଢ଼େ ୫ହଜାର ଟଙ୍କା ମୂଲ୍ୟର ବାଣ ବିକ୍ରି ହେଉଛି। ତେବେ ପୂର୍ବବର୍ଷ ଅପେକ୍ଷା ଏଥର ବାଣର ଦରରେ କିଛିଟା ପରିବର୍ତ୍ତନ ହୋଇଛି। ଗୋଟିଏ ମାସରେ ଦୁର୍ଗାପୂଜା, ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳନ ହୋଇଥିଲେ ହେଁ ବାଣ ବିକ୍ରି ଉପରେ ସେଭଳି ପ୍ରଭାବ ପଡ଼ିବ ନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି।

ରଣଜିତ୍ ଟାଇଗର ଦୋକାନୀ ମାଲିକ ଅଜିତ୍ ପରିଡ଼ା କହନ୍ତି, ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ବ୍ୟବସାୟ ଠିକ୍ ଭାବେ ଚାଲିଛି। ଦୋକାନରେ ନୂତନ ଧରଣର କୁକୁଡ଼ା ଅଣ୍ଡା, ଆଇପିଏଲ୍ ବେଟ୍, ଗିଟାର, ସେଲ୍ଫି ଷ୍ଟିକ୍, ଲଲି ପପ୍, ଲେଜର ସାୱାର ବାଣ ସହ ଫ୍ୟାନସି ମଧ୍ୟରେ ସମୋସା, ୨୪୦ସଟ୍, ୧୦ହଜାର ଲାରା, ପାରାଚୁଟ୍ ରକେଟ୍ ଆଦି ଗ୍ରାହକଙ୍କୁ ଆକର୍ଷିତ କରୁଛି।

ଗ୍ରାହକ ପ୍ରଶାନ୍ତ ଖିଲାର କହନ୍ତି, ଚଳିତବର୍ଷ ବଜାରରେ ଭଳିକି ଭଳି ବାଣ ମିଳୁଛି। ବିଶେଷ କରି କୁକୁଡ଼ା ଅଣ୍ଡା ଓ ସମୋସା ବାଣ ମନ ମୋହୁଛି। ବାଣ ଫୁଟାଇବା ପାଇଁ ଯେତିକି ଆଗ୍ରହ ତା' ଠାରୁ ସୁରକ୍ଷା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଆଲୋକ ଓ ଖୁସିର ପର୍ବକୁ ସଚେତନ ହୋଇ ସମସ୍ତେ ପାଳିବା ଉଚିତ୍।

# ୬ଦିନ ଧରି ଜମିବ ଗଣ୍ଡିବେଡ଼ ସାର୍ବଜନୀନ କାଳୀପୂଜା


ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ କାରିଗର ଶେଷ ସ୍ପର୍ଶ ଦେଉଛନ୍ତି।

**ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା)**

**ନାଚଗୀତ ସାଙ୍ଗକୁ ସଭା ସମ୍ବର୍ଦ୍ଧନାର ମଜା ନେବେ ଦର୍ଶକ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡଠାରେ ବଣିକ ସଂଘ ଆନୁକୂଲ୍ୟରେ ପାଳିତ ହୋଇଆସୁଥିବା ସାର୍ବଜନୀନ କାଳୀପୂଜା ଚଳିତବର୍ଷ ୮ମ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ୬ଦିନ ଧରି ଜାକଜମକରେ ପାଳନ କରିବାକୁ ବଣିକ ସଂଘ ଦିନରାତି ଉଦ୍ୟମ ଚଳାଇଛି। ବଣିକ ସଂଘର ସଭାପତି ଇଂ ରାଜେଶ ମହାକୁଡ, ସମ୍ପାଦକ ଅଭିମନ୍ୟୁ ରାଉଳ, ଉପସଭାପତି ପୁରସ୍ତମ ମହାନ୍ତି, ସହସମ୍ପାଦକ ପଙ୍କଜ ବାରିକ, ଆବାହକ କୃଷ୍ଣଚନ୍ଦ୍ର ସାହୁ ଓ ପଦ୍ମଲୋଚନ ଜେନାଙ୍କ ସମେତ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇ ୬ଦିନର କାର୍ଯ୍ୟକ୍ରମର ବୃତ୍ତାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି। ୨୦ରେ ଘଟ ଉତ୍ତୋଳନ ସାଙ୍ଗକୁ ମା'ଙ୍କୁ ଆବାହନ, ୨୨ରେ ଭଜନ ସନ୍ଧ୍ୟା, ୨୩ରେ ଷ୍ଟାରନାଇଟ୍, ୨୪ରେ ମ୍ୟାଜିକ ଶୋ' ସାଙ୍ଗକୁ ରେକର୍ଡ ଡ୍ୟାନ୍ସ, ୨୫ରେ ସମସ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ଏବଂ ୨୬ରେ ମା'ଙ୍କୁ ମେଲାଣି ଦିଆଯିବ । ତା' ସହିତ ବିଭିନ୍ନ ଦିବସରେ ସ୍ଥାନୀୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି। ସମସ୍ତ କାର୍ଯ୍ୟକୁ ଦର୍ଶକ କିଭଳି ଶାନ୍ତିଶୃଙ୍ଖଳାର ସହ ଉପଭୋଗ କରିବେ ସେଥିଲାଗି ସବୁ ଦିଗକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଉଥିବା ନେଇ ସଂଘର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି।

# ନିଲମ୍ବିତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କାଳିପଦା, ୧୮।୧୦(ରାଜଶ୍ରୀ ପାଣିଗ୍ରାହୀ)**

**ଆର୍ଥିକ ଅନିୟମିତତା ନେଇ ଜିଲାପାଳଙ୍କଠାରେ ଅଭିଯୋଗ**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳାଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆଶ୍ରମ ସ୍କୁଲ ସ୍ଥାପନ କରାଯାଇଛି। ପିଲାଙ୍କ ଉଦ୍ଦେଶ୍ୟରେ ମାଗଣା ଶିକ୍ଷା ବ୍ୟବସ୍ଥା, ଉନ୍ନତମାନର ଖାଦ୍ୟ, ଛାତ୍ରାବାସର ଉନ୍ନତୀକରଣ ପାଇଁ ଆସୁଥିବା ସରକାରୀ ଅନୁଦାନକୁ ଚଞ୍ଚକତା କରି ନିଲମ୍ବିତ ହୋଇଥିବା ପ୍ରଧାନ ଶିକ୍ଷକ ଆତ୍ମସାତ କରିଥିବା ନେଇ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି।

ପ୍ରତ୍ୟେକ ବର୍ଷ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୧ ଲକ୍ଷ ଟଙ୍କା ଓ (ପିଏମ୍ଏସ୍) ପି-ମେଟ୍ରିକ୍-ସ୍କଲାରଶିପ୍‌ରେ ୧ ଲକ୍ଷ ଟଙ୍କା ଆସିଥାଏ। ମାତ୍ର ଏହି ବିଦ୍ୟାଳୟରେ ପରିଚାଳନା କମିଟି ନ ଥିବାରୁ ବିନା ରିଜ୍ୟୁଲେଶନରେ ନିଲମ୍ବିତ ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର ମନ ଇଚ୍ଛା ବିଲ୍ କରି ବହୁ ଅର୍ଥ ହେରଫେର କରିଛନ୍ତି ବୋଲି ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମର ଅନନ୍ତ କୁମାର ବିଶ୍ୱାଳ, ଉମାକାନ୍ତ ବେହେରା, ବୁଦ୍ଧିଆ ମାରାଣ୍ଡି, ଚେମ ବିନ୍ଧାଣି, ଲକ୍ଷ୍ମୀଧର ପାତ୍ର, ଘନଶ୍ୟାମ ବିନ୍ଧାଣି, ନନ୍ଦ ଟୁଟୁ, ସୁଶାନ୍ତ ପ୍ରମାଣିକ ପ୍ରମୁଖ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ପେନ୍‌ସନ ଯୋଜନା ନାଁରେ କୋଟି କୋଟି ଟଙ୍କା ଠକେଇ


ଥାନା ସମ୍ମୁଖରେ ଠକେଇର ଶିକାର ମହିଳାପୁରୁଷ।

**ବାଲିଆପାଳ, ୧୮।୧୦(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧୀନ କିଓସ୍କୋ ଶାଖା ଖୋଲି ଜଣେ ଯୁବକ ସ୍ଥାନୀୟ ଆଦିବାସୀମାନଙ୍କୁ ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ଆଳରେ କୋଟି କୋଟି ଟଙ୍କା ଠକେଇ କରିଥିବା ଶୁକ୍ରବାର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ବାଲିଆପାଳ ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ଅଭିଯୁକ୍ତଙ୍କୁ ୧୦ଦିନ ମଧ୍ୟରେ ସମସ୍ତ ଟଙ୍କା ଫେରାଇବା ପାଇଁ ଶାଖା ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ଦେଉଳା ପଞ୍ଚାୟତ ଅଫିସ ସମ୍ମୁଖରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କିଓସ୍କୋ ଶାଖା ରହିଛି। ଏହି ଶାଖାରେ କାର୍ଯ୍ୟରତ ଦେଉଳା ଗ୍ରାମର ରଞ୍ଜନ ରଣା ଦୀର୍ଘଦିନ ଧରି ଏକ ଶାଖା ଖୋଲି ଲୋକଙ୍କ ଅର୍ଥ ନେଣଦେଣ କାର୍ଯ୍ୟ କରିଆସୁଥିଲେ। କିଛି ମାସ ପୂର୍ବେ ରେଳଧାରଣା ପାଇଁ ଜମି ଦେଇଥିବା ଫୁଲମଣି ସୋରେନ, ମାଳତୀ ମାରାଣ୍ଡି, ଗଣେଶ ଟୁଡୁ, ପ୍ରଶାନ୍ତ କିସ୍କୁ, ରାଣୀ ମାଝି, ଯୋଗେନ୍ଦ୍ର ହେମ୍ବ୍ରମ ଓ ରାମ ଟୁଡୁଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଖାତାକୁ ଜମି କ୍ଷତିପୂରଣ ଅନୁଯାୟୀ ଲକ୍ଷ ଲକ୍ଷ ଟଙ୍କା ଆସିଥିଲା। ଆଦିବାସୀଙ୍କ ଖାତାକୁ ଆସିଥିବା ଲକ୍ଷ ଲକ୍ଷ ଟଙ୍କା ଉପରେ ରଞ୍ଜନଙ୍କ ଲୋଭ ପଡ଼ିଥିଲା। ଏହି ଟଙ୍କା ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହେଲେ ମାସକୁ ଲକ୍ଷେ ଟଙ୍କାରେ ଦୁଇହଜାର ଟଙ୍କାର ପେନସନ ପାଇପାରିବେ ବୋଲି ରଞ୍ଜନ ଲୋକମାନଙ୍କୁ ବୁଝାଇ ସେମାନଙ୍କଠାରୁ ଟଙ୍କା ନେଇ ଅନ୍ୟ ଏକ ଆକାଉଣ୍ଟକୁ ଏନ୍ଏଫ୍‌ଟି ମାଧ୍ୟମରେ ଟ୍ରାନ୍ସଫର କରାଇ ନେଇଥିଲେ। ୫/୬ ମାସ ରଞ୍ଜନ ଜମାକାରୀଙ୍କୁ ଲକ୍ଷେ ଟଙ୍କାରେ ଦୁଇହଜାର ହିସାବରେ ପେନସନ ଦେଇଛନ୍ତି ବୋଲି ଅଭିଯୋଗକାରୀମାନେ କହିଛନ୍ତି। ପରେ ଶାଖା ତରଫରୁ ସେମାନଙ୍କୁ ଠିକ୍ ବ୍ୟବହାର ନ କରିବା, ଠିକ୍ ସମୟରେ ପେନସନ ନ ମିଳିବା ଫଳରେ ଲକ୍ଷାଧିକ ଟଙ୍କା ମୂଳଧନ ଫେରି ନ ପାଇବା ଭୟରେ ପ୍ରଥମେ ଆଦିବାସୀ ମହିଳା ଓ ପୁରୁଷମାନେ ମିଳିତ ହୋଇ ରଞ୍ଜନଙ୍କ କିଓସ୍କୋ ଶାଖାରେ ତାଲା ପକାଇଥିଲେ। ସେଥିରେ ସୁଫଳ ନ ମିଳିବାରୁ ଶୁକ୍ରବାର ରଞ୍ଜନଙ୍କ ବିରୋଧରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଏନ୍ଏଚ୍ ୫-ବାଲଗୋପାଳପୁର ରାସ୍ତା ଶିଳାନ୍ୟାସ

**୩.୮୧କୋଟି ବ୍ୟୟ ଅଟକଳରେ ହେବ ଉନ୍ନତୀକରଣ**


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅନ୍ୟମାନେ।

**ବାଲେଶ୍ୱର, ୧୮।୧୦(ବାଞ୍ଛାନିଧି ଦେ)**

ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ଏନ୍ଏଚ୍-୫ଠାରୁ ବାଲଗୋପାଳପୁର ଶିଳ୍ପାଞ୍ଚଳ ରାସ୍ତା ପ୍ରକଳ୍ପର ଶୁକ୍ରବାର ଶିଳାନ୍ୟାସ ହୋଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ୩ କୋଟି ୮୧ଲକ୍ଷ ୩୭ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାର ଉନ୍ନତୀକରଣ ହେବ। ମୁଖ୍ୟଅତିଥି ଭାବେ ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାସ୍ତା ନିର୍ମାଣରେ ଉତ୍ତମ ଗୁଣବତ୍ତା ରକ୍ଷା ସହିତ ଠିକ୍ ମାନଦଣ୍ଡ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମଗ୍ର ଅଞ୍ଚଳବାସୀଙ୍କ ସମେତ ଜନସାଧାରଣ ଉପକୃତ ହେବେ। ଶିଳାନ୍ୟାସ ପର୍ବରେ ରେମୁଣା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଗିରିଧାରୀ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, କାଉନସିଲର ଶିବଶଙ୍କର ରାୟ, ହେମବତୀ ବେହେରା, ମିନାକ୍ଷୀ ବେହେରା, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, କନକଲତା ଦାସ, ଜୟନ୍ତୀ ପାତ୍ର, ହେମଲତା ସେଠୀ, ଇତିଶ୍ରୀ ଦାସ, ଅନନ୍ତ ସାହୁ, ହିମାଂଶୁ ଶେଖର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଚାର ବ୍ୟବସ୍ଥା ଉପରେ ଆକ୍ରମଣ ବିରୋଧରେ ପ୍ରତିବାଦ ସଭା


ପ୍ରତିବାଦ ସଭାରେ ଉପସ୍ଥିତ ଆଇନଜୀବୀ।

**ଔପଦା, ୧୮।୧୦(ଧରିତ୍ରୀ ପଣ୍ଡା)**

ଔପଦା ଆଇନୀଜୀବୀ ସଂଘ ପକ୍ଷରୁ ବିଚାର ବ୍ୟବସ୍ଥା ଉପରେ ଆକ୍ରମଣ ବିରୋଧରେ ପ୍ରତିବାଦ ସଭା ଆଇନଜୀବୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରି ଦେଶ ଆଜି ଘଡ଼ିସନ୍ଧି ଦେଇ ଗତି କରୁଛି। ଦେଶର ସମ୍ବିଧାନ ରକ୍ଷକ ବିଚାର ବ୍ୟବସ୍ଥାର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଉପରେ ଆକ୍ରମଣକୁ ନିନ୍ଦା କରି ଆଇନ ବ୍ୟବସ୍ଥାର ସୁରକ୍ଷା ପାଇଁ ସବୁବର୍ଗର ବ୍ୟକ୍ତିବିଶେଷ ସଚେତନ ପାଇଁ ଆହ୍ୱାନ ଦେଇଥିଲେ। ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା, ଅଜୟ କୁମାର ପଟ୍ଟନାୟକ ବିଚାର ବ୍ୟବସ୍ଥାରେ ନ୍ୟାୟ ପ୍ରଦାନ ପାଇଁ ବିଚାରପତିମାନେ ସୁରକ୍ଷିତ ମଣୁ ନ ଥିବା କହିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ବେହେରା, ରଞ୍ଜନ କୁମାର ପଣ୍ଡା ବକ୍ତବ୍ୟ ଦେଇଥିବା ବେଳେ ଜୟଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିବାଦ ସଭାରେ ଆଇନଜୀବୀ ଶରତ କୁମାର ବେହେରା, ସୁରେଶ ଚନ୍ଦ୍ର ବିଶ୍ୱାଳ, ଅରୁଣ ପଟ୍ଟନାୟକଙ୍କ ସମେତ ସମସ୍ତ ଆଇନଜୀବୀ, ସଚେତନ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଖବରଦାତାମାନେ ଉପସ୍ଥିତ ଥିଲେ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

**ଜଳେଶ୍ୱର, ୧୮।୧୦(ନବୀନ ସାହୁ)**

ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ବ୍ଲକ ଶାଳିକୋଠା ଗାଁରେ ୧୩ତାରିଖରେ ବିଦ୍ୟୁତ୍ ସଟ୍ ସର୍କିଟ୍‌ରେ ନିଆଁ ଲାଗି ପୋଡ଼ିଯାଇଥିବା ୪ ବଖରା ଘର ଜଳିଯାଇଥିବା ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରାଯାଇଛି। ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ଅଂଶୁମାନ ରାଉତ, ଆଇପିପି ଭାସ୍କର ରଞ୍ଜନ ସ୍ୱାଇଁ, ପ୍ରାକ୍ତନ ସଭାପତି ତାରାପଦ ମହାନ୍ତି, ସୁବ୍ରତ କୁମାର ରଣା, ମଣିଭଦ୍ର ଜେନା, ରାଜେଶ କୁମାର ଖଟୁଆ, ନନ୍ଦନ କୁମାର ଦତ୍ତ, ଲେଲିନ କୁମାର ପ୍ରଧାନ, ରୋଟାରିଆନ ରାଜକିଶୋର ହୁଇ, ସମ୍ବିତ କୁମାର ପ୍ରଧାନ, ସନ୍ନ୍ୟାସୀ ପରିଡ଼ା ପ୍ରମୁଖ ବିପନ୍ନ ପରିବାର ସଦସ୍ୟଙ୍କୁ ରାଶନ ସାମଗ୍ରୀ, ରୋଷେଇ ସରଞ୍ଜାମ, ବସ୍ତ୍ର ଆଦି ସହାୟତା ଯୋଗାଇ ସମବେଦନା ଜଣାଇଥିଲେ।

# ୟୁଜିସିର ପରିବର୍ତ୍ତିତ ମାନ ନିର୍ଦ୍ଧାରଣ ଓ ସ୍ୱୀକୃତି ପ୍ରକ୍ରିୟା ସମ୍ପର୍କିତ କର୍ମଶାଳା

**ରସାଲପୁର, ୧୮।୧୦(ଶରତ ସାମଲ)**

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ାସ୍ଥିତ ଏକାଡେମୀ ଅଫ୍ ବିଜିନେସ ଆଡମିନିଷ୍ଟ୍ରେଶନ (ଏବିଏ) କଲେଜରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅଧୀନ ଜାତୀୟ ମାନ ନିର୍ଦ୍ଧାରଣ ଓ ସ୍ୱୀକୃତି ପରିଷଦ (ଏନ୍ଏଏସି)ର ମୂଲ୍ୟାୟନ ଓ ପ୍ରତ୍ୟାପନ ପ୍ରକ୍ରିୟାରେ ପରିବର୍ତ୍ତିତ ବୈଧ ମୂଲ୍ୟାୟନ ପଦ୍ଧତି ସମ୍ପର୍କିତ ଏକ ଦିବସୀୟ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏବିଏ ପରିଚାଳନା ସମିତି ଚେୟାରମ୍ୟାନ ସୁଧାସିନ୍ଧୁ ପଣ୍ଡା, ସମ୍ପାଦକ ଅଞ୍ଜଳି ପଣ୍ଡା, ନିର୍ଦ୍ଦେଶକ ପୀୟୁଷ ମୋର, ଶିକ୍ଷାଗତ ନିର୍ଦ୍ଦେଶକ କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ କର୍ମଶାଳାରେ ଯୋଗଦେଇ ପରିବର୍ତ୍ତିତ ପ୍ରକ୍ରିୟାରେ ଅଂଶଗ୍ରହଣ ପୂର୍ବକ ସଫଳତା ହାସଲ ନିମନ୍ତେ ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ୟୁଜିସିର ସ୍ୱୀକୃତି ଓ ମାନ୍ୟତା ହାସଲ ତଥା ଜାରି ରଖିବାକୁ ସକାରାତ୍ମକ ପ୍ରସ୍ତୁତି ଆରମ୍ଭ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱରସ୍ଥିତ କ୍ୟୁଏସି ଗାଇଡ୍‌ର ନିର୍ଦ୍ଦେଶକ ଦିଲୀପ ମଙ୍ଗରାଜ ମୁଖ୍ୟବକ୍ତା ଓ ରେମୁଣା ଡ଼ିଗ୍ରୀ କଲେଜର ମୁଖ୍ୟ ଲାଇବ୍ରେରିଆନ ଗିରିଶ କୁମାର ଷଡ଼ଙ୍ଗୀ ଲାଇବ୍ରେରୀ ଜ୍ଞାନକୌଶଳ ବିଶେଷଜ୍ଞ ଭାବେ ଯୋଗଦେଇ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ୟୁଜିସି ଦ୍ୱାରା ମାନ ନିର୍ଦ୍ଧାରଣ ଓ ସ୍ୱୀକୃତି ପ୍ରକ୍ରିୟାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏବିଏର ଅଧ୍ୟକ୍ଷା ଡ. ସଙ୍ଗୀତା ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ରୁକସାର ମୋହିନ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକମାନେ ଯୋଗ ଦେଇଥିଲେ। ଅମିୟ ଦାସ ଓ ପ୍ରଦୀପ ଆଚାର୍ଯ୍ୟଙ୍କ ସମେତ ଏବିଏର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ସହଜ ହେଉଛି ବିଦ୍ୟୁତ୍ ସେବା ସମ୍ପର୍କିତ ସହାୟତା

**ବାଲେଶ୍ୱର, ୧୮।୧୦(ବାଞ୍ଛାନିଧି ଦେ)**


କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନଓଡିଏଲ ନିଜର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା କ୍ଷେତ୍ରରେ ସର୍ବଦା ଗୁରୁତ୍ୱ ଦେଇଆସୁଛି। ଏଥିସହ ସେବା ବିତରଣ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବା ପାଇଁ ବିଶେଷ ଧ୍ୟାନ ଦେଉଛି। ବ୍ଲକ ଓ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜନ ସହ ଟିପିଏନଓଡିଏଲ୍‌ର ସମ୍ବନ୍ଧ, ଜାଗୃତି, ଦିଶା ଭଳି ଅଭିନବ କାର୍ଯ୍ୟକ୍ରମ ବେଶ୍ ଜନାଦୃତି ଲାଭ କରିଛି। ବୈଦ୍ୟୁତିକ ପରିଚାଳନା ଓ ନିରାପତ୍ତା ବ୍ୟବସ୍ଥା, ବିଲ୍ ପଇଠ ପଦ୍ଧତି, ରିହାତି, ଅଫର୍ ତଥା ଯୋଜନା ଆଦି ସମ୍ପର୍କରେ ସଚେତନ କରାଯାଉଛି। ବ୍ଲକସ୍ତରରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ, ଉପଭୋକ୍ତାଙ୍କୁ ସେବା ଓ ସୁବିଧା ସମ୍ପର୍କରେ ସଚେତନ କରାଯିବା, ଶକ୍ତି ସଂରକ୍ଷଣ, ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାର ଆଦି ସମ୍ପର୍କରେ ଗୁରୁତ୍ୱ ଦିଆଯାଉଛି। ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟର ସମ୍ପର୍କିତ ସଚେତନତା ସୃଷ୍ଟି କରିବା ତଥା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଟିପିଏନଓଡିଏଲର ପ୍ରତ୍ୟେକ ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଓ ସାଧାରଣ ବୈଦ୍ୟୁତିକ ମିଟର ସ୍ଥାପନ କରାଯାଇଛି।

ଏଥିସହ 'ମାଇଁ ଟାଟା ପାୱାର ଆପ୍' ଉପଭୋକ୍ତାମାନଙ୍କ ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮/ ୧୯୧୨ର ସୁବିଧା କରାଯାଇଛି। ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ଖୋଲାଯାଇଛି। ଗ୍ରାହକ ସେବା କେନ୍ଦ୍ରଗୁଡିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟ ରଖିଛି। ଏହି କେନ୍ଦ୍ରଗୁଡିକରେ ଉପଭୋକ୍ତା ବିଦ୍ୟୁତ୍ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ୍ ପଇଠ ମଧ୍ୟ କରିପାରିବେ। ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯ଟା ୩୦ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହିଥାଏ। ସମସ୍ତ ସେକ୍ସନ, ସବ୍-ଡିଭିଜନ୍ ଓ ଡିଭିଜନ ଅଫିସରେ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିପାରିବେ ବୋଲି ଟିପିଏନଓଡିଏଲ୍ ପକ୍ଷରୁ କୁହାଯାଇଛି।

# ସାଇବର ଅପରାଧ ରୋକିବାରେ ସଚେତନତା ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

- ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ୨ୟ
- ଖୁବ୍‌ଶୀଘ୍ର ୨୦ ନୂତନ ସାଇବର ଅପରାଧ ଥାନା କାର୍ଯ୍ୟକ୍ଷମ ହେବ
- ୧,୧୨୭ ନୂଆ ପୋଲିସ ପଦବୀ, ୧୭୦ ଟେକ୍ନିକାଲ ଏକ୍ସପର୍ଟ ନିଯୁକ୍ତି ଖୁବ୍‌ଶୀଘ୍ର



ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ବର୍ତ୍ତମାନ ବଡ଼ ଚ୍ୟାଲେଞ୍ଜ ହୋଇଥିବା ସାଇବର ଅପରାଧକୁ ରୋକିବା ନିମନ୍ତେ ସଚେତନତା ସବୁଠୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଶନିବାର ଆୟୋଜିତ ଏହି ରାଜ୍ୟସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ପ୍ରାୟ ୮୨ କୋଟି ଅର୍ଥାତ୍ ୫୫% ଲୋକ ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ୨ୟ ରହିଛି। ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଯାଇଛୁ। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ବର୍ତ୍ତମାନ ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନ୍‌ଲାଇନ ଠକେଇ ଭଳି ଅପରାଧର ଶିକାର ହେବାକୁ ପଡୁଛି। ଏହି ଅପରାଧ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଆମ ସରକାର ସାଇବର ପୋଲିସକୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧିକରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡ଼ିଶା ପୋଲିସକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାଶନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ ୧୯୩୦ ମାଧ୍ୟମରେ ଅନେକ ହଜାର ଅଭିଯୋଗକାରୀଙ୍କୁ ଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ଅପରାଧ ପୋଲିସ ଷ୍ଟେଶନ କାର୍ଯ୍ୟକ୍ଷମ ହେବ। ଏହା ସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ ଷ୍ଟେଶନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧,୧୨୭ଟି ନୂତନ ପୋଲିସ ପଦବୀ ସହ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ଏଥିସହ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ। ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବେ କାର୍ଯ୍ୟ କରିବ। ସରକାରଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। କିନ୍ତୁ ଅଧିକାଂଶ ସାଇବର ଠକାମିର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନ୍‌ଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀ ସତର୍କ ରହିବା ସାଙ୍ଗକୁ ସଚେତନ ହେବାକୁ ପଡ଼ିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଇଣ୍ଟରନେଟ୍ ଜରିଆରେ ଝିଅମାନଙ୍କୁ ବ୍ଲାକ୍‌ମେଲିଂ ଓ ମାନସିକ ନିର୍ଯାତନା ଉପରେ କ୍ଷୋଭ ପ୍ରକାଶ କରି ଓଡ଼ିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଦକ୍ଷେପ ନ ନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଉକ୍ତ ରଥଗୁଡ଼ିକ ନୂଆପଡ଼ା ଜିଲାକୁ ଛାଡ଼ି ରାଜ୍ୟର ଅନ୍ୟ ସବୁ ଜିଲାରେ ମାସେ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରୀଛାତ୍ରମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡ଼ିଶା ପୋଲିସକୁ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇ କହିଛନ୍ତି, ସାଇବର ସୁରକ୍ଷା ବିଷୟରେ ସମସ୍ତେ ସଚେତନ ହେବା ଅତ୍ୟନ୍ତ ଜରୁରୀ। ସଚେତନତା କାର୍ଯ୍ୟକ୍ରମ କେବଳ ଗୋଟିଏ ବିଭାଗର କାର୍ଯ୍ୟକ୍ରମରେ ସୀମିତ ନ ରଖି ଏହି ଆଭିମୁଖ୍ୟକୁ ସମସ୍ତେ ଆପଣେଇବା ଉଚିତ ବୋଲି ସେ କହିଛନ୍ତି। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତକରି ସାଇବର ଅପରାଧ କ୍ଷେତ୍ରରେ ଓଡ଼ିଶା ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ସଫଳତା ବିଷୟରେ ଉଲ୍ଲେଖ କରିଛନ୍ତି। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି।

# ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ମିଳୁ



ଖବରଦାତା ସମ୍ମିଳନୀରେ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କର୍ମକର୍ତ୍ତା।

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ)

୨୦୦୮ରୁ ୨୦୨୫ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦାବି କରିଛି। ସଂଘର ସମ୍ପାଦକ ନରେନ୍ଦ୍ର କୁମାର ମହାଳିକଙ୍କ ସଭାପତିତ୍ୱରେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ସବିତା ବାରିକ, ସହ ସମ୍ପାଦିକା ମଧୁସ୍ମିତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶୃତିରଞ୍ଜନ ପ୍ରଧାନ, ଅନ୍ୟତମ ଉପସଭାପତି ସରୋଜ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଦାବି ସମ୍ପର୍କରେ କହିଥିଲେ। ସାରା ଓଡ଼ିଶାରେ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ କମ୍ପୋଜିଟ ମହାବିଦ୍ୟାଳୟରେ ୨୦୦୮ରୁ ନିଯୁକ୍ତି ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଆଧାରରେ ସରକାର ଏକ ନୂତନ ପଲିସି ଦ୍ୱାରା ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ କରନ୍ତୁ। ଏହି ସମ୍ପର୍କରେ ସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯିବା ସହ ଅଭିଯୋଗ ଶୁଣାଣିରେ ସଚିବଙ୍କ ଦୃଷ୍ଟିକୁ ଆଣିଥିଲେ। ସ୍ୱଳ୍ପ ବେତନରେ ୧ ଦଶନ୍ଧିଠାରୁ ଅଧିକ ସମୟ ସରକାରଙ୍କ ପ୍ରତ୍ୟେକ ନ୍ୟସ୍ତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଯଦି ରାଜ୍ୟ ସରକାର ଆମ ଦାବିକୁ କ୍ରମାଗତ ଅଣଦେଖା କରନ୍ତି, ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆମରଣ ଅନଶନ କରିବାକୁ ବାଧ୍ୟହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।









(ବାମରୁ) ଜୟ ଢୋଲକିଆ, ଘାସିରାମ ମାଝୀ ଓ ଶୁକଧର ଦଣ୍ଡସେନା ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ଜୟ, ଘାସିରାମ, ଶୁକଧରଙ୍କ ପ୍ରାର୍ଥୀପତ୍ର ଦାଖଲ

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା,୧୮।୧୦(ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଶନିବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ଓଡ଼ିଶା ଜନତା ପାର୍ଟି (ଓଜେପି) ପ୍ରାର୍ଥୀ ଶୁକଧର ଦଣ୍ଡସେନା, ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ଜୟ ଢୋଲକିଆ ମା'ଙ୍କ ଆଶୀର୍ବାଦ ନେଇ ବାପା ସ୍ୱର୍ଗତ ରାଜେନ୍ଦ୍ରଙ୍କ ଫଟୋକୁ ଗାଡ଼ି ଆଗରେ ଲଗାଇ ଶୋଭାଯାତ୍ରାରେ ବାହାରିଥିଲେ। ରାଜୁ (ରାଜେନ୍ଦ୍ର)ଭାଇ ଅମର ରହେ, ଜୟ ଭାଇ ଜିନ୍ଦାବାଦ୍ ବୋଲି ସ୍ଲୋଗାନ ସହ ଶୋଭାଯାତ୍ରା ଖରିଆରରୋଡ୍ ଜୋନ୍ଙ୍କ୍ ଥାନା ଛକଠାରୁ ବାହାରି ସହର ପରିକ୍ରମା କରି ନୂଆପଡ଼ା ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ନିଜ ସମର୍ଥକଙ୍କ ସହ ଉପଜିଲାପାଳ ସୁର୍ମି ସୋରେନଠାରେ ଜୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଜୟଙ୍କ ମା' କଳ୍ପନା, କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ପ୍ରଭାରୀ ଲତା ଉସେଣ୍ଡି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀ, ଜିଲା ସଭାପତି କମଲେସ ଦୀକ୍ଷିତ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ବାସଭବନଠାରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଭବାନୀପାଟଣା ବିଧାୟକ ସାଗର ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ କଂଗ୍ରେସ କମିଟି ସଭାପତି ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ସନ୍ତୋଷ ସିଂ ସାଲୁଜା,ରାଜ୍ୟ କିଷାନ ସେଲ ସଭାପତି ଅଭୟ ସାହୁ, ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ। ସେହିପରି ଓଡ଼ିଶା ଜନତା ପାର୍ଟି (ଓଜେପି)ର ଶୁକଧର ଦଣ୍ଡସେନା ନିଜ ସମର୍ଥକଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହା ପୂର୍ବରୁ ଗୁରୁବାର ଜଣେ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନୂଆପଡ଼ା ଉପନିର୍ବାଚନ ପାଇଁ ମୋଟ ୨୪ଜଣ ପ୍ରାର୍ଥୀ ୩୧ ସେଟ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ସେଥିମଧ୍ୟରୁ ୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ନାମାଙ୍କନ କଲେଣି ୫ ଜଣ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶନିବାର ସୁଦ୍ଧା ମୋଟ୍ ୫ ଜଣ ୭ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ନାମାଙ୍କନପତ୍ର ଦାଖଲ କରିଥିଲେ। ବର୍ତ୍ତମାନ ଆଉ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଶୁକଦେବ ଦଣ୍ଡସେନା, ପୁରୁଷୋତ୍ତମ ବେହେରା, ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ଏବଂ ଭାଜପାରୁ ଜୟ ଢୋଲକିଆ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉଭୟେ ଘାସିରାମ ଏବଂ ଜୟ ୨ଟି ଲେଖାଏ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଆସନ୍ତା ୨୦ ଯାଏଁ ରହିଛି। ସେହିପରି ଆସନ୍ତା ୨୨ରେ ନାମାଙ୍କନପତ୍ର ଯାଞ୍ଚହେବାକୁ ଥିବାବେଳେ ୨୪ ତାରିଖକୁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୬ ସୁଦ୍ଧା ଉପନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷହେବ ବୋଲି ଜଣାପଡ଼ିଛି।

# ଇଭିଏମ୍, ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନକଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍. ଗୋପାଳନ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଇଭିଏମ୍ ଓ ଭିଭିପିଏଟି ଗୋଦାମ ଗୃହ ପରିଦର୍ଶନ କରଛନ୍ତି। ଏହାସହ ଆଗାମୀ ଉପନିର୍ବାଚନର ନ୍ୟାଶନାଲ କଲେଜସ୍ଥିତ ଭୋଟ ଗଣତି କେନ୍ଦ୍ର ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ ସହ ସାମ୍ପ୍ରତିକ ସ୍ଥିତି, ସରଞ୍ଜାମ, ସୁରକ୍ଷା ବ୍ୟବସ୍ଥା ଆଦିର ସବିଶେଷ ନିରୀକ୍ଷଣ କରିଛନ୍ତି। ଏହାପରେ ନୂଆପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍ ପରିଦର୍ଶନକରିବା ସହ ବୁଥ୍‌ଗୁଡ଼ିକରେ ମତଦାତାଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ମୌଳିକ ସୁବିଧାର ତଦାରଖ କରିଛନ୍ତି। ଜିଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲାପାଳ ମଧୁସୂଦନ ଦାଶ ସିଇଓଙ୍କୁ ଏହି ପରିଦର୍ଶନ ସମୟରେ ଅବଗତ କରାଇଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ ସିଇଓ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରାଉତ, ଉପଜିଲାପାଳ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ନୀତିନିୟମ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ଗୋପାଳନ ଅଧିକାରୀମାନଙ୍କୁ ଅବଗତ କରିଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ଜିଲାର ସମସ୍ତ ଅଧିକାରୀ ଉପନିର୍ବାଚନର ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନକରି ମତଦାତାଙ୍କ ସହ ନିର୍ବାଚନ ଆୟୋଗଙ୍କ ପ୍ରଶଂସାର ପାତ୍ର ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି।

# ସଂଗ୍ରାମୀ ସାରଙ୍ଗଧର ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ



ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଜଣେ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ଭାବେ ଏ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଯାଇଛନ୍ତି। ଓଡ଼ିଆ ଜନମାନସରେ ସେ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନସ୍ଥିତ ଏକାଡେମୀ ପରିସରରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଡ. ଅଦ୍ୱୈତ ଚରଣ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସନାତନ ମଲ୍ଲିକ ଯୋଗଦେଇ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜୀବନାଦର୍ଶ ଓ କୃତି ଉପରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ଉଦ୍ଧବ ଚରଣ ନାୟକ ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ସାରଙ୍ଗଧରଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ କହିଲେ, ସାରଙ୍ଗଧର ଛାତ୍ର ଜୀବନରୁ ସଂଗ୍ରାମୀ ଥିଲେ। ବିଦେଶୀ ସରକାରଙ୍କ ପାଖରେ ଚାକିରି ନ କରି ଦେଶର ଶିଳ୍ପ ବିକାଶ ଲାଗି ଅଣ୍ଟା ଭିଡିଥିଲେ। ଏଥିପାଇଁ ସେ ଚିନି, କାଗଜ ଓ ସିମେଣ୍ଟ ଶିଳ୍ପ ସମ୍ପର୍କରେ ଜ୍ଞାନ ଆହରଣ ଲାଗି ରସାୟନଶାସ୍ତ୍ର ପଢ଼ିବାକୁ ଜାପାନ ଓ ଆମେରିକା ଯାତ୍ରା କରିବା ସହ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ଶିକ୍ଷାଲାଭ କରିଥିଲେ। ଫେରିବା ପରେ ଗଡ଼ଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଥିଲେ। ଗ୍ରନ୍ଥକାର ତଥା ଫାୟାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଏବଂ ସାରଙ୍ଗଧରଙ୍କ କୃତି ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ସଂଗ୍ରାମ ଜେନାଙ୍କ ଲିଖିତ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲିଲା ଶିମିଳିପାଳ

- ନୃତ୍ୟଗୀତରେ ପର୍ଯ୍ୟଟକଙ୍କୁ ସ୍ୱାଗତ
- ଖୋଲା ସଫାରିରେ ବୁଲିଲେ ପର୍ଯ୍ୟଟକ

ବାରିପଦା,୧୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)





ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବିଶ୍ୱ ଦରବାରରେ ପରିଚିତ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ତଥା ପ୍ରକୃତିର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଶନିବାରଠାରୁ ଖୋଲାଯାଇଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶୀପୁର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଛି। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରିଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ବନବିଭାଗ ପକ୍ଷରୁ ସଫାରୀରେ ଅଭୟାରଣ୍ୟ ବୁଲିବାର ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକମାନେ ଏହାର ସୁଯୋଗ ନେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦପ୍ରମୋଦ ଓ ରହଣି ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୁକିଂ କାଉଣ୍ଟରରୁ ଅନୁମତି ପତ୍ର ନେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ବେଳେ ପ୍ରବେଶ ଓ ରାତ୍ରିଯାପନ ପାଇଁ ଅନଲାଇନର ସୁବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ ଗୀତ ଗାଇ ପର୍ଯ୍ୟଟକଙ୍କୁ ପାଛୋଟି ନେଇଛନ୍ତି।

ଓଡ଼ିଶାର ଏକମାତ୍ର ଅଭୟାରଣ୍ୟ ଶିମିଳିପାଳରେ ମହାବଳ ବାଘ ଓ କଳା ବାଘ ରହିଥିବା ବେଳେ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପ୍ରାଣୀପ୍ରେମୀଙ୍କୁ ଆକର୍ଷିତ କରିଥାଏ। ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିବସରେ ପିଠାବଟା ଦେଇ ୮ଟି ସଫାରୀ ଜିପ୍‌ରେ ୩୫ଜଣ, ୧୨ଟି ଗାଡିରେ ୪୦ ପର୍ଯ୍ୟଟକ ଏବଂ ଯଶିପୁରପଟୁ କାଳାଆମ୍ବୀ ଗେଟ ଦେଇ ୩ଟି ସଫାରୀ ଜିପ୍‌ରେ ୧୮ ଜଣ ଓ ୧୦ଟି ଗାଡିରେ ୩୬ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ କରିଛନ୍ତି। ଉଭୟ ଗେଟ୍ ଦେଇ ମୋଟ ୧୨୯ପର୍ଯ୍ୟଟକ ଶିମିଳିପାଳର ମଜା ଉଠାଇଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବା ସହିତ ଗାଇଡ ବ୍ୟବସ୍ଥା କରାଯାଇଛି। ଜାମୁଆଣି, କୁମାରୀ, ଗୁଡୁଗୁଡିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଏଥିରେ ରହିବା ପାଇଁ ଅଗ୍ରିମ ଅନଲାଇନ ବୁକିଂ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ନିମନ୍ତେ ସାନ୍ତାଳି ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶକୁଟୀର ଓ ଟ୍ରି ହାଉସ ଭଳି ବ୍ୟବସ୍ଥା କରାଯାଇଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି। କୋର୍ ଅଞ୍ଚଳରେ ଜୀବଜନ୍ତୁଙ୍କୁ ଅତି ନିକଟରେ ଦେଖିବା ପାଇଁ ସଫାରୀର ବ୍ୟବସ୍ଥା କରାଯାଇଛି। ଖୋଲାଗାଡିରେ ପର୍ଯ୍ୟଟକମାନେ ଜୀବଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ସହ ଫଟୋ ଉଠାଇବାର ସୁବିଧା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା କହନ୍ତି, ଚଳିତବର୍ଷ ପର୍ଯ୍ୟଟକଙ୍କ ନିମନ୍ତେ ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ବନ୍ୟଜନ୍ତୁଙ୍କୁ ଅତି ନିକଟରୁ ଦେଖିବା ପାଇଁ ୩୫ଟି ଜିମନୀ(ଖୋଲା ସଫାରି)ର ବ୍ୟବସ୍ଥା କରାଯାଇଛି। ଗାଡିକୁ ପରିବର୍ତ୍ତନ କରାଯାଇ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ପର୍ଯ୍ୟଟକଙ୍କୁ ନେବା ଆଣିବା କରିବା ସହିତ ସୁରକ୍ଷିତ ଭାବେ ଛାଡିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି। ୧୦ଟି ଗାଡି ପିଠାବଟାରୁ ଓ ୨୫ଟି ଗାଡି କାଳିଆମ୍ବୀ ଗେଟରୁ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ସଫାରୀ ଗାଡିଗୁଡିକ ସକାଳ ୬ଟାରୁ ଆରମ୍ଭ ହେବାକୁ ଥିବା ବେଳେ ପ୍ରାଇଭେଟ ଗାଡିଗୁଡିକ ଦିନ ୧୧ଟାରୁ ଶିମିଳିପାଳକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି। ଶିମିଳିପାଳର ବିଭିନ୍ନ ଜଳପ୍ରପାତ ସାଙ୍ଗକୁ ଜୀବଜନ୍ତୁଙ୍କୁ ଦେଖିବା ସହ ନୂତନ ଭାବେ ଖଇରୀ ବାଘୁଣୀ ସମ୍ପର୍କିତ ଏକ ମ୍ୟୁଜିୟମ ଖୋଲାଯାଇଛି। ଶିମିଳିପାଳ ଅଭୟାରଣ୍ୟକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପର୍ଯ୍ୟଟକଙ୍କୁ ନିବେଦନ କରାଯାଇଛି। ପରିବେଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଲେ ବନ୍ୟପ୍ରାଣୀ ସମେତ ଜୀବଜଗତ ସୁରକ୍ଷିତ ରହିପାରିବେ ବୋଲି କହିଛନ୍ତି।

# ମାଷ୍ଟରମାଇଣ୍ଡ ମୁନାଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ

## ଏସ୍‌ଆଇ ନିଯୁକ୍ତି ଜାଲିଆତି

## ଚା' ବିକାଳିରୁ କୋଟିପତି

ବାଙ୍କୀ/କଳାପଥର,୧୮।୧୦
(ଶୁଭେନ୍ଦୁ ମହାପାତ୍ର/ଗଙ୍ଗାଧର ସାହୁ)

ବହୁଚର୍ଚ୍ଚିତ ଏସ୍‌ଆଇ ନିଯୁକ୍ତି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ମୁନା ମହାନ୍ତିଙ୍କ କାରନାମା ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। କଟକ ଜିଲା ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ତଳସାହିସ୍ଥିତ ତାଙ୍କ ଘରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ାଉ କରି ବହୁ କାଗଜାଦି ଜବତ କରିଛି। ରାଜଧାନୀ ଭୁବନେଶ୍ୱରର ନଅ ତାଲା ନିକଟରେ ଏକଦା ଚା' ବିକ୍ରି କରୁଥିବା ମୁନା ପରବର୍ତ୍ତୀ ସମୟରେ ଜମି ଦଲାଲି କରିବା ସହ ବାଲିଘାଟ କାରବାରରେ ସାମିଲ ହୋଇ ଅନେକ କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ସେନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି।



କଳାପଥର ତଳସାହିସ୍ଥିତ ମୁନା ମହାନ୍ତିଙ୍କ ଘର ନିକଟରେ କ୍ରାଇମ୍‌ବ୍ରାଞ୍ଚ ଟିମ୍।

କ୍ରାଇମବ୍ରାଞ୍ଚ ବିଭାଗର ଏକ ୩ ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ମୁନାଙ୍କ ବାଙ୍କୀ ଉପଖଣ୍ଡ କଳାପଥର ଅନ୍ତର୍ଗତ ତଳସାହିସ୍ଥିତ ବାସଭବନରେ ଅପରାହ୍ନ ସମୟରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ମୁନାଙ୍କ ଘରେ କେବଳ ତାଙ୍କ ମା' ଥିଲେ। ଟିମ୍ ମୁନା ମା'ଙ୍କ ଅନୁମତି ନେଇ ତାଙ୍କ ଘରେ ଯାଞ୍ଚ କରିଥିଲା। ସେଠାରେ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅନୁସନ୍ଧାନ କରିବା ପରେ କିଛି ଜରୁରୀ କାଗଜପତ୍ର ନେଇ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଚାଲିଯାଇଛନ୍ତି। ବୈଦେଶ୍ୱର ଥାନା ଅଧିକାରୀ ସଞ୍ଜୟ କୁମାର ଜେନାଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଚଢ଼ାଉରେ ଜଣେ ଏସ୍‌ଆଇ ଓ ମହିଳା କନ୍‌ଷ୍ଟେବଲ ସାମିଲ ହୋଇଥିଲେ। ତଦନ୍ତରେ ବ୍ୟାଘାତ କାରଣରୁ ବିସ୍ତୃତ ପ୍ରତିକ୍ରିୟା ଦେବାକୁ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ମନା କରିଦେଇଛନ୍ତି।

ଭୁବନେଶ୍ୱରରେ ଚା' ବିକ୍ରି କରୁଥିବା ଥିବା ମୁନା କିଭଳି ବହୁ କୋଟି ଟଙ୍କାର ମାଲିକ ହେବା ସହ ଆଲିସାନ ଗୃହ ନିର୍ମାଣ କଲେ ଏବଂ ଦାମୀ ଗାଡି ବ୍ୟବହାର କରି ରାଜକୀୟ ଜୀବନ ବିତାଉଥିଲେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଏସ୍‌ଆଇ ପ୍ରଶ୍ନପତ୍ର ଜାଲିଆତି ପଛରେ କୌଣସି ବଡ଼ ରାଜନେତା ଅବା ଅଧିକାରୀଙ୍କ ସମ୍ପୃକ୍ତ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ। ଏହି କାଣ୍ଡରେ ସମ୍ପୃକ୍ତି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ ସାଧାରଣ ଦାବି କରିଛନ୍ତି। ପ୍ରକାଶ ଯେ, ମୁନା ଏବଂ ତାଙ୍କ ୩ ସହଯୋଗୀଙ୍କୁ ଗୁରୁବାର ରାତିରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦଶପଲ୍ଲାସ୍ଥିତ ଏକ ଫାର୍ମ ହାଉସ୍‌ରୁ ଗିରଫ କରିଥିଲା।

# ଅଧିକ ସୁଧ ଦେବା ଆଳରେ ୧୦୦୦ କୋଟିର ଠକେଇ

ଭୁବନେଶ୍ୱର,୧୮।୧୦
(ସତ୍ୟଜିତ ରାଉତ)

## ହେଡ୍‌ଜେକ୍ସ ଫଣ୍ଡ ଓଡ଼ିଶା ମୁଖ୍ୟ ଗିରଫ

- ୧୦ ରାଜ୍ୟରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଠକେଇର ଶିକାର
- ଓଡ଼ିଶାର ୧୨ ହଜାର ଲୋକଙ୍କଠାରୁ ନେଇଯାଇଛନ୍ତି ୧୩୯ କୋଟି



ପ୍ରତାପ କୁମାର ରାଉତ

ନିବେଶରୁ ଅଧିକ ଲାଭ ଦେବା ଆଳରେ ୧୦୦୦ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେ ହେଲେ କଟକ ୪୨ ମୌଜା ଝିଙ୍କିରିଆ ଅଞ୍ଚଳର ପ୍ରତାପ କୁମାର ରାଉତ। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଜବତ ହୋଇଛି। ପ୍ରତାପଙ୍କୁ କଟକ ଓପିଆଡି କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ହେଡ୍‌ଜେକ୍ସ ଫଣ୍ଡ ଏଲ୍ଏଲ୍‌ପି ସଂସ୍ଥାରେ ପ୍ରତାପ ନିଜକୁ ଓଡ଼ିଶା ମୁଖ୍ୟ ବୋଲି ପରିଚୟ ଦେଉଥିଲେ। ତାଙ୍କ କଥାରେ ବିଶ୍ୱାସ କରି ବିଜୟ କୁମାର ପାଣିଗ୍ରାହୀ ୯୨ ଲକ୍ଷ ୬୦ ହଜାର ୪୮୦ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଥିଲେ। ପ୍ରତାପଙ୍କ କଥାରେ ପ୍ରଲୋଭିତ ହୋଇ ବିଜୟ ନିଜ ଅବସରକାଳୀନ ଟଙ୍କାକୁ ମାସକୁ ୧୧%ରୁ ୧୮% ଲାଭ ପାଇବା ଆଶାରେ ନିବେଶ କରିଥିଲେ। କିଛିଦିନ ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା। ବିଜୟଙ୍କ ଟଙ୍କା ମଧ୍ୟ ବ୍ଲକ ହୋଇଯାଇଥିଲା। ଏହା ଜାଣିବା ପରେ ଗତ ଅକ୍ଟୋବର ୧୪ରେ ବିଜୟଙ୍କ ଏତଲାକ୍ରମେ ଏକ ମାମଲା(ନଂ.୧୪/୨୦୨୫) ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଏହି କମ୍ପାନୀ ୨୦୨୩ରେ ଗୋଆରେ ପଞ୍ଜୀକୃତ ହୋଇଥିଲା। ୨୦୨୩-୨୦୨୪ରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ତାମିଲନାଡୁ, ଦିଲ୍ଲୀ ଓ ଓଡ଼ିଶାର ୩ ଲକ୍ଷରୁ ଉର୍ଦ୍ଧ୍ୱ ନିବେଶକାରୀ ଠକେଇର ଶିକାର ହୋଇଛନ୍ତି। ଏପରିକି ଓଡ଼ିଶାର ୧୨ ହଜାର ଲୋକଙ୍କଠାରୁ ଉକ୍ତ କମ୍ପାନୀ ୧୩୯ କୋଟି ଟଙ୍କା ଠକି ନେଇଥିଲା। ପ୍ରତାପ ଲୋକାଲ କୋ-ଅର୍ଡିନେଟର ଭାବେ କାମ କରିବା ସହ ଭୁବନେଶ୍ୱର ଓ କଟକରେ ବିଭିନ୍ନ ସମୟରେ ମିଟିଂ କରି ହେଡଜେକ୍ସ ଫଣ୍ଡକୁ ପ୍ରମୋଶନ କରାଉଥିଲେ। ସଂସ୍ଥାକୁ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଦୀନେଶ କୁମାର ଜୈନ ଓ କୁଲ୍‌ଦୀପ ସିଂ ପନ୍‌ୱାରଙ୍କ ସହ ପ୍ରତାପ ନିୟମିତ ଯୋଗାଯୋଗରେ ରହି ହାୱାଲା ଜରିଆରେ ଟଙ୍କା କାରବାର କରୁଥିଲେ। ଇଓଡବ୍ଲ୍ୟୁ ଏହି ମାମଲାରେ ଅଧିକ ଖୋଳତାଡ଼ ଜାରି ରଖିବା ସହ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦୁଝର,୧୮।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଘଷିପୁରା ଥାନା ଅନ୍ତର୍ଗତ ମୁରବାଲି ଗ୍ରାମର ପୁପୁନ ପାତ୍ର(୨୬)ଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ପୋକ୍‌ସୋ ଦଫାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୨୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ୬ ମାସ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୭ ଜୁଲାଇ ୨୦୨୩ରେ ପୁପୁନ ପୀଡ଼ିତାଙ୍କ ବାପାଙ୍କୁ ଧାର ଦେଇଥିବା ପଇସା ମାଗିବାକୁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ପୀଡ଼ିତା ତାଙ୍କ ମାମୁଘରକୁ ଯିବାକୁ ବାହାରିବାରୁ ଅଭିଯୁକ୍ତ ଛାଡ଼ି ଦେବେ କହି ବାଇକ୍‌ରେ ବସାଇ ନେଇଥିଲେ। ତା' ପରଦିନ ହରିଚନ୍ଦନପୁର ସିଙ୍ଗବିଲ ବାଇପାସ୍ ମୂଷଳ ନଦୀ ନିକଟରେ ପୀଡ଼ିତାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ହରିଚନ୍ଦନପୁର ପୋଲିସ ମୃତଦେହ ଜବତକରି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ବଳାତ୍କାର ପରେ ହତ୍ୟାକରି ଫିଙ୍ଗିଦେଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି।

# ୨ ଦୋଷୀଙ୍କୁ ଆଜୀବନ ଜେଲ

ଆନନ୍ଦପୁର/ବଞ୍ଚୋ,୧୮।୧୦(ସୁଶାନ୍ତ ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

## ୪ ଭାଇଙ୍କୁ ଗୋଡ଼ାଇ ହତ୍ୟା ଘଟଣା

କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ୪ ଭାଇଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଦେବଦତ୍ତ ଦାସ ମହାପାତ୍ର ମାମଲାର ବିଚାରକରି ଆନନ୍ଦପୁର ଥାନା ଅନ୍ତର୍ଗତ ପଞ୍ଚୁଗୋଛିଆ ଗାଁର ଧନେଶ୍ୱର ଓଝା ଓ ଦାମୋଦର ଓଝାଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ଆଉ ୨ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପଞ୍ଚୁଗୋଛିଆ ଗାଁରେ ପୂର୍ବ ବିବାଦକୁ ନେଇ ଜଳଧର ଦଳେଇ, ବୁଦ୍ଧିଆ ଦଳେଇ, ସାଧୁଆ ଦଳେଇ ଓ ଉଦ୍ଧବ ଦଳେଇଙ୍କ ସହ ସେହି ଗ୍ରାମର ଧନେଶ୍ୱର ଓଝା ଓ ଦାମୋଦର ଓଝାଙ୍କ ତିକ୍ତତା ଲାଗି ରହିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜୁଲାଇ ୨୦୦୨ରେ ଜଳଧରଙ୍କ ସମେତ ଅନ୍ୟ ୩ ଭାଇଙ୍କୁ ଦିନ ଦୁଇ ପ୍ରହରରେ ଧନେଶ୍ୱର ଓ ଦାମୋଦର ମାରଣାସ୍ତ୍ରରେ ଗୋଡ଼ାଇ ହାଣିଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ୪ ଭାଇଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ମାଧବାନନ୍ଦ ଦଳେଇଙ୍କ ଅଭିଯୋଗ ଆଧାରରେ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପୋଲିସ ୭ ଜଣଙ୍କୁ ଗିରଫକରି କୋର୍ଟଚାଲଣ କରିଥିଲା। ଘଟଣାରେ ୨୫ ଜଣ ସାକ୍ଷୀ ଓ ୮୦ ଦସ୍ତାବିଜ୍ ଆଧାରରେ ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି। ଏଥିସହ ଘଟଣାରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣଙ୍କୁ ପ୍ରମାଣ ଅଭାବରୁ ବିଚାରପତି ଦୋଷମୁକ୍ତ କରିଥିବା ମାମଲା ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଓକିଲ ସୌମିତ୍ରୀ କୁମାର ରାଉତ, ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ସୂଚନା ଦେଇଛନ୍ତି।

# ଜଣେ କର୍ପୋରେଟର, ମଦ ବ୍ୟବସାୟୀଙ୍କୁ ପଚରାଉଚରା

ବ୍ରହ୍ମପୁର,୧୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

## ପୀତବାସ ପଣ୍ଡା ହତ୍ୟା ମାମଲା

ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୋଲିସ ବ୍ରହ୍ମପୁର ମହାନଗର ନିଗମର ଜଣେ କର୍ପୋରେଟର ଓ ଜଣେ ମଦ ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଜଣାଶୁଣା କର୍ପୋରେଟର ଜଣକ ହତ୍ୟା ଘଟଣାର ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ଏ ନେଇ ପୋଲିସ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲେ ମଧ୍ୟ ଗତ ୨ ଦିନ ଭିତରେ ସମ୍ପୃକ୍ତ କର୍ପୋରେଟରଙ୍କୁ ବାରମ୍ବାର ଜେରା କରାଯାଇଛି। ପୂର୍ବରୁ ମଧ୍ୟ ଜଣେ କର୍ପୋରେଟରଙ୍କୁ ପୋଲିସ ପଚରାଉଚରା କରିଥିଲା। ସେହିପରି ପୋଲିସ ଏହି ମାମଲାରେ ପୂର୍ବରୁ ଜଣେ ଯୁବ ନେତାଙ୍କ ସହ ଜଣେ ବ୍ୟବସାୟୀଙ୍କୁ ମଧ୍ୟ ପଚରାଉଚରା କରି ଛାଡି ଦେଇଛି। ହତ୍ୟା ମାମଲାକୁ ୧୩ ଦିନ ବିତି ସାରିଥିବା ବେଳେ ପୋଲିସ ରାଜ୍ୟ ବାହାରୁ ୫ ଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣି ଏକ ଅଜଣା ସ୍ଥାନରେ ଅଟକ ରଖି ଜେରା ଜାରି ରଖିଛି। ଏଯାବତ ୧୦/୧୨ ଜଣଙ୍କୁ ଅଟକ ରଖି ମୁହାଁମୁହିଁ ଜେରା କଲାଣି ପୋଲିସ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ସାର୍ପ ସୁଟର ଓ ଯୋଜନା ପ୍ରସ୍ତୁତକାରୀ ବ୍ୟକ୍ତି ରହିଥିବା ଶୁଣାଯାଉଛି। ପୀତବାସଙ୍କୁ ଅତି ନିକଟରୁ ଗୁଳିମାଡ଼ କରିଥିବା ଏହି ସାର୍ପ ସୁଟରଙ୍କୁ ଜେରା ବେଳେ ଯେଉଁ ସବୁ ବ୍ୟକ୍ତିଙ୍କ ନାଁ ସାମ୍ନାକୁ ଆସୁଛି ପୋଲିସ ସେମାନଙ୍କୁ ଡାକି ପଚରାଉଚରା କରୁଥିବା କୁହାଯାଉଛି।

## Business

# ପାର୍ବଣରେ ଉଲ୍ଲେଖନୀୟ କାରବାର

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଚଳିତ ବର୍ଷ ଅତ୍ୟାବଶ୍ୟକ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ କମ୍ ଟିକସ ସାଧାରଣ ପରିବାରକୁ ଆଶ୍ୱସ୍ତି, ବଜାରକୁ ଶକ୍ତି ଦେଇଛି। ମୁଦ୍ରାସ୍ଫୀତି ଗତ ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସିପିଆଇ ମୁଦ୍ରାସ୍ଫୀତି ମାତ୍ର ୧.୫୪%ରେ ପହଞ୍ଚିଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି ନକାରାତ୍ମକ (-୨.୩%) ହୋଇଛି। ଜିଏସ୍‌ଟି ହାର ହ୍ରାସ ପାଇବା ସହ ମୂଲ୍ୟ କମି କ୍ରୟ ଶକ୍ତି ବୃଦ୍ଧିପାଇଛି। ପର୍ବପର୍ବାଣି ଏବଂ ବିବାହଋତୁର କାରବାର ୭ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଜିଏସ୍‌ଟି ସଞ୍ଚୟର ଲାଭ ଉଠାଇବା ପାଇଁ ଗ୍ରାହକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରୁ ଡିଜିଟାଲ ପେମେଣ୍ଟ ୧୦ ଗୁଣ ବୃଦ୍ଧି ପାଇ ୨୧ ସେପ୍ଟେମ୍ବରରେ ୧.୧୮ ଲକ୍ଷ କୋଟି ଟଙ୍କାରୁ ୨୨ ସେପ୍ଟେମ୍ବରରେ ୧୧.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦିଲ୍ଲୀ ଭଳି ସହରରେ ଉତ୍ସବ ବିକ୍ରୟ ୭୫,୦୦୦ କୋଟି ଟଙ୍କା ଥିବା ଆକଳନ କରାଯାଇଛି। ୨,୫୦୦ ଟଙ୍କାରୁ କମ୍ ପୋଷାକ ଉପରେ ଜିଏସ୍‌ଟି ହ୍ରାସ ପରେ ଅହମଦାବାଦର ସୂତା କପଡ଼ା ଚାହିଦା ପ୍ରାୟ ୧୦% ବୃଦ୍ଧି ପାଇଛି। ଅଟୋମୋବାଇଲ ଶିଳ୍ପ ଗତ ଦଶନ୍ଧି ମଧ୍ୟରେ ଏହାର ସର୍ବୋତ୍ତମ ନବରାତ୍ରି ପ୍ରଦର୍ଶନ କରିଛି । ମାରୁତି ସୁଜୁକିର ବିକ୍ରୟ ଗତ ବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛି। ଅଷ୍ଟମୀରେ ୩୦,୦୦୦ ବାହନ ବିକ୍ରି ରେକର୍ଡ କରିଛି । ମହିନ୍ଦ୍ରାର ଏକ୍ସୟୁଭି ୭୦୦ ଏବଂ ସ୍କର୍ପିଓ ବିକ୍ରି ୬୦% ବୃଦ୍ଧି ପାଇଛି। ଟାଟା ମୋଟର୍ସ ୫୦,୦୦୦ରୁ ଅଧିକ ଯାନ ବିକ୍ରି କରିଥିବା ବେଳେ ଯେତେବେଳେ ହ୍ୟୁଣ୍ଡାଇର କ୍ରେଟା ଓ ଭେନ୍ୟୁ ବିକ୍ରି ୭୨% ପ୍ରତିଶତ ଅଂଶ ହାସଲ କରିଛି । ହିରୋ ଏବଂ ବଜାଜ ପରି ଦୁଇଚକିଆ ଯାନ କମ୍ପାନୀଗୁଡ଼ିକ ଗତ ବର୍ଷ ତୁଳନାରେ ୨ଗୁଣା ବିକ୍ରି କରିଛନ୍ତି । ଫାଡାର ତଥ୍ୟ ଅନୁସାରେ ଅଟୋମୋବାଇଲ ଶିଳ୍ପରେ ଏଥର ୩୪% ବାର୍ଷିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଟିଭି, ଫ୍ରିଜ୍, ୱାଶିଂମେଶିନ ଭଳି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ୪୦୪୫% ବୃଦ୍ଧି ପାଇଛି । ହାୟର କମ୍ପାନୀ ଅଢ଼େଇ ଲକ୍ଷରୁ ଅଧିକ ଦାମ୍‌ର ଟିଭି ବିକ୍ରିରେ ୮୫% ଅଭିବୃଦ୍ଧି ହାସଲ କରିଛି । ରିଲାଏନ୍ସ ରିଟେଲରେ ଟିଭି ଓ ସ୍ମାର୍ଟଫୋନ୍ ବିକ୍ରି ୨୦-୨୫% ବୃଦ୍ଧି ପାଇଛି । ବିଜୟ ସେଲସ୍, ଏଲ୍‌ଜି, ଗୋଦ୍‌ରେଜ୍‌ର ବିକ୍ରି ମଧ୍ୟ ଦୁଇ ଅଙ୍କ ଅଭିବୃଦ୍ଧି ହାସଲ କରିଛି । ଓଣମରୁ ନବରାତ୍ରି ପର୍ଯ୍ୟନ୍ତ ଭାରତର ପାର୍ବଣ ବିକ୍ରି ୪୦-୪୫%ରେ ପହଞ୍ଚିଛି । ଇ-କମର୍ସ ପ୍ଲାଟ୍‌ଫର୍ମରେ ମଧ୍ୟ ବିକ୍ରି ବଢ଼ିଛି । ଟିୟର ୨ ଏବଂ ଟିୟର ୩ ସହରରେ ଆମାଜନ୍ ଇଣ୍ଡିଆର ପାର୍ବଣ ଗ୍ରାହକ ସଂଖ୍ୟା ୨୭୬ କୋଟିକୁ ବୃଦ୍ଧି ପାଇଛି । ମେଟ୍ରୋ ସହର ବାହାରେ ଛୋଟ ସହରରୁ ପ୍ରାଇମ ମେମ୍ବରଶିପ ବଢ଼ିବା ସହ ୭୦% ନୂଆ ଗ୍ରାହକ ଯୋଡ଼ିହୋଇଛନ୍ତି।

## ଧନ୍‌ତେରସ୍‌ରେ ୨୫୦କୋଟିର ଅଳଙ୍କାର ବ୍ୟବସାୟ

**ଭୁବନେଶ୍ୱର,** ସୁନା ଓ ରୁପା ଦରରେ ଅହେତୁକ ବୃଦ୍ଧି କାରଣରୁ ଚଳିତ ବର୍ଷ ଧନ୍‌ତେରସ୍‌ରେ ଅଳଙ୍କାର ବ୍ୟବସାୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଥିଲା। ମାତ୍ର ଶନିବାର ଧନ୍‌ତେରସ୍‌ର ଉତ୍ସାହ ଏକ ପ୍ରକାର ପରିବେଶ ଓ ପରିସ୍ଥିତି ସବୁ ଦୃଷ୍ଟିକୋଣରୁ ଭଲ ରହିଛି। ଏହାର ପ୍ରଭାବ ଅଳଙ୍କାର ବ୍ୟବସାୟ ଉପରେ ପରିଲକ୍ଷିତ ହୋଇଛି। ଚଳିତ ବର୍ଷର ଧନ୍‌ତେରସ୍ ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହିଛି। ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭକରି ରାଉରକେଲା ଏବଂ ବ୍ରହ୍ମପୁରରୁ ବାଲେଶ୍ୱର ଏବଂ କଟକରୁ କୋରାପୁଟ ପର୍ଯ୍ୟନ୍ତ ସବୁବର୍ଗର ଅଳଙ୍କାର ପ୍ରତିଷ୍ଠାନ ଚଳଚଞ୍ଚଳ ହୋଇଉଠିବା ସହ ରାଜ୍ୟର ସମସ୍ତ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଓ ୩୦ ଜିଲାର ଜଣାଶୁଣା ସୁନା ଦୋକାନଗୁଡ଼ିକ ୨୫୦ କୋଟିରୁ ଅଧିକ ଟଙ୍କାର ସୁନା, ରୁପା ଓ ହୀରା ଆଦି ଅଳଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି। ଦୀପାବଳି ୨ଦିନ ମଧ୍ୟ ବ୍ୟବସାୟ ଜମିବ ବୋଲି ଅଳଙ୍କାର ବ୍ୟବସାୟୀମାନେ ଆଶା ରଖିଛନ୍ତି।

# ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ



ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ,୧୮।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ଥିବା ପାର୍ବତୀ ହିରୋର ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହିରୋ କମ୍ପାନୀର ଓଡ଼ିଶା ମୁଖ୍ୟ ନୀତୀଶ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ସର୍ଭିସ୍ ସେଣ୍ଟରରେ ଇଭି ତଥା ପ୍ରିମିୟମ ଗାଡ଼ିର ସର୍ଭିସିଂ ସୁବିଧା ଓ ଗ୍ରାହକମାନଙ୍କ ପାଇଁ ନୂତନ ପ୍ରତୀକ୍ଷା ଗୃହ ତଥା କ୍ୟାଫେଟେରିଆ ରହିଛି। ଏହି ଅବସରରେ ପାର୍ବତୀ ହିରୋର ସ୍ୱତ୍ୱାଧିକାରୀ ଅଶୋକ ମାଣ୍ଡୋଠିଆ ଏବଂ ଅନେକ ଗ୍ରାହକ ଉପସ୍ଥିତ ଥିଲେ। ଏଠାକୁ ଆସୁଥିବା ଗ୍ରାହକଙ୍କ ପାଇଁ ଏହା ଅଧିକ ସୁବିଧା ଯୋଗାଇବ ବୋଲି ପାର୍ବତୀ ହିରୋ ପକ୍ଷରୁ ସୂଚନା ଦିଆଯାଇଛି।

# ରାଉରକେଲାରେ ବିଗ୍ ବାସ୍କେଟ ୧୦ ମିନିଟ୍ ଡେଲିଭରି ସେବା




ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଟାଟା ଏଣ୍ଟରପ୍ରାଇଜ, ବିଗ୍ ବାସ୍କେଟ, ରାଉରକେଲାରେ ଏହାର ଦ୍ରୁତ ଡେଲିଭରି ସେବା ଆରମ୍ଭ କରିଛି। ବିଗ୍ ବାସ୍କେଟ ରାଉରକେଲା ବାସିନ୍ଦାଙ୍କୁ ୧୦,୦୦୦ରୁ ଅଧିକ ଉତ୍ପାଦର ବିବିଧ ଚୟନ ପ୍ରଦାନକରେ, ଯେଉଁଥିରେ ତାଜା ଉତ୍ପାଦ, ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟକ୍ତିଗତ ଯତ୍ନ ଆବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ସମସ୍ତ ଏକ ପ୍ରଭାବଶାଳୀ ୧୦ ମିନିଟ୍ ମଧ୍ୟରେ ବିତରଣ କରାଯାଏ। ଏହି ସେବା ସୁବିଧାକୁ ପୁନଃ ପରିଭାଷିତ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଗ୍ରାହକମାନଙ୍କୁ ଅଭୂତପୂର୍ବ ଗତିରେ ସେମାନଙ୍କ ଘରୁ ଆରାମରେ କିଣାକିଣି କରିବାକୁ ସକ୍ଷମ କରିଥାଏ। ବିଗ୍ ବାସ୍କେଟ୍‌ର ଜାତୀୟ ବ୍ୟବସାୟ ମୁଖ୍ୟ - ଟିୟର ୨, ଶଶିଶେଖର କହିଛନ୍ତି, 'ଆମେ ରାଉରକେଲାରେ ବିଗ୍ ବାସ୍କେଟକୁ ପରିଚିତ କରାଇ ଆନନ୍ଦିତ। ଆମର ସାମ୍ପ୍ରତିକ ସମ୍ପ୍ରସାରଣ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପ୍ରତିକ୍ରିୟା ଦେଖାଇଛି ଏବଂ ଆମେ ନିଶ୍ଚିତ ଯେ ରାଉରକେଲାର ବାସିନ୍ଦାମାନେ ସମାନ ଭାବରେ ୧୦ ମିନିଟ୍ ଡେଲିଭରିର ସୁବିଧାରୁ ଲାଭ ପାଇବେ ଏବଂ ଏହାର ପ୍ରଶଂସା କରିବେ। ଏହି ସେବା ଆଜିର ଦ୍ରୁତଗତି ଜୀବନଶୈଳୀର ବିକଶିତ ଆବଶ୍ୟକତା ପୂରଣକରି ଗ୍ରାହକ ସନ୍ତୁଷ୍ଟି ବୃଦ୍ଧିକରିବା ପାଇଁ ଆମର ପ୍ରତିବଦ୍ଧତାକୁ ସ୍ପଷ୍ଟକରେ। ୧୦ ମିନିଟ୍ ଡେଲିଭରି ସେବା ପ୍ରଚଳନ ସହ ବିଗ୍ ବାସ୍କେଟ ଦ୍ରୁତ, ନିର୍ଭରଯୋଗ୍ୟ ଏବଂ ବିବିଧ ଡେଲିଭରି ସେବା ପ୍ରଦାନକରି ରାଉରକେଲାରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିଚାଲିଛି।

# ଭିନଫାଷ୍ଟ ଲଗଜରୀ କାର ବିକ୍ରୟ ଓ ଡେଲିଭରୀ ଆରମ୍ଭ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠ ପାହାଳସ୍ଥିତ ଏଏମ୍‌ପି ଗ୍ରୁପ୍ ଦ୍ୱାରା ପରିଚାଳିତ ଭିନ୍‌ଫାଷ୍ଟ ଇଣ୍ଡିଆ ଲଗ୍‌ଜୁରି କାର୍ ବିକ୍ରୟ କ୍ଷେତ୍ରରେ ନୂଆ ପ୍ରବେଶ କରିଛି। ଅଟୋମୋବାଇଲ ବଜାରରେ ନୂଆ ହେଲେ ମଧ୍ୟ ଏଏମ୍‌ପି ଗ୍ରୁପ୍ ୪୦ରୁ ଅଧିକ ବୁକିଂ ସହ ସଫଳତାର ସହିତ ଆଗେଇ ଚାଲିଛି। ଧନ୍‌ତେରସ୍ ଅବସରରେ ଭିନ୍‌ଫାଷ୍ଟ ଶୋ'ରୁମ୍‌ରେ ୫ଟି ଲଗ୍‌ଜୁରି କାର୍ ଡେଲିଭରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଏମ୍‌ପି ଗ୍ରୁପ୍‌ର ଏମ୍‌ଡି ଅର୍ଣ୍ଣବ ପ୍ରଧାନ, ଜେନେରାଲ ମ୍ୟାନେଜର(ସେଲ୍‌ସ) ସୁସ୍ମିତା ପଟ୍ଟନାୟକ, ଭିନ୍‌ଫାଷ୍ଟ ଇଣ୍ଡିଆର ଏଚ୍‌ଆର୍ ମ୍ୟାନେଜର ଲିଜା ସିଂହ ଓ ଟିମ୍ ଲିଡର ଅରିଜିତ୍ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍‌ଫାଷ୍ଟ ଇଣ୍ଡିଆ ପକ୍ଷରୁ ବଜାର ପ୍ରବେଶ ହୋଇଥିବା ଇଲେକ୍ଟ୍ରିକ୍ ଏସ୍‌ୟୁଭି, ଭିଏଫ୍୬ ଓ ଭିଏଫ୍୭ ଅତ୍ୟାଧୁନିକ ପ୍ରଯୁକ୍ତି, ଆରାମ ଓ ସୁରକ୍ଷା ସହ ଉଚ୍ଚ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। କମ୍ପାକ୍ଟ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଭିଏଫ୍ ୬ ହେଉଛି ଏକ ୫ ଆସନ ବିଶିଷ୍ଟ ସ୍ପୋର୍ଟିଂ ଇଲେକ୍ଟ୍ରିକ୍ ଏସ୍‌ୟୁଭି ।




ଏହା ଦୁଇଟି ଭାରିଆଣ୍ଟରେ ଉପଲବ୍ଧ।। ୫୯.୬ କିଲୋୱାଟ ବ୍ୟାଟେରି ସହ ୧୦୦ କିଲୋୱାଟ ଡିସି ଚାର୍ଜିଂ (୧୦-୭୦% ୨୫ ମିନିଟ୍‌ରେ) ସୁବିଧା ରହିଛି। ଏହାର ଭିତରେ ଭେଗାନ ଲେଦର ସିଟ୍, ଭେଣ୍ଟିଲେଟେଡ୍ ସିଟ୍, କଲର ହେଡ୍-ଅପ୍ ଡିସ୍‌ପ୍ଲେ, ଡୁଆଲ-ଜୋନ୍ ଏସି, ଲେଭେଲ ୨ ଏଡାସ (ଆଡାପ୍ଟିଭ କ୍ରୁଜ୍, ଲେନ୍ କିପ୍) ଓ ୪୨୩ ଲିଟର ବୁଟ୍ ସ୍ପେସ୍ ରହିଛି। ଅନ୍ୟାନ୍ୟ ବୈଶିଷ୍ଟ୍ୟ ମଧ୍ୟରେ ପାନୋରାମିକ୍ ଗ୍ଲାସ୍ ରୁଫ୍ ଓ ଓଟିଏ ଅପ୍‌ଡେଟ୍ ରହିଛି। ମୂଲ୍ୟ ଆରମ୍ଭ ପ୍ରାୟ ୧୬.୫ ଲକ୍ଷ ଟଙ୍କା। ସେହିପରି ପ୍ରିମିୟମ ମିଡ୍-ସାଇଜ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଭିଏଫ୍୭ ହେଉଛି ଏକ ବୃହତ୍ ଓ ଆକର୍ଷଣୀୟ ଏସ୍‌ୟୁଭି ଯାହା ୫ ସିଟ୍ ସହ ୫୩୭ ଲିଟର ବୁଟ୍ ସ୍ପେସ୍ ପ୍ରଦାନକରେ। ଏହା ତିନୋଟି ଭାରିଆଣ୍ଟରେ ଉପଲବ୍ଧ। କିଲୋୱାଟ୍ ବ୍ୟାଟେରି ସହ ୧୧୦ କିଲୋୱାଟ୍ ଡିସି ଚାର୍ଜିଂ (୧୦-୭୦% ୨୮ ମିନିଟ୍‌ରେ) ସୁବିଧା ରହିଛି। ଏହାର ଭିତରେ ପ୍ରଶସ୍ତ ଭେଗାନ ଲେଦର ସିଟ୍, ଲେଭେଲ ୨ ଆଡାସ, ହେଡ୍-ଅପ୍ ଡିସ୍‌ପ୍ଲେ, ଡୁଆଲ-ଜୋନ୍ ଏସି ଓ ପାନୋରାମିକ୍ ରୁଫ୍ ସହ ପ୍ରାୟ ୨୦.୯ ଲକ୍ଷ ଟଙ୍କା ପ୍ରାରମ୍ଭିକ ମୂଲ୍ୟ ରହିଛି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ତ୍ରୈମାସିକର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ୨୦୨୫-୨୬ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ଜିଓ ପ୍ଲାଟ୍‌ଫର୍ମସର ସମନ୍ୱିତ ନେଟ୍‌ଲାଭରେ ବାର୍ଷିକ ୧୨.୮% ବୃଦ୍ଧିପାଇ ୭,୩୭୯ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋଟ ଗ୍ରାହକ ସଂଖ୍ୟା ୫୦ କୋଟି ଅତିକ୍ରମକରି ୫୦ କୋଟି ୬୪ ଲକ୍ଷରେ ପହଞ୍ଚିଛି। ଜିଓ ପ୍ଲାଟ୍‌ଫର୍ମସର ପରିଚାଳନାରୁ ରାଜସ୍ୱ ସେପ୍ଟେମ୍ବର ତ୍ରୈମାସିକରେ ୧୪.୬% ବୃଦ୍ଧି ପାଇ ୩୬,୩୩୨ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ସମାନ ଅବଧିରେ ୩୧,୭୦୯ କୋଟି ଟଙ୍କା ଥିଲା। ଏହି ତ୍ରୈମାସିକରେ ଜିଓର ଫିକ୍ସଡ୍ ବ୍ରଡ୍‌ବ୍ୟାଣ୍ଡ ସେବାରେ ପ୍ରତି ମାସରେ ୧୦ ଲକ୍ଷ ଘର ଓ ପରିସରକୁ ବ୍ରଡ୍‌ବ୍ୟାଣ୍ଡ ସହ ସଂଯୁକ୍ତ କରାଯାଇଛି। ଏଥିସହ ସାରା ଦେଶରେ ୨ କୋଟି ୩୦ ଲକ୍ଷ ପରିସର ଜିଓ ଫିକ୍ସଡ୍ ବ୍ରଡ୍‌ବ୍ୟାଣ୍ଡ ସହ ଯୋଡ଼ିହୋଇଛନ୍ତି। ଜିଓ ଏୟାରଫାଇବର ବିଶ୍ୱର ସର୍ବବୃହତ୍ ହୋଇଛି ଏବଂ ଏହାର ଉପଭୋକ୍ତା ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇ ୯୫ ଲକ୍ଷରେ ପହଞ୍ଚିଛି। ଜିଓର ଉପଭୋକ୍ତା ପିଛା ହାରାହାରି ମାସିକ ରାଜସ୍ୱରେ ବୃଦ୍ଧି ହେବା ସହ ଏହା ୨୧୧.୪ ଟଙ୍କାରେ ପହଞ୍ଚିଛି। ସେହିଭଳି ଜିଓ ଏଆଇ କ୍ଲାଉଡ୍‌ରେ ପଞ୍ଜୀକୃତ ବ୍ୟବହାରକାରୀ ସଂଖ୍ୟା ଏବେ ୪ କୋଟି ୨୦ ଲକ୍ଷ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ଡିଜିଟାଲ ସେବାରେ ନିଜର ୧ ନମ୍ବର ସ୍ଥାନ ବଜାୟ ରଖିଥିବା ଜିଓ ନେଟ୍‌ୱର୍କରେ ଗ୍ରାହକ ପିଛା ପ୍ରତିମାସ ଡାଟା ବ୍ୟବହାର ୩୮.୭ ଜିବିକୁ ବୃଦ୍ଧି ପାଇଛି ଏବଂ ଏହି ତ୍ରୈମାସିକରେ ଜିଓ ନେଟ୍‌ୱର୍କରେ ମୋଟ ଡାଟା ବ୍ୟବହାର ୨୯.୮% ବୃଦ୍ଧି ପାଇ ୫୮.୪ ବିଲିୟନ ଜିବି ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଫଳାଫଳ ଅନୁଯାୟୀ କମ୍ପାନୀର ନେଟ୍ ଲାଭ ଗତ ବର୍ଷ ସମାନ ଅବଧି ତୁଳନାରେ ୧୪.୩% ଅଧିକ ରହିଛି ଏବଂ ୨୨୦୯୨ କୋଟି ଟଙ୍କାରେ ପହଞ୍ଚିଛି। ଏହି ତ୍ରୈମାସିକରେ କମ୍ପାନୀର ମୋଟ ରାଜସ୍ୱ ଗତବର୍ଷ ସମାନ ସମୟ ତୁଳନାରେ ୯.୯% ବୃଦ୍ଧି ପାଇ ୨୮୩୫୪୮ କୋଟି ଟଙ୍କା ହୋଇଛି। ରିଲାଏନ୍ସ ରିଟେଲ ଦ୍ୱିତୀୟ ତ୍ରୈମାସିକରେ ମୋଟ ରାଜସ୍ୱ ଗତ ବର୍ଷ ତୁଳନାରେ ୧୮% ବୃଦ୍ଧି ପାଇ ୯୦୦୧୮ କୋଟି ଟଙ୍କା ରହିଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୪୧୨ ନୂଆ ଷ୍ଟୋର ଖୋଲିବା ସହ ଦେଶରେ ମୋଟ ଷ୍ଟୋର ସଂଖ୍ୟା ୧୯୮୨୧ ରେ ପହଞ୍ଚିଛି ।

## ସଂକ୍ଷେପରେ

### ଟ୍ରମ୍ପ୍ ପୁଣି ଦୋହରାଇଲେ, ରୁଷିଆରୁ ତେଲ କିଣିବନି ଭାରତ

ୱାଶିଂଟନ,୧୮।୧୦

ରୁଷିଆରୁ ଭାରତ ଆଉ ତେଲ କିଣିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଦୋହରାଇଛନ୍ତି। ସେ କହିଛନ୍ତି ନୂଆଦିଲ୍ଲୀ ମସ୍କୋରୁ ତେଲ କିଣିବା କମାଇଦେଇଛି ଏବଂ ଖୁବ୍‌ଶୀଘ୍ର କିଣା ବନ୍ଦ କରିବାକୁ ଯାଉଛି। ଶୁକ୍ରବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଟ୍ରମ୍ପ୍ ଗଣମାଧ୍ୟମକୁ ଏହା କହିଛନ୍ତି। ଭାରତ ରୁଷିଆରୁ ଯେତିକି ତେଲ କିଣୁଥିଲା ଏବେ ତା'ର ୩୮ ପ୍ରତିଶତ ନେଉଛି। ସେମାନେ ଆଉ କିଣିବେ ନାହିଁ ବୋଲି ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ୍ କହିଥିଲେ। ସୂଚନାଯୋଗ୍ୟ, ରୁଷିଆରୁ ଅଶୋଧିତ ତୈଳ କିଣିବା ବନ୍ଦ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ୨ ଦିନ ପୂର୍ବରୁ କହିଥିବାବେଳେ ନୂଆଦିଲ୍ଲୀ ଏହାକୁ ଖଣ୍ଡନ କରିଥିଲା। ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ତୈଳ କ୍ରୟ ଜାରି ରହିବ ବୋଲି ଭାରତ କହିଥିଲା।

### ପାକିସ୍ତାନୀ ଅପରେଟିଭ୍‌ଙ୍କୁ ସହାୟତା କରୁଥିବା ଭାରତୀୟ ଗିରଫ

ନୂଆଦିଲ୍ଲୀ,୧୮।୧୦(ପି.ଟି.)

ପାକିସ୍ତାନର ଜଣେ ଅପରେଟିଭ୍‌ଙ୍କୁ ବେଆଇନ ବାଂଲାଦେଶୀ ନାଗରିକ ଭାବେ ପାସ୍‌ପୋର୍ଟ ପାଇବାରେ ସହାୟତା କରୁଥିବା ପଶ୍ଚିମବଙ୍ଗର ଜଣେ ବ୍ୟକ୍ତିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଛି। ପ୍ରାୟ ୨୫୦ଟି ଘଟଣାରେ ଏଭଳି ବେଆଇନ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। କୋଲକାତାସ୍ଥିତ ଇଡି କାର୍ଯ୍ୟାଳୟର ଅଧିକାରୀମାନେ ଗତ ୧୩ ତାରିଖରେ ଇନ୍ଦୁଭୂଷଣ ହାଲ୍‌ଦାର ଓରଫ ଦୁଲ୍ଲାଲଙ୍କୁ ଗିରଫ କରିଥିଲେ। ହାଲ୍‌ଦାରଙ୍କ ଘର ଭାରତ-ବାଂଲାଦେଶ ସୀମା ନିକଟବର୍ତ୍ତୀ ନଦିଆ ଜିଲାର ଚକଡାହ ଗ୍ରାମରେ। ପାକିସ୍ତାନୀ ନାଗରିକ ଆଜାଦ ହୁସେନ୍ ଓରଫ ଆଜାଦ ମଲ୍ଲିକ୍ ବା ଅହମଦ ହୋସେନ୍ ଆଜାଦ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ। ଗତ ଏପ୍ରିଲରେ ଇଡି ତାଙ୍କୁ ଗିରଫ କରିଥିବାବେଳେ ଏବେ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଆଜାଦ ହୁସେନ୍ ଭାରତରେ ଆଜାଦ ମଲ୍ଲିକ୍ ପରିଚୟରେ ରହି ବାଂଲାଦେଶରୁ ବେଆଇନ ଆପ୍ରବାସନ ପାଇଁ ଜାଲିଆତି କରି ଭାରତୀୟ ପରିଚୟ କାଗଜପତ୍ର ସଂଗ୍ରହ କରିବାରେ ନିୟୋଜିତ ଥିଲେ ବୋଲି ଇଡି କହିଛି।

### ଏମ୍‌ପିଙ୍କୁ ଆବଣ୍ଟିତ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ନିଆଁ

ନୂଆଦିଲ୍ଲୀ, ୧୮।୧୦

ଦିଲ୍ଲୀର ବି.ଡି. ମାର୍ଗସ୍ଥିତ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଶନିବାର ନିଆଁ ଲାଗିଯାଇଥିଲା। ଏହି ଆପାର୍ଟମେଣ୍ଟରେ ରାଜ୍ୟ ସଭା ସଦସ୍ୟମାନଙ୍କୁ ଫ୍ଲାଟ୍ ଆବଣ୍ଟିତ ହୋଇଛି। ସୂଚନା ପାଇ ତୁରନ୍ତ ପୋଲିସ ଓ ଅଗ୍ନିଶମବାହିନୀର ୬ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ କେହି ଆହତ ହୋଇନାହାନ୍ତି, କେବଳ କିଛି ଆସବାବପତ୍ର ନଷ୍ଟ ହୋଇଥିବା ନୂଆଦିଲ୍ଲୀ ଡିସିପି ଦେବେଶ ମହଲା କହିଛନ୍ତି। ପ୍ରକାଶ ଯେ, ବ୍ରହ୍ମପତ୍ର ଆପାର୍ଟମେଣ୍ଟର ପ୍ରଥମ ୩ ମହଲାରେ ସର୍ଭ୍ୟାଣ୍ଟ କ୍ୱାର୍ଟର୍ସ ରହିଛି ଏବଂ ଏହା ଉପର ୫ ମହଲାରେ ରାଜ୍ୟ ସଭା ସଦସ୍ୟଙ୍କୁ ଫ୍ଲାଟ୍ ଆବଣ୍ଟିତ ହୋଇଛି। ଏହି ଆପାର୍ଟମେଣ୍ଟ ସଂସଦ ଭବନଠାରୁ ୨୦୦ ମିଟର ଦୂରରେ ଅବସ୍ଥିତ।

### ମୋଜାମ୍ବିକ୍‌ରେ ବୋଟ୍ ଦୁର୍ଘଟଣା: ୩ ଭାରତୀୟ ମୃତ

ନୂଆଦିଲ୍ଲୀ,୧୮।୧୦

ମୋଜାମ୍ବିକ୍‌ର ବେଇରା ଉପକୂଳରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଅନ୍ୟ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ଭାରତୀୟ ଉଚ୍ଚାୟୁକ୍ତ ଶନିବାର ସ୍ପଷ୍ଟ କରିଛନ୍ତି। ଗତ ଗୁରୁବାର ଏକ ଟ୍ୟାଙ୍କର୍‌ର କର୍ମଚାରୀମାନଙ୍କୁ ବୋଟ୍ ଯୋଗେ ଅନ୍ୟତ୍ର ନିଆଯାଉଥିବାବେଳେ ଏହା ଓଲଟିପଡ଼ିଥିଲା। ବୋଟ୍‌ରେ ୧୪ ଜଣ ଭାରତୀୟ ଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନାହିଁ।



ଢାକାସ୍ଥିତ ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଜଳୁଛି।

## ଢାକା ବିମାନବନ୍ଦରରେ ନିଆଁ

### ବିମାନ ଚଳାଚଳ ସ୍ଥଗିତ

ଢାକା,୧୮।୧୦(ପି.ଟି.)

ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ନରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଘନ କଳାଧୂଆଁ ଘୋଡ଼ାଇ ରଖିଥିବାବେଳେ ସମସ୍ତ ବିମାନ ଚଳାଚଳକୁ ସ୍ଥଗିତ ରଖାଯାଇଛି। ତେବେ ଅଗ୍ନିକାଣ୍ଡଜନିତ ମୃତାହତଙ୍କ ସମ୍ପର୍କରେ କୌଣସି ଖବର ମିଳିନାହିଁ।

ବାଂଲାଦେଶ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏବି)ଙ୍କ କହିବା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ୧୫ ମିନିଟ୍‌ରେ ହଜରତ ଶାହଜଲାଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ନିଆଁ ଲାଗିଥିଲା। ନିଆଁ ଲିଭାଇବା କାର୍ଯ୍ୟରେ ୩୬ ଫାୟାରଫାଇଟିଂ ୟୁନିଟ୍ ଓ ଅତିରିକ୍ତ ଟିମ୍‌କୁ ନିୟୋଜିତ କରାଯାଇଥିଲା। ଢାକାରେ ଅବତରଣ କରିବାକୁ ଥିବା ଅନ୍ୟୂନ ୯ଟି ବିମାନକୁ ଚଟ୍ଟୋଗ୍ରାମର ଶାହ ଅମାନତ ଏୟାରପୋର୍ଟ ଏବଂ ସିଲହେଟ୍‌ର ଓସ୍‌ମାନି ଏୟାରପୋର୍ଟକୁ ପଠାଯାଇଛି। କାର୍ଗୋ ଜୋନ୍‌ରେ ରାସାୟନିକ ପଦାର୍ଥ ଗଚ୍ଛିତ ଥିବାରୁ ନିଆଁ ଲିଭାଇବାରେ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ୩ ସେନାର ଯବାନ ସାମିଲ ହୋଇଛନ୍ତି।

## ଆଫଗାନିସ୍ତାନରେ ପାକିସ୍ତାନର ଆକ୍ରମଣ
# ୩ କ୍ରିକେଟରଙ୍କ ସମେତ ୮ ମୃତ

ଇସ୍‌ଲାମାବାଦ/କାବୁଲ,୧୮।୧୦

ଆଫଗାନିସ୍ତାନର ସୀମାନ୍ତ ପାକ୍‌ଟିକା ପ୍ରଦେଶରେ ପାକିସ୍ତାନୀ ସେନାର ଏୟାରଷ୍ଟ୍ରାଇକ୍ ଯୋଗୁ ୩ ଆଫଗାନ କ୍ରିକେଟରଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ କ୍ରିକେଟରମାନେ ଉର୍ଗୁନ୍‌ରୁ ପାକ୍‌ଟିକା ପ୍ରଦେଶର ଶାରନାକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଥିଲେ ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) କହିଛି। ମୃତ ୩ କ୍ରିକେଟର ହେଲେ କବୀର, ସିବଘାତୁଲ୍ଲାହ ଏବଂ ହାରୁନ୍। ଏହି ଆକ୍ରମଣରେ ଅନ୍ୟ ୫ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି। ପାକିସ୍ତାନର ଏହା ଏକ ଭୀରୁତାପୂର୍ଣ୍ଣ ଆକ୍ରମଣ ବୋଲି ଏସିବି କହିଛି। ଆକ୍ରମଣ ପରେ ଆଫଗାନିସ୍ତାନ ଆସନ୍ତା ମାସରେ



ସିବଘାତୁଲ୍ଲାହ, ହାରୁନ୍ ଏବଂ କବୀର।

ପାକିସ୍ତାନ ଓ ଶ୍ରୀଲଙ୍କା ସହ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ୍‌ରୁ ଓହରିଯାଇଛି।

ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୨ ଦିନର ଅସ୍ତ୍ରବିରତିକୁ ବଢ଼ାଇବା ପାଇଁ ଉଭୟ ଦେଶ ରାଜି ହେବାର କିଛି ସମୟ ପରେ ଶୁକ୍ରବାର ରାତିରେ ଇସ୍‌ଲାମାବାଦ ପୁନର୍ବାର ଆକ୍ରମଣ କରିଥିଲା। ସ୍ଥାୟୀ ଅସ୍ତ୍ରବିରତି ପାଇଁ ଆଗକୁ ଦୋହାରେ ଆଲୋଚନା ହେବାକୁ ଥିବାବେଳେ ଏହା ପୂର୍ବରୁ ସୀମାନ୍ତ ଅଞ୍ଚଳରେ ପାକିସ୍ତାନର ଆକ୍ରମଣ ଉକ୍ତ ଆଲୋଚନାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ପାକ୍ ସେନା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ଶୁକ୍ରବାର ମୀର୍ ଅଲିସ୍ଥିତ ଖଦ୍ଦି ଫୋର୍ଟରେ ଆକ୍ରମଣ ପାଇଁ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ୍ (ଟିଟିପି)ର ହଫିଜ୍ ଗୁଲ୍ ବାହାଦୁର ନିଜକୁ ଦାୟୀ କରିଛି।

ଦୋହାରେ ଆଫଗାନିସ୍ତାନର ତାଲିବାନ୍ ପ୍ରତିନିଧିଙ୍କ ସହ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଲୋଚନା କରିବେ ବୋଲି ଇସ୍‌ଲାମାବାଦ ଶନିବାର ସ୍ପଷ୍ଟ କରିଛି। ୨ ଦେଶ ମଧ୍ୟରେ ସୀମା ଉତ୍ତେଜନା ବଢ଼ିଚାଲିଥିବାବେଳେ କାତାର ସେମାନଙ୍କ ମଧ୍ୟରେ ବୈଠକର ଆୟୋଜନ କରିଛି।

## ନୀରବ ଶୋଭାଯାତ୍ରା ପୂର୍ବରୁ କାର୍‌ଗିଲରେ ଲାଗିଲା କଟକଣା

ଶ୍ରୀନଗର,୧୮।୧୦

ସେପ୍ଟେମ୍ବର ୨୪ ହିଂସାକାଣ୍ଡର ପ୍ରତିବାଦରେ ଲେହ ଆପେକ୍ସ ବଡ଼ି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ପକ୍ଷରୁ ମିଳିତ ଭାବେ ଶନିବାର ଶାନ୍ତିପୂର୍ଣ୍ଣ ନୀରବ ଶୋଭାଯାତ୍ରା ଏବଂ ବ୍ଲାକ୍‌ଆଉଟ୍ ଡାକରା ଦିଆଯାଇଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ଲଦାଖ ପ୍ରଶାସନ କାର୍‌ଗିଲ ଜିଲାରେ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩ ଅନୁଯାୟୀ କଟକଣା ଲଗାଇଛି। ପୂର୍ବରୁ ଲେହ ଜିଲାରେ ଏହି କଟକଣା ଲାଗୁ ହୋଇଛି। କାର୍‌ଗିଲ ସହର ପରିସରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସମ୍ଭାବନା ଥିବା ନେଇ କାର୍ଗିଲ ଏସ୍‌ଏସ୍‌ପି ରିପୋର୍ଟ ଦେବା ପରେ କାର୍ଗିଲ ଜିଲାପାଳ ରାକେଶ କୁମାର କଟକଣା ଲଗାଇଛନ୍ତି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ପ୍ରାକ୍ ଅନୁମତି ବିନା ଶୋଭାଯାତ୍ରା, ରାଲି ଆଦିକୁ ନିଷେଧ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଡାକବାଜି ଯନ୍ତ୍ର କିମ୍ବା ଗାଡ଼ି ଉପରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ବ୍ୟବସ୍ଥା ଉପରେ ନିଷେଧାଦେଶ ଲାଗିଛି। ୫ କିମ୍ବା ତଦୂର୍ଦ୍ଧ୍ୱ ଲୋକ ଏକାଠି ହେବ ଉପରେ କଟକଣା ଲାଗିଛି। ସୂଚନାଯୋଗ୍ୟ, ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ପରିଚ୍ଛଦ ଲାଗୁ ଦାବିରେ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ୮୦ ଆହତ ହୋଇଥିଲେ। ଏହାର ପ୍ରତିବାଦରେ ଶନିବାର ଲଦାଖରେ ୨ ଘଣ୍ଟା ନୀରବ ଶୋଭାଯାତ୍ରା ଓ ୩ ଘଣ୍ଟା ବ୍ଲାକ୍‌ଆଉଟ୍ ଡାକରା ଦିଆଯାଇଥିଲା।

## ଡାକ୍ତର ସାଜିଲେ ନିଲମ୍ବିତ ସ୍କୁଲ ପିଅନ

### ବେଆଇନ ଲିଙ୍ଗ ନିରୂପଣ କରି ଗିରଫ

ମୋରେନା (ମଧ୍ୟପ୍ରଦେଶ) ,୧୮।୧୦

ମଧ୍ୟପ୍ରଦେଶର ମୋରେନା ଜିଲାରେ ଜଣେ ନିଲମ୍ବିତ ସ୍କୁଲ ପିଅନ ସଞ୍ଜୁ ଶର୍ମା (୩୦) ଡାକ୍ତର ସାଜି ବେଆଇନ ଭାବେ ଭ୍ରୂଣର ଲିଙ୍ଗ ନିରୂପଣ କରି ଅନେକ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ଶୁକ୍ରବାର ପୋଲିସ ମୋରେନାର ଗାଦୋରାପୁରାଠାରୁ ସଞ୍ଜୁଙ୍କୁ ଗିରଫ କରିଛି। ଘଟଣାକୁ ନେଇ ଜିଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଦ୍ମେଶ ଉପାଧ୍ୟାୟ କହିଛନ୍ତି, ଜଣେ ବ୍ୟକ୍ତି ଏକ ପୋର୍ଟେବଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ବ୍ୟବହାର କରି ଲିଙ୍ଗ ନିରୂପଣ ପାଇଁ ପରୀକ୍ଷା କରୁଥିବାର ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଗ୍ୱାଲିୟର ଏବଂ ମୋରେନାର ସ୍ୱାସ୍ଥ୍ୟ ବିଭାଗର ଟିମ୍ ପୋଲିସ ସହ ମିଶି ଜାଲ ବିଛାଇଥିଲେ। ସାଦା ପୋଷାକରେ ଜଣେ ମହିଳା ପୋଲିସ ନିଜକୁ ଗର୍ଭବତୀର ପରିଚୟ ଦେଇ ସଞ୍ଜୁଙ୍କ ସହ ସମ୍ପର୍କ କରିଥିଲେ ଏବଂ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଚଢ଼ାଉ ସମୟରେ ସଞ୍ଜୁଙ୍କ ନିକଟରୁ ପୋର୍ଟେବଲ ଅଲ୍‌ଟ୍ରାସାଉଣ୍ଡ ମେଶିନ ଜବତ ହୋଇଛି। ପୋଲିସ ମାମଲା ରୁଜୁ କରି ସଞ୍ଜୁଙ୍କୁ ପଚରାଉଚରା ଜାରି ରଖିଛି। ସଞ୍ଜୁ ପୂର୍ବରୁ ବିଲଗାଓଁ ସରକାରୀ ସ୍କୁଲରେ ପିଅନ ଥିଲେ। ୨୦୨୪ ନଭେମ୍ବରରେ ବିଭିନ୍ନ ବେଆଇନ କାର୍ଯ୍ୟରେ ସାମିଲ ଥିବା ଜଣାପଡ଼ିବା ପରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସ୍ଥାନୀୟ ସାମାଜିକ କର୍ମୀ ମୀନା ଶର୍ମା କହିଛନ୍ତି, ସଞ୍ଜୁ ଓ ତାଙ୍କ ସହଯୋଗୀ ୨ରୁ ୪ ହଜାର ଟଙ୍କା ନେଇ ଘରକୁ ଘର ଯାଇ ଲିଙ୍ଗ ନିରୁପଣ ପରୀକ୍ଷା କରୁଥିଲେ। ଭ୍ରୂଣ ଶିଶୁକନ୍ୟା ବାହାରିଲେ, ଗର୍ଭପାତ ପାଇଁ ସେମାନେ ଅଧିକ ଟଙ୍କା ଆଦାୟ କରୁଥିଲେ।

## ଅମୃତସର-ସହରସା ଗରିବ ରଥ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ

ଫତେଗଡ଼ ସାହିବ, ୧୮।୧୦

ପଞ୍ଜାବର ଅମୃତସରରୁ ବିହାରର ସହରସା ଯାଉଥିବା ଗରିବ ରଥ ଏକ୍ସପ୍ରେସ୍ ଟ୍ରେନ୍‌ର (ନମ୍ବର-୧୨୨୦୪)ରେ ଶନିବାର ସକାଳେ ନିଆଁ ଲାଗିଯାଇଥିଲା। ପଞ୍ଜାବର ସରହିନ୍ଦ ରେଲୱେ ଷ୍ଟେଶନ ନିକଟରେ ଟ୍ରେନ୍ ଯାଉଥିବା ସମୟରେ ସେଠାରେ ଉପସ୍ଥିତ ଯାତ୍ରୀମାନେ ଟ୍ରେନ୍‌ର ଏକ କୋଚ୍‌ରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଟ୍ରେନ୍‌ଟିକୁ ଅଟକାଇ ଦିଆଯାଇଥିଲା ଏବଂ ପୋଲିସ ଓ ରେଳ କର୍ମଚାରୀଙ୍କ ପକ୍ଷରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି ଏବଂ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୋଲିସ କହିଛି।





ଜଣେ ମହିଳା ଯାତ୍ରୀ ଆହତ ହୋଇଛନ୍ତି ଏବଂ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିଶମବାହିନୀ ସହାୟତାରେ ଉକ୍ତ ଟ୍ରେନ୍‌ରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିଲା। ଟ୍ରେନ୍‌ର ସୀମିତ ଅଞ୍ଚଳରେ ନିଆଁ ଲାଗିଥିଲା, ଯାହାକୁ ଖୁବ୍‌ଶୀଘ୍ର ଲିଭାଯାଇଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି।

## ଫୁରସତ୍

### ଦୀର୍ଘତମ ବିମାନ ଉଡ଼ାଣରେ ରେକର୍ଡ

ନ୍ୟୁୟର୍କ

ଶିଆମେନ୍ ଏୟାର ନିକଟରେ ବିଶ୍ୱର ଦୀର୍ଘତମ ଅନବରତ ଉଡ଼ାଣର ରେକର୍ଡ ହାସଲ କରିଛି। ପୂର୍ବରୁ ସିଙ୍ଗାପୁର ଏୟାରଲାଇନ୍ସ ନିକଟରେ ଏହି ରେକର୍ଡ ରହିଥିଲା। ଶିଆମେନ୍ ଏୟାରର ବିମାନ ନ୍ୟୁୟର୍କର ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚାଇନାର ଫୁଝୋ ଚାଙ୍ଗ୍‌ଲେ ଅନ୍ତର୍ଜାତୀୟ ବିମାନବନ୍ଦର ପର୍ଯ୍ୟନ୍ତ ନନ୍‌ଷ୍ଟପ୍ ଉଡ଼ାଣ କରିଥିଲା। ଉଡ଼ାଣର ମୋଟ ଅବଧି ୧୯ ଘଣ୍ଟା ୨୦ ମିନିଟ୍। ଉକ୍ତ ଉଡ଼ାଣରେ ବିମାନଟି ୧୦ ହଜାର କି. ମି.ରୁ ଅଧିକ ଦୂରତା ଅତିକ୍ରମ କରୁଛି। ପୂର୍ବରୁ ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରୁ ସିଙ୍ଗାପୁରର ଚାଙ୍ଗି ଏୟାରପୋର୍ଟକୁ ଯାଉଥିବା ସିଙ୍ଗାପୁର ଏୟାରଲାଇନ୍ସର ବିମାନ ନାଁରେ ସବୁଠାରୁ ଲମ୍ବା ଅନବରତ ଉଡ଼ାଣର ରେକର୍ଡ ଥିଲା। ଏଥିପାଇଁ ସିଙ୍ଗାପୁର ଏୟାରଲାଇନ୍ସର ବିମାନକୁ





୧୯ ଘଣ୍ଟା ୧୦ ମିନିଟ ସମୟ ଲାଗୁଥିଲା।

ରେକର୍ଡ ସୃଷ୍ଟିକାରୀ ନୂତନ ଉଡ଼ାଣର ରୁଟ୍ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥିଲା। କୋଭିଡ୍ ମହାମାରୀ ସମୟରେ ଏହି ରୁଟ୍ ବନ୍ଦ ହୋଇଥିବାବେଳେ ୨୦୨୪ରେ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା। ନିକଟରେ ଏହି ରୁଟ୍‌କୁ ଆନୁଷ୍ଠାନିକ ଭାବେ ବିଶ୍ୱର ସବୁଠାରୁ ଲମ୍ବା ଅନବରତ ଉଡ଼ାଣ ରୁଟ୍ ଭାବେ ଘୋଷଣା କରାଯାଇଛି। ଏହି ରୁଟ୍‌ର ମୋଟ ଦୂରତା ୭୦୭୭ ମାଇଲ୍ (ପ୍ରାୟ ୧୦,୮୦୦ କି.ମି.)। ତେବେ ଦୂରତା ଦୃଷ୍ଟିରୁ ଏହି ଉଡ଼ାଣ ସବୁଠାରୁ ଲମ୍ବା ନୁହେଁ ବରଂ ସମୟ ଦୃଷ୍ଟିରୁ ସବୁଠାରୁ ଲମ୍ବା। ଶିଆମେନ୍ ଏୟାର ରୁଷିଆର ଆକାଶମାର୍ଗ ଦେଇ ଉଡ଼ାଣ କରେ ନାହିଁ, ଫଳରେ ଏହାକୁ ଏକ ବିକଳ୍ପ ମାର୍ଗ ଦେଇ ଉଡ଼ାଣ କରିବାକୁ ପଡ଼ିଥାଏ। ଫଳରେ ବିମାନ ଯାତ୍ରାର ସମୟ ସର୍ବାଧିକ ରହିବା ସହ ଏହା ରେକର୍ଡ ସୃଷ୍ଟି କରିଛି।

ଉନ୍ନତ ପ୍ରଯୁକ୍ତି ସହ ସମ୍ପ୍ରତି ନୂତନ ବିମାନ ମଡେଲଗୁଡ଼ିକ ଅଧିକ ଇନ୍ଧନ ବହନ କରୁଥିବାରୁ ଅତ୍ୟଧିକ ଲମ୍ବା ଏବଂ ଅନବରତ ଉଡ଼ାଣକୁ ସମ୍ଭବ କରିପାରିଛି। ସମ୍ପ୍ରତି ଅନେକ ଲୋକ ଗୋଟିଏ ଥରରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ପସନ୍ଦ କରୁଛନ୍ତି। ଫଳରେ ସାମ୍ପ୍ରତିକ ସମୟରେ ଏପରି ବିମାନ ଯାତ୍ରା ଅନେକ ଯାତ୍ରୀଙ୍କ ପାଇଁ ସୁବିଧାଜନକ ବିକଳ୍ପ ପାଲଟିଛି।

### ଐଶ୍ୱର୍ଯ୍ୟାଙ୍କ ଲୁକ୍‌କୁ ରିକ୍ରିଏଟ୍ କଲେ ଅଙ୍କିତା

ମୁମ୍ବାଇ

ମୁମ୍ବାଇର ଏକ ବିଳାସପୂର୍ଣ୍ଣ ହୋଟେଲରେ ଛୋଟ ପରଦାର ଲୋକପ୍ରିୟ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଓ ତାଙ୍କ ସ୍ୱାମୀ ତଥା ବ୍ୟବସାୟୀ ଭିକି ଜୈନ ଶୁକ୍ରବାର ଏକ ଦୀପାବଳି ପାର୍ଟିର ଆୟୋଜନ କରିଥିଲେ। ଏହି ପାର୍ଟିରେ ଅଙ୍କିତାଙ୍କ ଲୁକ୍‌କୁ ସୋସିଆଲ ମିଡିଆରେ ଖୁବ୍ ପସନ୍ଦ କରାଯାଉଛି। ୧୯୯୯ରେ ରିଲିଜ୍ ହୋଇଥିବା ସୁପରହିଟ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ'ର ପ୍ରସିଦ୍ଧ ଗୀତ 'ଚାନ୍ଦ ଛୁପା ବାଦଲ ମେଁ'ରେ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଇକନିକ୍ ଲୁକ୍‌କୁ ଅଙ୍କିତା ରିକ୍ରିଏଟ କରି ଏହି ପାର୍ଟିରେ ନଜରକୁ ଆସିଥିଲେ। ପାର୍ଟିରେ ଅଙ୍କିତା ଏକ ସୁନ୍ଦର ଗୋଲ୍ଡେନ୍ ଏମ୍ବ୍ରୋଇଡୋରି ଥିବା ଲାଭେଣ୍ଡର ଶାଢ଼ି ପିନ୍ଧିଥିଲେ। ନିଜର ଏହି ଲୁକ୍‌ର କେତେକ ଫଟୋକୁ ଅଙ୍କିତା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହାକୁ ତାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଛନ୍ତି। ଅଙ୍କିତାଙ୍କ ଏହି ଦୀପାବଳି ପାର୍ଟିରେ ଅନେକ ଟିଭି ଏବଂ ଫିଲ୍ମ କଳାକାର ସାମିଲ ହୋଇଥିଲେ। ଅଙ୍କିତା ଓ ଭିକି ଅତିଥିଙ୍କ ସହ ଖୁବ୍ ମସ୍ତି କରିଥିଲେ।



ଅଙ୍କିତା ଲୋଖଣ୍ଡେ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଣା ହିଡ଼ ଯେଉଁଠି ପାଣି ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା । ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ି ଆସିଥାଏ । ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଉଁଚେଇବୁ, ମାରିବୁ ନାହିଁ ଗୋଡ଼େଇବୁ, ଧରିବୁ ନାହିଁ।**

ପିଲାଙ୍କୁ ବାରମ୍ବାର ମାଡ଼ ଦେଲେ ତାଙ୍କର ମାଡ଼ ପ୍ରତି ଆଉ ଭୟ ରହେ ନାହିଁ। ପୁଣି ଯେଉଁଠି ଧମକାଇଲେ କାମ ହୋଇଯାଉଛି, ସେଠି ମାଡ଼ ଦେବା କି ଦରକାର ? ସେହିପରି ଭୟରେ ଦୌଡୁଥିବା ଲୋକଙ୍କୁ ଧରିପକାଇଲେ ତା'ର ଭୟ ତୁଟିଯିବ। ତେଣୁ ଗୋଡ଼ାଉଥିବ, ଧରିବନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୩ ମୃତ

**କୋରୁକୋଣ୍ଡା/ମାଲକାନଗିରି,୧୮।୧୦ (ଶିବଦତ୍ତ ସାହୁ/ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅଧୀନ ଟେକଗୁଡା ଗ୍ରାମ ନିକଟ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାରେ ଶନିବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋହନ ମାଝୀ, ଯମୁନା ସରକାର ଓ ତାଙ୍କ ସମ୍ପର୍କୀୟ ରାମକୁମାର। ଏହି ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଥିବା ଜଣାପଡ଼ିଛି।

କୋରୁକୋଣ୍ଡା ସଦର ବ୍ଲକ୍ ସୁଳିଆ କଲୋନିର ମୋହନ ମାଝୀ (୨୬) ଓ ତାଙ୍କ ସମ୍ପର୍କୀୟ ମଧୁ ଜାନୀ ଗୋଟିଏ ବାଇକ୍‌ରେ ମାଲକାନଗିରି ଅଭିମୁଖେ ଆସୁଥିଲେ। ଏହି ସମୟରେ ମାଲକାନଗିରିରୁ ବାଲିମେଳା ଅଭିମୁଖେ ଅନ୍ୟ ଏକ ବାଇକ୍‌ରେ ଏମ୍‌ଭି ୩୬ ଗ୍ରାମର ଯମୁନା ସରକାର ଓ ରାମକୁମାର ଯାଉଥିଲେ। କୋରୁକୋଣ୍ଡା ନିକଟ ଟେକଗୁଡ଼ା ଛକ ନିକଟରେ ଶନିବାର ସକାଳ ପ୍ରାୟ ୮ଟା ୩୦ରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଘଟଣାସ୍ଥଳରେ ମୋହନଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇ ୩ ଗୁରୁତରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାମକୁମାର ଓ ଯମୁନାଙ୍କ ମୃତ୍ୟୁ ଘଟିଥିବା ବେଳେ ମଧୁଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଖବରପାଇ କୋରୋକୋଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କ ମୃତଦେହ ଜବତ କରିଛି। ଏନେଇ ପୋଲିସ ୧୬୫/୨୫ରେ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୋହନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ରାମକୁମାର ଓ ଯମୁନାଙ୍କ ପରିବାର ଲୋକଙ୍କ ପରିଚୟ ମିଳି ନ ଥିବାରୁ ଉକ୍ତ ୨ ମୃତଦେହକୁ ଚିକିତ୍ସାଳୟରେ ରଖାଯାଇଛି। ପରିବାର ଲୋକେ ଚିହ୍ନଟକରିବା ପରେ ପରବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ସୂଚନା ଦେଇଛନ୍ତି।

# ଜଣେ ଦୁର୍ଦ୍ଧାନ୍ତ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ



ଯବାନଙ୍କ ସହ ଗିରଫ ମାଓବାଦୀ।

**ମାଲକାନଗିରି,୧୮।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ପୋଲିସ ଜଣେ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ଗିରଫକରିବା ସହ ତାଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ମାଓବାଦୀ ହେଲେ ମୁଚାକୀ ବୁଦ୍ରା ଏବଂ ତାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି।

ସୁକ୍‌ମା ଜିଲା କୋଣ୍ଟା ଥାନା ପୋଲିସ ଏବଂ ସିଆର୍‌ପିଏଫ୍ ୨୧୮ ବାଟାଲିୟନ ଶନିବାର ସକାଳେ ମିଳିତ ଭାବେ କୋଣ୍ଟା ଓ ଭେଜି ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ପୋଲିସ ଓ ଯବାନଙ୍କୁ ଦେଖି ଲୁଚିବା ପାଇଁ ଚେଷ୍ଟା କରୁଥିଲେ। ପୋଲିସ ସନ୍ଦେହରେ ଉକ୍ତ ବ୍ୟକ୍ତିଙ୍କୁ କାବୁକରି ପଚରାଉଚୁରା କରିବାରୁ ସେ ଜଣେ ମାଓବାଦୀ ବୋଲି ଜଣାପଡ଼ିଥିଲା। ଏଥିସହ ଉକ୍ତ ମାଓବାଦୀଙ୍କ ନିକଟରେ ଗୋଟିଏ ବ୍ୟାଗ୍‌ରେ ଅସ୍ତ୍ରଶସ୍ତ୍ର ଥିବା ଦେଖି ଜବତ କରିଥିଲେ। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଜିଲେଟିନ ରଡ୍, ବିଦ୍ୟୁତ୍ ଡିଟୋନେଟର, ବନ୍ଧୁକରେ ବ୍ୟବହାର ପାଉଡର, କଡେକ୍ସ ତାର, ଚାର୍ଜର, ମାଓବାଦୀ ବ୍ୟାନର, ପୋଷ୍ଟର ଓ ଅନ୍ୟ ସାମଗ୍ରୀ ରହିଛି। ମାଓବାଦୀ ମୁଚାକୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ଏସ୍‌ପି ସୂଚନା ଦେଇଛନ୍ତି।

# ଟୁଙ୍କି ଜଳପ୍ରପାତରେ ବୁଡ଼ିଗଲେ ଡିପ୍ଲୋମା ଛାତ୍ର

**ଉଦଳା(ସନ୍ତୋଷ କୁମାର ବାଛିନି)/ ଗୋପବନ୍ଧୁନଗର (ଶାନ୍ତନୁ କୁମାର ମଡୁଆଳ),୧୮।୧୦**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ମୁର୍ଗାବାଡ଼ି ଅଞ୍ଚଳର ସୌମିତ କୁମାର ପାତ୍ର। ସେ ଲକ୍ଷ୍ମୀପୋଷି ମୟୂରଭଞ୍ଜ ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ଡିପ୍ଲୋମା କରୁଥିଲେ।

ପ୍ରକାଶ ଯେ, ସୌମିତ ଅନ୍ୟ ଜଣେ ସାଙ୍ଗଙ୍କ ସହ ଟୁଙ୍କି ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ପଶି ଗାଧୋଉଥିବା ବେଳେ ତାଙ୍କ ସାଙ୍ଗ ବାହାରେ ଛିଡ଼ାହୋଇ ଭିଡିଓ ଉତ୍ତୋଳନ କରୁଥିଲେ। ଅସାବଧାନତାବଶତଃ ସୌମିତଙ୍କ ଗୋଡ଼ ଖସିଯିବାରୁ ସେ ଜଳ ପ୍ରପାତ ଭିତରେ ବୁଡ଼ିଯାଇଥିଲେ। ତାଙ୍କ ସାଙ୍ଗ ଉଦ୍ଧାର କରିବାକୁ ଚେଷ୍ଟାକରିବା ସହ ପାଟି କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜିକରି ସୌମିତଙ୍କୁ ଉଦ୍ଧାରକରି ଖୁଣ୍ଟା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା (ନଂ. ୭୧/୨୫)ରୁଜୁକରି ତଦନ୍ତ କରୁଛି।

# ଦୀପାବଳି ପାଇଁ ବଦଳିଲା ଡିଇଏଲ୍‌ଇଡି ପରୀକ୍ଷା ସୂଚୀ

## ୨୦ ପରିବର୍ତ୍ତେ ୨୯ରେ ହେବ ପରୀକ୍ଷା

**କଟକ,୧୮।୧୦(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଡିଇଏଲ୍‌ଇଡି ପେପର-୧ ପରୀକ୍ଷା ଅକ୍ଟୋବର ୨୦ ପରିବର୍ତ୍ତେ ୨୯ ତାରିଖରେ ହେବ। ଦୀପାବଳି ପାଳନ ପାଇଁ ରାଜ୍ୟ ସରକାର ୨୦ ତାରିଖକୁ ଛୁଟି ଘୋଷଣା କରିଥିବାରୁ ବୋର୍ଡ ପକ୍ଷରୁ ଉକ୍ତ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ହେଲେ ପୂର୍ବରୁ ଘୋଷଣା କରାଯାଇଥିବା ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିଛି। ପରୀକ୍ଷାର୍ଥୀମାନେ ତଦନୁଯାୟୀ ପରବର୍ତ୍ତୀ ତାରିଖରେ ପରୀକ୍ଷା ଦେବାକୁ ବୋର୍ଡ ପକ୍ଷରୁ ଶନିବାର ବିଜ୍ଞପ୍ତି ଜାରି କରାଯାଇଛି।


# Classified Everyday
**0674-2580101, 9692975378**




MATRIMONIAL

**BRIDE WANTED**

Khandayat Boy 1997 5'6" B.tech MBA continued Ph.D. Asst. Professor Business. 8908069176. D-2277

**GROOM WANTED**

Tanti groom-30, Mechanical Engineer required established family background bride- 9853366347. D-2278



**REAL ESTATE SALE**

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2306


ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

Flat 3 BHK unused furnished, Jharpada Location, only Rs. 65lakhs. Genuine Buyers please contact- # 8249191613. D-2320



**CONSTRUCTION**

Construct your Building with quality Materials by SCPL Construction in time. We provide all Approval plans, finance Estimates, Designs, Interiors & Borings. 9938745568, 9937069140. D-2328





RCC Hall 1000sft. (40ft. x25ft.) with toilets, electrical fittings, facing 100ft. wide Lewis Road, Bhubaneswar-2, Hotel Gouri Premises, adjacent to IndusInd bank, surrounded by tourism spots, suitable for Dental, Eye Clinics, Office, Shop on monthly rental basis. Contact: 9861129953. D-2259





The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

**LOST**

This is to inform the public that the original +3 Pass Certificate of Sri Sanjeeb Kumar Mohanty, son of Bipini Bihari Mohanty, resident of Adharjodi, Kendrapara, Odisha-754211 has been lost/damaged beyond recovery due to termite infestation. The Certificate was issued by Sam Higginbottom Institute of Agriculture, Technology and Science (Enrollment Number: G-1105300170, Batch: Autumn-2010, Exam held in June 2013). Sri Sanjeeb Kumar Mohanty requests the concerned authority to issue a Duplicate Certificate for necessary purposes. If anyone finds any information regarding the lost Certificate, please contact: Sri Sanjeeb Kumar Mohanty, Adharjodi, Kendrapara, Odisha-754211. D-2321

ନୋଟାରୀ ଯାଜପୁର, ଥାନା: ବରୀ- ରାମଚନ୍ଦ୍ରପୁର, ତା- ୧୪।୧୦।୨୦୨୫ରିଖ ସତ୍ୟପାଠ ନଂ.- ୪୨୭୯/୨୦୨୫ ଅନୁଯାୟୀ, ମୁଁ ରମେଶ ଚନ୍ଦ୍ର ଶ୍ୟାନ୍ତୀ, ପିତା- ଶରତ ଚନ୍ଦ୍ର ଶ୍ୟାନ୍ତୀ, ଗାଁ- ରତ୍ନଗିରି, ପିଏସ୍- ବରୀ- ରାମଚନ୍ଦ୍ରପୁର, ଜିଲ୍ଲା- ଯାଜପୁର, ମୌଜା :ଅଲିଆବାଦର ପଟ୍ଟା(ଓରିଜିନାଲ) ଯାହାର ଖାତା ନଂ.- ୬୭୩ ଏବଂ ପ୍ରଥମ କବଲା (ଓରିଜିନାଲ) ଯାହାର ନଂ.- ୧୦୮୦୧୪୦୦୧୧୧, ତାରିଖ- ୩୧।୦୧।୨୦୧୪ ଓ ଦ୍ୱିତୀୟ କବଲା (ଓରିଜିନାଲ) ଯାହାର ନଂ.- ୧୦୮୦୧୮୦୧୧୪୮, ତାରିଖ- ୧୬।୧୧।୨୦୧୮, ବ୍ୟାଗରେ ନେଇ ମୁଁ ମୋର ମୋଟର ସାଇକେଲରେ ଯାଉଥିବା ବେଳେ କେଉଁଠାରେ ହଜିଯାଇଛି। ଯଦି କେହି ପାଆନ୍ତି, ଦୟାକରି ଯୋଗାଯୋଗ କରନ୍ତୁ - ୯୭୭୭୨୦୫୧୭୦. ଧ-୨୩୨୨

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**AFFIDAVIT**

By Virtue of an affidavit sworn before Executive Magistrate, Kutra, dated- 14.10.25, I, Padmini Bahala, Address: Vill- Jharbeda, P.O.- Tunmura, P.S.-Kutra, Dist.- Sundargarh, Odisha, PIN-770070 declare that I have changed my name from Padmini Majhi to Padmini Bahala. Henceforth, I shall be known as Padmini Bahala for all purposes.
Padmini Bahala D-2319

By virtue of an affidavit sworn before Executive Magistrate, Balasore, dated- 24.07.2025, I Sanjukta Sethy, At- Aladia, P.O.- Ranasahi, P.S.- Chandipur, Dist.- Balasore, Odisha declare that I have changed my name from Sanjukta Sethi to Sanjukta Sethy. Henceforth, I shall be known as Sanjukta Sethy for all purpose.
Sanjukta Sethy D-2327

By virtue of an affidavit sworn before Executive Magistrate, Balasore, dated- 22.08.2025, I Srimanta Kumar Sethi, At- Aladia, P.O.- Ranasahi, P.S.- Chandipur, Dist.- Balasore, Odisha declare that I have changed my name from Srimanta Sethi to Srimanta Kumar Sethi. Henceforth, I shall be known as Srimanta Kumar Sethi for all purpose.
Srimanta Kumar Sethi D-2326

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate Bhubaneswar, I, Bikash beura, aged about 36years, S/o- Kanhu Charan Beura, At- Padasahi, P.O.- Raghunathpur, P.S.- Nandankanan, Dist.- Khordha, hereby declare that I have changed my Father's Name from Kanu Charan Beura to Kanhu Charan Beura. Henceforth, I shall be known as Kanhu Charan Beura for all purposes. D-2325

By virtue of an affidavit sworn before Notary Public, Jatni, Odisha, dated- 17-10-2025, I, G. Abhishek Devadanam, Address: Madhusudan Nagar, Jatni, Khordha, Odisha – 752050, declare that I have changed my name from Abhishek Devdanab to G. Abhishek Devadanam. Henceforth, I shall be known as G. Abhishek Devadanam for all purposes. D-2324

By virtue of an affidavit sworn before Executive Magistrate, Bhubaneswar on dtd.- 16.10.2025, I, Shaikh Nazimuddin resident of At- plot No.-3/421/596, Dev Village, Near Shiridi Sai ITC, P.O.- Dumduma HB Colony, P.S.- Khandagiri, Bhubaneswar, Dist.- Khordha, PIN- 751019 Odisha declare that I have changed the name of the son from Sk. Nafis Uddin to Shaikh Nafis Uddin. Henceforth he shall be known as Shaikh Nafis Uddin for all purpose.
Shaikh Nazimuddin D-2306

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

**LEGAL NOTICE**

PR. No.- 168
Dtd.- 12.09.25

ମାନ୍ୟବର ଚକବନ୍ଦୀ ଓ ବନ୍ଦୋବସ୍ତ ଓଡ଼ିଶା ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର ଆର.ସି.କେସ୍ ନଂ- ୮୦/୨୦୧୮

ମହାଦେଇ ଦେଇ
...... ବାଦୀ
ବନାମ
ଚନ୍ଦ୍ରଶେଖର ନାୟକ ଏବଂ ଅନ୍ୟମାନେ
........ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୧. ଚନ୍ଦ୍ରଶେଖର ନାୟକ ପିତା ସ୍ୱର୍ଗତ ନୟା ନାୟକ ସା/ପୋଷ୍ଟ- କୋଟପଲ୍ଲା, ଥାନା- ବଡମାରି, ଜିଲ୍ଲା- ଖୋର୍ଦ୍ଧା, ୨. ବୀରକିଶୋର ଦାଶ, ୩. ନବକିଶୋର ଦାଶ, ୪. କୃଷ୍ଣ ଚନ୍ଦ୍ର ଦାଶ ୨ରୁ ୪ଙ୍କ ପିତା ଦୁଃଖୀଶ୍ୟାମ ସାଶ, ୨ରୁ ୪ଙ୍କ ବାସସ୍ଥାନ- ସା- ବରସହି, ପୋଷ୍ଟ- କୋଟପଲ୍ଲା, ଥାନା/ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିଯେ, ଉପରଲିଖିତ ଆର.ସି କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ତା- ୨୪.୧୧.୨୦୨୫ରିଖ ଦିବା ଘ.୩.୩୦ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ବରସହି, ତହସିଲ- ବେଗୁନିଆ, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୧୨୭, ପ୍ଲଟ ନଂ- ୬୮୧/୧୨୧୩, କିସମ- ବଗାୟତ ଦୁଇ, ରକବା, ଏ.୦.୮୨୦ଡି., ସ୍ୱତ୍ୱ-ସ୍ଥିତିବାନ୍

ହାଲ- ଖାତା ନଂ- ୩୨୨, ଚକ ନଂ-୨୬୮, ଚକ ପ୍ଲଟ ନଂ.- ୬୯୧, କିସମ- ବଗାୟତ ଦୁଇ, ରକବା- ଏ.୦.୮୨୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲର ପ୍ରତିବାଦୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା.- ୨୨।୦୮।୨୫
ଭୁବନେଶ୍ୱର
ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୩୨୩

# ମଜା ନ ହେଉ ସଜା

**ଆସୁଛି ଆଲୋକର ପର୍ବ ଦୀପାବଳି। ଦୀପ, ବିଭିନ୍ନ ରଙ୍ଗୋଲୀ, ଭଳିକି ଭଳି ଆଲୋକ ମାଳାରେ ଘର ସଜାଇବାଠୁ ଆରମ୍ଭ କରି ବାଣଫୁଟାକୁ ନେଇ ସମସ୍ତେ ଉତ୍କଣ୍ଠିତ। ହେଲେ ଦୀପାବଳିର ଆନନ୍ଦ ନେବା ଲାଗି ଆମେ ଫୁଟାଉଥିବା ବାଣରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦେଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ ତ ଆଉ ପୁଣି କେତେବେଳେ ଏହି ଖୁସିର ମୁହୂର୍ତ୍ତକୁ କ୍ୟାମେରାରେ କଏଦ କରିବା ବେଳେ ସାମାନ୍ୟ ଅସାବଧାନତା ବି ସାଜିଥାଏ ବଡ଼ ବିପଦର କାରଣ। ତେଣୁ ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଲାଗି ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**



ଆଲୋକର ପର୍ବ ଦୀପାବଳି ବହୁ ପୁରୁଣା କାଳରୁ ପାଳନ କରାଯାଇ ଆସୁଅଛି। ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସଭିଙ୍କ ମନରେ ବିଶେଷକରି ଯୁବପିଢ଼ିଙ୍କ ମନରେ ଏହାକୁ ନେଇ ଉତ୍କଣ୍ଠା ଭରି ରହିଥାଏ। ଘରେ ଘରେ ଆଲୋକସଜାଠୁ ଆରମ୍ଭ କରି ପୂଜା ଏବଂ ବାଣଫୁଟାର ଆସର ଜମେ। ହେଲେ ଖୁସି ଆଳରେ ଫୁଟାଯାଉଥିବା ଏହି ବାଣ ନା କେବଳ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ବଡ଼ କାରଣ ସାଜିଥାଏ ବରଂ ସୋସିଆଲ୍ ମିଡିଆରେ ଫଟୋ ପୋଷ୍ଟ କରିବା ଲାଗି ଫଟୋ ଉଠାଇବା ସମୟରେ ସାମାନ୍ୟ ଅସାବଧାନତା ଯୋଗୁ କେବେକେବେ ଅଗ୍ନିକାଣ୍ଡ ଘଟି ଧନ ଓ ଜୀବନ ବି ହାନି ହୋଇଥାଏ। ତେଣୁ ଏହି ଆନନ୍ଦର ପର୍ବ ଯେପରି ଦୁଃଖର କାରଣ ନ ସାଜୁ, ସେଥିପାଇଁ କେଉଁସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...

**ବାୟୁ ପ୍ରଦୂଷଣ ରୋକନ୍ତୁ:** ଯଦିଓ ବାଣ ଫୁଟିଲେ ମଜା ଲାଗେ, ଏହାର ଶବ୍ଦ ଓ ଆଲୋକ ଆମକୁ ଆନନ୍ଦ ଦିଏ। ହେଲେ ଦୁଃଖର କଥା, ବାଣ ପ୍ରସ୍ତୁତ ଲାଗି ବ୍ୟବହୃତ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ। ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବେଲରୁ ଅଧିକ। ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି। ଫଳରେ ପରିବେଶ ପ୍ରଦୂଷଣ ହେବା ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ହେଲେ ଦୁଃଖର ବିଷୟ, ସବୁ ଜାଣି ସୁଦ୍ଧା ଆମେ ଏଥିପାଇଁ ଟଙ୍କା ଖର୍ଚ୍ଚ କରୁ। ତେଣୁ ସଚେତନ ନାଗରିକ ଭାବେ ଏଥିପାଇଁ କମ୍ ଖର୍ଚ୍ଚ କରନ୍ତୁ ଏବଂ ଅଧିକ ଧୂଆଁ କିମ୍ବା ଶବ୍ଦ ସୃଷ୍ଟି କରୁଥିବା ବାଣଠୁ ଦୂରେଇ ରୁହନ୍ତୁ।

**ସ୍ୱାସ୍ଥ୍ୟ ପ୍ରତି ସଚେତନ ହୁଅନ୍ତୁ:** ଦୀପାବଳିରେ ଦୀପ ଜାଳି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଦିବସ ପାଳନ କରାଯାଏ। କିନ୍ତୁ ଅଧିକାଂଶ ବିଶେଷକରି ଆଜିର ଯୁବପିଢ଼ି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ। ହେଲେ ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ପରିବେଶ ପ୍ରଦୂଷଣ କରେ। ଯେଉଁଥିପାଇଁ କାଶ, ଶ୍ୱାସ, କଫ ଭଳି ସମସ୍ୟା ଉପୁଜିଥାଏ। ଏମିତିକି ବାଣ ଫୁଟାଇବା ବେଳେ କେବେକେବେ ବାରୁଦ ଆଖିରେ ପଡ଼ିଯାଏ, ଯଦ୍ୱାରା ବିଭିନ୍ନ ଚକ୍ଷୁ ସମସ୍ୟା ଦେଖାଦିଏ। ଏମିତିକି ଏଥିପାଇଁ କେତେକଙ୍କ ଦୃଷ୍ଟିଶକ୍ତି ନଷ୍ଟ ହୋଇଯିବା ଘଟଣାର ବି ନଜିର ରହିଛି। ତା'ଛଡ଼ା କୌଣସି କାରଣବଶତଃ ଏହି ବାରୁଦ ପେଟ ଭିତରକୁ ଚାଲିଗଲେ ବିଭିନ୍ନ ରୋଗ ସୃଷ୍ଟି କରେ। ସେହିପରି ୧୪୦ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଯୋଗୁ ଅନେକଙ୍କଠାରେ ଶ୍ରବଣଜନିତ ସମସ୍ୟା ବି ଦେଖାଦେଇଥାଏ।





**ଫଟୋଶୁଟ୍ ବେଳେ ରୁହନ୍ତୁ ସତର୍କ:** ଦୀପାବଳିରେ ଦୀପ ସହ ଫଟୋଶୁଟ୍ କରିବା ଏବେ ଏକ ଫ୍ୟାଶନ୍ ପାଲଟିଗଲାଣି। ହେଲେ ଗୋଟିଏ ହାତରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଏବଂ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ କିମ୍ବା କେଶ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଯଦି ଏଭଳି ଫଟୋ ଉଠାଇବାକୁ ଇଚ୍ଛା, ତେବେ ନିଜେ ନ ଉଠାଇ ଅନ୍ୟର ସାହାଯ୍ୟ ନିଅନ୍ତୁ ଏବଂ ଯଥାସମ୍ଭବ ନିଆଁଠାରୁ ଦୂରରେ ରୁହନ୍ତୁ। ସେହିପରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ନିଶାରେ ଅନେକେ ବାଣ ଫୁଟାଇ ଫଟୋ ଉଠାଇବାକୁ ଗୁରୁତ୍ୱ ଦେଇଥା'ନ୍ତି। ହେଲେ ଏଭଳି ବାଣରୁ ବାହାରୁଥିବା ନିଆଁ ଛିଟିକି ପଡ଼ିବା ଯୋଗୁ ପୋଷାକରେ ନିଆଁ ଲାଗି ଅନେକଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ସୁନ୍ଦର ଆଲୋକସଜ୍ଜା ଭିତରେ ଫଟୋ ଏବଂ ଭିଡିଓ ଶୁଟ୍ କରିବାର ଚାର୍ମ ଅଲଗା। କିନ୍ତୁ ଏହାଦ୍ୱାରା କରେଣ୍ଟ ଲାଗିବାର ଆଶଙ୍କା ରହିଛି। ତେଣୁ ଏସବୁ ଲାଇଟ୍ ଧରି କିମ୍ବା ଦେହରେ ଗୁଡ଼ାଇ ଆଦୌ ଫଟୋ ଉଠାନ୍ତୁ ନାହିଁ। ଲିଚୁ କିମ୍ବା ଅନ୍ୟ ଇଲେକ୍ଟ୍ରିକ ଲାଇଟ୍ ପାଖରେ ଦୀପ କିମ୍ବା କ୍ୟାଣ୍ଡେଲ୍ ଲଗାନ୍ତୁ ନାହିଁ। ନଚେତ୍ ଏହା ନିଆଁ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଛି। ତେଣୁ ଖୁସିର ପର୍ବରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିପ୍ରତି ସତର୍କ ରୁହନ୍ତୁ।

**ଥଟ୍ଟା ମଜା ହୋଇପାରେ ବିପଦପୂର୍ଣ୍ଣ:** କେହି କେହି ଦୀପାବଳିରେ ଅନ୍ୟକୁ ଡରାଇବା ଲାଗି ପାଖକୁ ବାଣ ଫିଙ୍ଗିଥା'ନ୍ତି। ଅନେକେ କୁକୁର, ଗାଈ କିମ୍ବା ଅନ୍ୟ ବୁଲା ଜୀବଜନ୍ତୁଙ୍କ ଉପରକୁ ମଧ ବାଣ ଫିଙ୍ଗିବା କିମ୍ବା ସେମାନଙ୍କ ଲାଞ୍ଜରେ ବାଣ ଲଗାଇବାକୁ ବି ପଛାଇ ନ ଥା'ନ୍ତି। ବର୍ତ୍ତମାନ ସୋସିଆଲ୍ ମିଡିଆରେ ୟୁନିକ୍ ତଥା ଫନି ଭିଡିଓ ପୋଷ୍ଟ କରିବା ଆଳରେ ବି କେତେକ ଯୁବପିଢ଼ି ଏଭଳି କାର୍ଯ୍ୟ କରି ଭିଡିଓ କରୁଥିବା ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଆଦୌ ଠିକ୍ ନୁହେଁ। କାରଣ ସାମାନ୍ୟ ମଜା ନେବା ଆଳରେ ଏହା କାହା ଜୀବନ ବି ନେଇଯାଇପାରେ।

**ବିଶେଷ ସତର୍କତା:** ଯଦି କାଶ, ଶ୍ୱାସ ଭଳି ସମସ୍ୟା ରହିଛି, ତେବେ ଏହିଦିନ ବାହାରକୁ ଯାଉଥିଲେ ମାସ୍କ ଲଗାନ୍ତୁ। ଆବଶ୍ୟକ ନ ଥିଲେ ଘରେ ରୁହନ୍ତୁ। ସିନ୍ଥେଟିକ୍ ପରିବର୍ତ୍ତେ ଶୀଘ୍ର ନିଆଁ ଧରୁ ନ ଥିବା ଭଳି କଟନ୍, ଜିନ୍ସ ଭଳି ମୋଟା ଡ୍ରେସ୍ ପିନ୍ଧନ୍ତୁ। ବାଣ ଫୁଟାଇବା ବେଳେ ଆଖିରେ ଚଷମା ଲଗାନ୍ତୁ ଏବଂ ଫୁଲ୍ ଜୋତା ପିନ୍ଧନ୍ତୁ। ପାଖରେ ପାଣି ବାଲ୍‌ଟି ଏବଂ ଏମର୍ଜେନ୍ସି ମେଡିସିନ୍, ବର୍ନ କ୍ରିମ୍ ଆଦି ରଖନ୍ତୁ। ଅଧାଫୁଟା ବାଣକୁ ଆଦୌ ହାତରେ ଧରନ୍ତୁ ନାହିଁ କିମ୍ବା ଏହାକୁ ପୁନର୍ବାର ଫୁଟାଇବାକୁ ଚେଷ୍ଟା କରନ୍ତୁ ନାହିଁ। ହାତରେ ବାଣ ନ ଫୁଟାଇ କାଉଁରିଆ କାଠି ବ୍ୟବହାର କରନ୍ତୁ।



## ବାଣ ନୁହେଁ, ହସ ଫୁଟାଇବା ଲକ୍ଷ୍ୟ



**ଶିବରାମ ସୁବୁଦ୍ଧି (ବ୍ରହ୍ମପୁର)**– ଆଲୋକର ପର୍ବ ଯେପରି ପରିବେଶ ପ୍ରଦୂଷଣର କାରଣ ନ ସାଜୁ କିମ୍ବା କାହା ପାଇଁ ବିପଦ ସୃଷ୍ଟି ନ କରୁ ସେଥିପାଇଁ ଆମ ସଂଗଠନ ସବୁଜବାହିନୀ ସର୍ବଦା ତତ୍ପର। ତେଣୁ ଆମେ ଏନେଇ ପ୍ରତିବର୍ଷ ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟ ଆୟୋଜନ କରିଆସୁଛୁ। ଏହା କିପରି ସମସ୍ତଙ୍କ ପାଇଁ ଆନନ୍ଦମୟ ହେଉ ସେଥିପାଇଁ ପ୍ରଚେଷ୍ଟା ମଧ୍ୟ ଜାରିରଖିଛୁ। ୬ ବର୍ଷ ହେବ ଦୀପାବଳିରେ ବାଣ ନ ଫୁଟାଇ ସେହି ଟଙ୍କାରେ ଅସହାୟମାନଙ୍କୁ କିଛି ସହାୟତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଫୁଟାବାକୁ ଚେଷ୍ଟା କରୁଛୁ। ଚଳିତ ବର୍ଷ ଦୀପାବଳି ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ରେ ଥିବା ଓମ୍ ଜରା ନିବାସରେ ପାଳନ କରିବାକୁ ଯୋଜନା କରିଛି। ସେଠାରେ ରହୁଥିବା ବୃଦ୍ଧାବୃଦ୍ଧମାନଙ୍କୁ ନୂତନ ବସ୍ତ୍ର ଯୋଗାଇ ଦେବା ସହ ପିଠାପଣା ଏବଂ ମଧ୍ୟାହ୍ନ ଭୋଜନର ଆୟୋଜନ ମଧ୍ୟ କରିବୁ। ସେମାନଙ୍କ ପାଇଁ ଏହି ଉତ୍ସବ ଯେପରି ସମ୍ପୂର୍ଣ୍ଣ ଆନନ୍ଦମୟ ଏବଂ ସ୍ମରଣୀୟ ହୋଇପାରିବ ସେଥିପାଇଁ ଆଶା ରଖିଛୁ।

## ଏ ସପ୍ତାହର ପ୍ରଶ୍ନ ?

୧– ନ୍ୟାଶନାଲ୍ ପୋଷ୍ଟ ଡେ'......... ତାରିଖରେ ପାଳନ କରାଯାଏ ?
୨– ତୁଙ୍ଗଭଦ୍ରା ନଦୀ ............ ନଦୀର ଉପନଦୀ ?
୩– ସୁମି ନାଗା ଜନଜାତି .................ରେ ମୁଖ୍ୟତଃ ବାସ କରନ୍ତି ?
୪– କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ........ର ସରକାରୀ ଭାଷା ?
୫– ଅର୍ବିଟାଲ୍ ନଭେଲ୍ ପାଇଁ ୨୦୨୪ ବୁକର୍ ପ୍ରାଇଜ୍ ............... ଜିତିଛନ୍ତି ?

## ଗତ ଥରର ଉତ୍ତର

୧ ଚେନ୍ନାଇ
୨ ଇଜିପ୍ଟ
୩ ମିନିଷ୍ଟ୍ରି ଅଫ୍ ୟୁଥ୍ ଆଫାୟାର୍ସ ଆଣ୍ଡ ସ୍ପୋର୍ଟ୍ସ
୪ ଶ୍ରୀଲଙ୍କା
୫ ତ୍ରିପୁରା

## ଉତ୍ତର ଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ବ୍ୟସ୍ତବହୁଳ ଏୟାରପୋର୍ଟ –୨୦୨୫

୧ ............ ଆଟ୍‌ଲାଣ୍ଟା ହାର୍ଟ୍ସଫିଲ୍ଡ ଜ୍ୟାକ୍‌ସନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୨ ............ ଦୁବାଇ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୩ ............ ହାନେଡା ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଟୋକିଓ।
୪ ............ ଲଣ୍ଡନ୍ ହିଟ୍‌ଥ୍ରୋ ଏୟାରପୋର୍ଟ।
୫ ............ ଡଲାସ୍ ଫୋର୍ଟ ୱର୍ଥ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଆମେରିକା।
୬ ............ ସିକାଗୋ ଓ'ହେଆର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୭ ............ ଇସ୍ତାନ୍‌ବୁଲ୍ ଏୟାରପୋର୍ଟ।
୮ ............ ସାଙ୍ଘାଇ ପଡଙ୍ଗ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ।
୯ ............ ବାୟୁନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଚାଇନା।
୧୦ .......... ଡେନ୍‌ଭର୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ୟୁନାଇଟେଡ୍।

## ଜାଣନ୍ତୁ ଦୁନିଆ

# ଦୀପାବଳି: କିଛି କଥା

**ଆଲୋକର ପର୍ବ ଦୀପାବଳି ସଭିଙ୍କ ମନରେ ଆନନ୍ଦ ଭରିଦିଏ। ହେଲେ ଏହାକୁ ନେଇ ଅନେକ ଏଭଳି ତଥ୍ୟ ରହିଛି, ଯାହା ସମ୍ପର୍କରେ ହୁଏତ ସମସ୍ତେ ଅବଗତ ନ ଥିବେ। ଜାଣନ୍ତୁ ଏହା ସମ୍ପର୍କରେ...**



✲ ଦୀପାବଳି ପର୍ବକୁ କେବଳ ହିନ୍ଦୁ ନୁହନ୍ତି, ଜୈନ ଏବଂ ଶିଖ୍ ଧର୍ମାବଲମ୍ବୀମାନେ ବି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥା'ନ୍ତି। କୁହାଯାଏ, ଏହି ଦିନ ପ୍ରଭୁ ଶ୍ରୀରାମ ବନବାସ ସମାପ୍ତ କରି ଅଯୋଧ୍ୟା ଫେରିଥିଲେ ଏବଂ ତାଙ୍କୁ ସ୍ୱାଗତ ଜଣାଇବା ଲାଗି ସାରା ନଗରୀ ଦୀପ ଏବଂ ଫୁଲରେ ସଜାଯାଇଥିଲା। ସେବେଠାରୁ ହିନ୍ଦୁମାନେ ଦୀପାବଳି ପାଳିଆସୁଛନ୍ତି।ଜ୍

✲ ଶିଖ୍ ସମ୍ପ୍ରଦାୟରେ ଏହି ପର୍ବ 'ବନ୍ଦି ଛୋଡ୍ ଦିବସ' ଭାବେ ପାଳନ କରାଯାଇଥାଏ। କାରଣ ଏହିଦିନ ଶିଖ୍‌ମାନଙ୍କ ଗୁରୁ ହର୍‌ଗୋବିନ୍ଦ ଜୀ ଗ୍ୱାଲିଅର୍‌ରେ ମୋଗଲ ଶାସକ ଜାହାଙ୍ଗୀରଙ୍କ ବନ୍ଦିଶାଳାରୁ ମୁକ୍ତ ହୋଇଥିଲେ।

✲ ଜୈନ ଧର୍ମରେ ଏହାକୁ ମହାବୀରଙ୍କ 'ମୋକ୍ଷ ଦିବସ' ଭାବେ ପାଳନ ହୁଏ।

✲ ଏହି ପର୍ବକୁ ଭାରତର ଅନେକ ସ୍ଥାନରେ ୫ ଦିନ ଧରି ପାଳନ କରାଯାଇଥାଏ। ପ୍ରଥମ ଦିନ ଧନତେରସ୍, ୨ୟ ଦିନ ନରକ ଚତୁର୍ଦ୍ଦଶୀ (ଛୋଟି ଦୀୱାଲି), ୩ୟ ଦିନ ଲକ୍ଷ୍ମୀପୂଜା, ୪ର୍ଥ ଦିନ ଗୋବର୍ଦ୍ଧନ ପୂଜା ଏବଂ ୫ମ ଦିନ ଭାଇ ଦୁଜ୍ ଭାବେ ପାଳନ କରାଯାଇଥାଏ।

✲ କୁହାଯାଏ, ଦୀପାବଳି ଦିନ ମା' ଲକ୍ଷ୍ମୀ ପୃଥିବୀପୃଷ୍ଠରେ ପଦାର୍ପଣ କରିଥା'ନ୍ତି। ତେଣୁ ଧନପ୍ରାପ୍ତି ସହ ବିଦ୍ୟା, ବୁଦ୍ଧି ପ୍ରାପ୍ତି ନିମନ୍ତେ ମା' ଲକ୍ଷ୍ମୀଙ୍କ ସହ ପ୍ରଭୁ ଗଣେଶଙ୍କ ପୂଜା ମଧ କରାଯାଏ।

✲ ଅନେକ ଭାରତୀୟ ବ୍ୟବସାୟୀ ଏହି ଦିନକୁ ଆର୍ଥିକ ବର୍ଷର ଆରମ୍ଭ ଭାବେ ଗ୍ରହଣ କରିଥା'ନ୍ତି ଏବଂ ଅର୍ଥ ନିବେଶ ବି କରିଥା'ନ୍ତି।

✲ ପଶ୍ଚିମବଙ୍ଗରେ ଦୀପାବଳି ଦିନ ମା' ଲକ୍ଷ୍ମୀଙ୍କ ବଦଳରେ ମା' କାଳୀଙ୍କ ପୂଜା ପାଳନ କରାଯାଏ।

✲ ସେହିପରି ନେପାଳରେ ଏହି ଦିନକୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ନରକାରସୁରକୁ ବଧ କରିବା ଖୁସିରେ ପାଳନ କରାଯାଇଆସୁଛି।

✲ ଆମ ଦେଶ ବ୍ୟତୀତ ଦୀପାବଳି ପର୍ବ ମାଲେସିଆ, ମରିସସ୍, ମ୍ୟାନ୍‌ମାର୍, ନେପାଳ, ସିଙ୍ଗାପୁର, ଶ୍ରୀଲଙ୍କା, ୟୁନାଇଟେଡ୍ କିଙ୍ଗ୍‌ଡମ୍, ଫିଜି ସମେତ ଅନ୍ୟ କେତେକ ଦେଶରେ ମଧ ପାଳନ କରାଯାଇଥାଏ। ତେବେ ବାହାର ଦେଶରେ ୟୁକେର ଲିସେଷ୍ଟର ସହରରେ ସବୁଠୁ ବଡ଼ ଆକାରରେ ଅର୍ଥାତ୍ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇ ଲାଇଟ୍ ଶୋ' ଦେଖିବା, ମ୍ୟୁଜିକ୍ ଏବଂ ଡ୍ୟାନ୍ସ ସହିତ ଦୀପାବଳି ପାଳନ କରାଯାଇଥାଏ।

## ୟୁଥ୍ ଫ୍ୟାଶନ

# ୟୁନିସେକ୍ସ ଆଉଟ୍‌ଫିଟ୍ ଟ୍ରେଣ୍ଡ

**ବର୍ତ୍ତମାନ ସବୁ କ୍ଷେତ୍ରରେ ପୁରୁଷ ଏବଂ ନାରୀ ସମତାଳ ଦେଇ ଆଗକୁ ବଢ଼ୁଛନ୍ତି। ଏମିତିକି ବର୍ତ୍ତମାନ ଉଭୟ ଏକା ପ୍ରକାରର ପୋଷାକ ପିନ୍ଧିବାକୁ ମଧ ପଛାଉ ନାହାନ୍ତି। ଯେଉଁଥିପାଇଁ ଫ୍ୟାଶନ୍ ଦୁନିଆରେ ୟୁନିସେକ୍ସ ଆଉଟ୍‌ଫିଟ୍ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି...**

**ଜିନ୍ସ ଓ ଟି–ଶାର୍ଟ:** ସ୍ମାର୍ଟ ଲୁକ୍ ସହ ପିନ୍ଧିବାକୁ କମ୍ଫର୍ଟେବଲ୍, କ୍ୟାରି କରିବାକୁ ସହଜ ହେଉଥିବାରୁ ଜିନ୍ସ ପ୍ୟାଣ୍ଟ ସହିତ ଟି–ଶାର୍ଟର କମ୍ବିନେଶନ୍ ବର୍ତ୍ତମାନ ଉଭୟ ଯୁବକ ଏବଂ ଯୁବତୀଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେମାନଙ୍କ ରୁଚିକୁ ଆଖିଆଗରେ ରଖି ବର୍ତ୍ତମାନ ପ୍ଲେନ୍, ମେସଜ୍, ଫ୍ଲୋରାଲ୍ ପ୍ରିଣ୍ଟ, ଜ୍ୟୋମେଟ୍ରିକ୍, ଗ୍ରାଫିକ୍ସ ଡିଜାଇନ୍ ଟି–ଶାର୍ଟର ୟୁନିସେକ୍ସ କଲେକ୍ସନ ମାର୍କେଟ୍‌ରେ ଉପଲବ୍ଧ ହେଉଛି, ଯାହାକି ଉଭୟଙ୍କୁ କୁଲ୍ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଇପାରୁଛି।



**ୟୁନିସେକ୍ସ ପ୍ୟାଣ୍ଟ:** ୟୁନିସେକ୍ସ ଫ୍ୟାଶନ୍‌ରେ ସବୁଠୁ ଅଧିକ ବ୍ୟବହାର ହେଉଥିବା ଆଉଟ୍‌ଫିଟ୍ ହେଉଛି ବିଭିନ୍ନ ପ୍ରକାରର ପ୍ୟାଣ୍ଟ। ଜିନ୍ସ, କାର୍ଗୋ, ଟ୍ରାଉଜର୍, ଜଗର୍ସ, ହାରେମ୍ ପ୍ୟାଣ୍ଟ, ବୋହୋ ପ୍ୟାଣ୍ଟ, ପାରାଚ୍ୟୁଟ୍ କାର୍ଗୋ, ବ୍ୟାଗି ପ୍ୟାଣ୍ଟ୍ସ ଆଦି ୟୁନିସେକ୍ସ ଫ୍ୟାଶନ୍ ଟ୍ରେଣ୍ଡରେ ସବୁଠୁ ଆଗରେ ଅଛି, ଯାହାକି ସ୍ମାର୍ଟ ସହିତ ଷ୍ଟାଇଲିଶ୍ ଲୁକ୍ ମଧ ଦେଇଥାଏ।

**ୱିଣ୍ଟର ୱେର:** ଏହି ୟୁନିସେକ୍ସ ଆଉଟ୍‌ଫିଟ୍ ତାଲିକାରେ ସ୍ୱେଟ୍ ଶାର୍ଟ, ସ୍ୱେଟର୍, ଜ୍ୟାକେଟ୍, ହୁଡିଜ୍, କାର୍ଡିଗାନ୍, କୋଟ୍ ଆଦି ସାମିଲ ରହିଛି, ଯାହାକି ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି। ଏହା ଉଭୟ ଯୁବତୀ ଏବଂ ଯୁବକଙ୍କୁ ବେଶ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହାର ବିଭିନ୍ନ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ, ଯାହାକୁ କମ୍ଫି ଜିନ୍ସ ସହିତ ଟିମ୍ ଅପ୍ କରି ଷ୍ଟାଇଲିଶ୍ ଲାଗିପାରିବେ।

**ବ୍ଲେଜର୍ସ:** ଫର୍ମାଲ୍ ଗେଟ୍‌ଅପ୍ କିମ୍ବା ଅଫିସିଆଲ୍ ଗେଟ୍‌ଅପ୍ ପାଇଁ ଯୁବତୀ ହୁଅନ୍ତୁ ଅବା ଯୁବକ, ଉଭୟ ବ୍ଲେଜର ବ୍ୟବହାର କରିଥା'ନ୍ତି। ହେଲେ ଏବେ ମାର୍କେଟ୍‌ରେ ଭଳିକି ଭଳି କାଜୁଆଲ୍ ଏବଂ ଫ୍ୟାଶନେବଲ୍ ୟୁନିସେକ୍ସ କଲେକ୍ସନ ଉପଲବ୍ଧ, ଯାହାକୁ ଉଭୟ ଯୁବତୀ ଏବଂ ଯୁବକ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ।

**ଶୁଜ୍:** ବର୍ତ୍ତମାନ ବଢ଼ୁଥିବା ୟୁନିସେକ୍ସ ଆଉଟ୍‌ଫିଟ୍‌ର ଡିମାଣ୍ଡକୁ ନଜରରେ ରଖି ଅନେକ ନାମୀଦାମୀ କମ୍ପାନି ପକ୍ଷରୁ ଉଭୟ ଯୁବତୀ ଏବଂ ଯୁବକ ବ୍ୟବହାର କରିପାରୁଥିବା ଭଳି ସ୍ନିକର୍ସ, ବୁଟ୍ସ, ଲୋଫର୍ସ, ଫ୍ଲାଟ୍ସ, ସ୍ଲିପ୍ ଅନ୍ ଆଦି ଉପଲବ୍ଧ, ଯାହାକି ବେଶ୍ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୯ ଅକ୍ଟୋବର, ୨୦୨୫ Bhubaneswar, Sunday, 19 October, 2025

# କୋହଲି, ରୋହିତଙ୍କ ଉପରେ ନଜର

## ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ

ପର୍ଥ, ୧୮।୧୦(ପି.ଟି.)

ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ରବିବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପୂର୍ଣ୍ଣକାଳୀନ ଦିନିକିଆ ଅଧିନାୟକ ଭାବେ ଶୁବମନ ଗିଲ୍ଙ୍କ ଲାଗି ଏହା ପ୍ରଥମ ମ୍ୟାଚ୍ ହେବ। ଏଥିସହିତ ଦୀର୍ଘଦିନର ବ୍ୟବଧାନ ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରୁଥିବା ଦୁଇ ସିନିୟର ଷ୍ଟାର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ନଜର ରହିବ।

ଦୁଇ ସିନିୟର ବ୍ୟାଟର ଗତ ମାର୍ଚ୍ଚରେ ଭାରତ ପାଇଁ ଚାମ୍ପିୟନ୍ସ ଟ୍ରଫି ଖେଳିଥିଲେ। ଗତ ୭ ମାସ ମଧ୍ୟରେ ଭାରତୀୟ କ୍ରିକେଟରେ ଅନେକ କିଛି ପରିବର୍ତ୍ତନ ଆସିଛି। ଦୁହିଁଙ୍କ ଅନୁପସ୍ଥିତିରେ ଟି୨୦ ଓ ଟେଷ୍ଟ ଫର୍ମାଟରେ ଭାରତୀୟ ଦଳର ପ୍ରଦର୍ଶନରେ କୌଣସି ଫରକ ଆସି ନାହିଁ। କିନ୍ତୁ ଦିନିକିଆ ଫର୍ମାଟରେ ଉଭୟ କୋହଲି ଓ ରୋହିତ ଅନ୍ୟତମ ସର୍ବକାଳୀନ ମହାନ ବ୍ୟାଟର। ଏହି ଫର୍ମାଟରେ ଦୁହିଁଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ ହେବ ନାହିଁ। ଏହି ସିରିଜ୍ ଲାଗି ରୋହିତ ଖୁବ ପରିଶ୍ରମ କରି ନିଜ ଓଜନ କମାଇଛନ୍ତି। ସେହିଭଳି କୋହଲି ଲଣ୍ଡନରେ ଜଣେ ବ୍ୟକ୍ତିଗତ ଟ୍ରେନର ସହ ଟ୍ରେନିଂ କରିଥିଲେ। କିନ୍ତୁ ଦୁଇ ବ୍ୟାଟର ଆଇପିଏଲ୍ ପରଠାରୁ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଉଭୟ ଖେଳାଳିଙ୍କୁ ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ସିନିୟର ଭାବେ ନୂଆ ଭୂମିକା ତୁଲାଇବାକୁ ପଡ଼ିବ। 'ରୋ-କୋ' ଭାବେ ପରିଚିତ ଦୁଇ ବ୍ୟାଟରଙ୍କୁ ଏହି ସିରିଜ୍‌ରେ ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ୍ଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ଗିଲ୍ଙ୍କ ନେତୃତ୍ୱରେ ରୋହିତ ଓ କୋହଲି ଖେଳିବାକୁ ଯାଉଛନ୍ତି। ଗତ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଜଣେ ବ୍ୟାଟର ଭାବେ କୋହଲିଙ୍କ ସ୍ଥାନ ନେବାକୁ ସେ ଦକ୍ଷ ବୋଲି ଗିଲ ପ୍ରମାଣ କରିଥିଲେ। କିନ୍ତୁ ଏବେ ତାଙ୍କୁ ସୀମିତ ଓଭର ଫର୍ମାଟରେ ଅଧିନାୟକ ଭାବେ ରୋହିତଙ୍କ ଦ୍ୱାରା ଧାର୍ଯ୍ୟ ସ୍ତରକୁ ମ୍ୟାଚ୍ କରିବାକୁ ପଡ଼ିବ। ରୋହିତ ଅଧିନାୟକ ଭାବେ ୭୫% ଦିନିକିଆ ମ୍ୟାଚ୍ ଜିତିଥିଲେ, ଯାହାକି ଦେଶର ଦିନିକିଆ ଇତିହାସରେ ସର୍ବାଧିକ।

### ଟିମ୍ କମ୍ବିନେଶନ

ଅଧିନାୟକ ଗିଲ, ରୋହିତଙ୍କ ସହ ଓପନିଂ କରିବେ। ଏହି ଯୋଡ଼ି ଖୁବ ସଫଳ ଥିବାରୁ ଏଥିରେ କୌଣସି ପରିବର୍ତ୍ତନ କରାଯିବାର ଆବଶ୍ୟକତା ନାହିଁ। କିନ୍ତୁ ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କ ରୂପେ ବ୍ୟାକ୍ ଅପ୍ ବିକଳ୍ପ ରହିଛି। ନଂ-୩ରେ କୋହଲିଙ୍କ ପରେ ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ବ୍ୟାଟିଂ କରିବେ। ରାହୁଲ ଉଇକେଟକିପର ଦାୟିତ୍ୱ ତୁଲାଇବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ କୁମାର ରେଡ୍ଡୀ ଦିନିକିଆରେ ପଦାର୍ପଣ କରିବାର ବିଶେଷ ସମ୍ଭାବନା ରହିଛି। ପେସ ବିଭାଗରେ ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଭଳି ବୋଲର ରହିଛନ୍ତି। ସେହିଭଳି ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ ବିଭାଗ ସମ୍ଭାଳିବେ।

**ଭାରତୀୟ ଦଳ:** ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ (ଉଇକେଟକିପର), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ (ଉଇକେଟକିପର), ହର୍ଷିତ ରାଣା।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ମାର୍ନସ ଲାବୁସେନ, ମିଚେଲ ଓୱେନ, ମିଚେଲ ଷ୍ଟାର୍କ, ଜାଭିଅର ବାର୍ଟଲେଟ, କୁପର କନୋଲି, ବେନ ଦ୍ୱାରଶୁଇସ, ନାଥନ ଏଲିସ, ଜୋଶ ହାଜେଲଉଡ୍, ଜୋଶ ଫିଲିପ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମାଥ୍ୟୁ କୁହ୍ନେମାନ।


ଟ୍ରଫି ସହ ଦୁଇ ଦଳର ଅଧିନାୟକ।

## ସେମିରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା

କଲମ୍ବୋ, ୧୮।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଶନିବାର ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ଉଭୟ ଦଳକୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ପଏଣ୍ଟ ଭାଗ ହେବାରୁ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍‌ରୁ ୪ ପଏଣ୍ଟ ସହ ପଞ୍ଚମ ଓ ପାକିସ୍ତାନ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୨ ପଏଣ୍ଟ ସହ ଅନ୍ତିମ ତଥା ଅଷ୍ଟମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ପଏଣ୍ଟ ଟେବୁଲ ଶୀର୍ଷରେ ଥିବା ଅଷ୍ଟ୍ରେଲିଆ ଓ ଦ୍ୱିତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇ ୨୫ ଓଭରରେ ୫ ଉଇକେଟ ହରାଇ ୯୨ ରନ କରିଥିଲା। ଏହାପରେ ଲଗାଣ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇପାରିନଥିଲା। ପାକିସ୍ତାନ ପାଇଁ ଆଲିୟା ରିଆଜ ଅପରାଜିତ ୨୮ ଓ ମୁନିବା ଅଲୀ ୨୨ ରନ କରିଥିଲେ। ନ୍ୟୁଜିଲାଣ୍ଡ ଲାଗି ଲି ତାହୁହୁ ଦୁଇ ଉଇକେଟ ନେଇଥିବା ବେଳେ ଜେସ କେର, ଆମେଲିକା କେର ଓ ଏଡେନ କାରସନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।




## ଜୋହର କପ୍ ହକି
# ଭାରତ ରନରଅପ୍

ଜୋହର ବାହରୁ (ମାଲେସିଆ), ୧୮।୧୦ (ପି.ଟି.)

ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ୨୧ ବର୍ଷରୁ କମ୍ ହକି ଟୁର୍ନାମେଣ୍ଟରେ ରନରଅପ୍ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଇଆନ ଗ୍ରେବେଲାରଙ୍କ ଡବଲ ଗୋଲ୍ ବଳରେ ଅଷ୍ଟ୍ରେଲିଆ ୨-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପାଇଁ ଗ୍ରେବେଲାର ଦୁଇଟି ଗୋଲ୍ କରିଥିବା ବେଳେ ଭାରତ ପକ୍ଷରୁ ଅନମୋଲ ଏକ୍କା ଏକମାତ୍ର ଗୋଲ୍ କରିଥିଲେ। ୨୦୨୨ରେ ଭାରତ ବିପକ୍ଷ ପରାଜୟ ସମେତ କ୍ରମାଗତ ୩ଟି ଫାଇନାଲରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆ ଶେଷରେ ବିଜୟୀ ହୋଇପାରିଛି। ଏହାଦ୍ୱାରା ସେମାନେ ଆହୁରି ମଧ୍ୟ ଭାରତ ବିପକ୍ଷରେ ୩ବର୍ଷ ତଳର ପରାଜୟର ପ୍ରତିଶୋଧ ନେଇପାରିଛନ୍ତି। ଅଷ୍ଟ୍ରେଲିଆର ଓଭରଅଲ ଏହା ତୃତୀୟ ସୁଲ୍‌ତାନ ଅଫ୍ ଜୋହର କପ୍ ଟାଇଟଲ।

## ତୀରନ୍ଦାଜୀ ବିଶ୍ୱକପ୍
# ବ୍ରୋଞ୍ଜ୍ ଜିତି ଇତିହାସ ରଚିଲେ ଜ୍ୟୋତି

ନାନ୍‌ଜିଂ (ଚାଇନା), ୧୮।୧୦ (ପି.ଟି.)

ଜ୍ୟୋତି ସୁରେଖା ଭେନମ ପ୍ରଥମ ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜ ଭାବେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ତ୍ରୁଟିହୀନ ପ୍ରଦର୍ଶନ ସହ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବର୍ତ୍ତମାନର ଏସିଆନ ଗେମ୍ସ ଚାମ୍ପିୟନ ବିଶ୍ୱର ୨ ନମ୍ବର ଗ୍ରେଟ୍‌ବ୍ରିଟେନର ଇଲା ଗିବସନଙ୍କ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୫ ପର୍‌ଫେକ୍ଟ ଆରୋଜ ସହ ୧୫୦-୧୪୫ ବ୍ୟବଧାନରେ ବିଜୟ ଲାଭ କରି ଟୁର୍ନାମେଣ୍ଟରେ ତାଙ୍କର ପ୍ରଥମ ପୋଡିୟମ ଫିନିଶ କରିପାରିଛନ୍ତି। ୱାର୍ଲ୍ଡକପ୍ ସିଜନ ଫିନାଲେରେ ୨୯ ବର୍ଷୀୟା ଭାରତୀୟ କ୍ୱାର୍ଟରଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାର ଆଲେକ୍ସିସ ରୁଇଜ୍‌ଙ୍କୁ ପରାସ୍ତ କରିଥିବା ବେଳେ ସେମିଫାଇନାଲରେ ବିଶ୍ୱର ନମ୍ବର-୧ ମେକ୍ସିକୋର ଆନ୍ଦ୍ରିଆ ବେସେରାଙ୍କଠାରୁ ୧୪୩-୧୪୫ରେ ପରାସ୍ତ ହୋଇଥିଲେ।

# ଭାରତ ପାଇଁ ଟିମ୍ କମ୍ବିନେଶନ ଚିନ୍ତାର କାରଣ

ଇନ୍ଦୋର, ୧୮।୧୦

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ରବିବାର ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ। ଲଗାତର ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ଭାରତୀୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନ ହେଲେ ଭାରତକୁ ପ୍ରତ୍ୟେକ ପରବର୍ତ୍ତୀ ମ୍ୟାଚ୍‌ରେ କର-ବା-ମର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ଭାରତକୁ ସେମିଫାଇନାଲ ଦୌଡ଼ରେ ରହିବା ପାଇଁ ବଳକା ୩ରୁ ୨ ମ୍ୟାଚ୍ ଜିତିବାର ଆବଶ୍ୟକତା ରହିଛି। ଏଣୁ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ପ୍ରଦର୍ଶନ ଓ ଷ୍ଟ୍ରାଟେଜିରେ ସୁଧାର ଆଣିବା ଲକ୍ଷ୍ୟରେ ରହିବ।

ଭାରତ ଗତ ଦୁଇ ମ୍ୟାଚ୍‌ରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ବିଶାଖାପାଟଣାରେ ଖେଳାଯାଇଥିବା ଉଭୟ ମ୍ୟାଚ୍‌ରେ ଭାରତୀୟ ଦଳର ଟିମ୍ କମ୍ବିନେଶନ ଚିନ୍ତାର କାରଣ ପାଲଟିଥିଲା। ଏପର୍ଯ୍ୟନ୍ତ ଭାରତ ୫ ବ୍ୟାଟର, ଜଣେ ଉଇକେଟକିପର ଓ ୫ ବୋଲର ଖେଳାଉଥିଲା, ଯେଉଁମାନଙ୍କ ମଧ୍ୟରେ ୩ ଅଲରାଉଣ୍ଡର ରହିଥିଲେ। କିନ୍ତୁ ଏହି ଷ୍ଟ୍ରାଟେଜି ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଏହାପରେ ବି ଟିମ୍ ମ୍ୟାନେଜମେଣ୍ଟ ସମାନ ଷ୍ଟ୍ରାଟେଜି ସହ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚ୍‌ରେ ୩୩୦ ରନର ଟାର୍ଗେଟ ଛିଡ଼ା କରିବା ପରେ ବି ଭାରତକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଲମ୍ବା ବ୍ୟାଟିଂ ଲାଇନ ଅପ୍ କାରଣରୁ ରେଣୁକା ସିଂ ଠାକୁରଙ୍କ ଭଳି ଉଇକେଟ ଟେକିଂ ପେସରଙ୍କୁ ଦଳରେ ସ୍ଥାନ ମିଳୁନାହିଁ। ତାଙ୍କ ଅନୁପସ୍ଥିତିରେ ଅନଭିଜ୍ଞ ଓ ଯୁବ ପେସର କ୍ରାନ୍ତି ଗୌଡ଼ଙ୍କ ଉପରେ ଚାପ ବଢ଼ାଉଛି। ଟିମ ମ୍ୟାନେଜମେଣ୍ଟ ପାଖରେ ସ୍ପିନର ରାଧା ଯାଦବ କିମ୍ବା ଅରୁନ୍ଧତୀ ରେଡ୍ଡୀଙ୍କ ମଧ୍ୟରେ ଜଣଙ୍କୁ ଖେଳିବାର ବିକଳ୍ପ ରହିଛି। କିନ୍ତୁ ଟପ୍ ଅର୍ଡର ବ୍ୟାଟରଙ୍କ ଖରାପ ଫର୍ମ କାରଣରୁ ଦଳକୁ ଲମ୍ବା ବ୍ୟାଟିଂ ଲାଇନଅପ୍ ସହ ଓହ୍ଲାଇବାକୁ ପଡୁଛି। ଅଷ୍ଟ୍ରେଲିଆ ବିପକ୍ଷରେ ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ଅର୍ଦ୍ଧଶତକୀୟ ପାଳି ଖେଳି ଫର୍ମକୁ ଫେରିଥିବା ନେଇ ସୂଚନା ଦେଇଛନ୍ତି। ହେଲେ ଅଧିନାୟିକା ହରମନ ଓ ଜେମିମା ରୋଡ୍ରିଗ୍ସ ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିନାହାନ୍ତି।

ହୋଲକର ଷ୍ଟାଡିୟମର ପିଚ୍ ପାରମ୍ପରିକ ଭାବେ ବ୍ୟାଟରଙ୍କୁ ସୁହାଏ। ଚଳିତ ବିଶ୍ୱକପ୍‌ରେ ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ଉଭୟ ମ୍ୟାଚ୍ ହାଇ ସ୍କୋରିଂ ରହିଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପରେ ଇଂଲଣ୍ଡ ଦ୍ୱିତୀୟ ଦଳ ଭାବେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ହେଲେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ବର୍ଷା କାରଣରୁ ଦଳ ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଥିଲା। ୪ ଥର ଚାମ୍ପିୟନ ଇଂଲଣ୍ଡକୁ ସେମିଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ମାତ୍ର ଗୋଟିଏ ବିଜୟ ଦରକାର।


ପିଚ୍ ପରଖୁଛନ୍ତି ସ୍ମୃତି ମନ୍ଧାନା।

## ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍
# ତନ୍‌ଭୀ ଫାଇନାଲରେ

ଗୁଆହାଟୀ, ୧୮।୧୦ (ପି.ଟି.)

ଭାରତର ଟପ୍ ସିଡ୍ ତନ୍‌ଭୀ ଶର୍ମା ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲରେ ସେ ଚାଇନାର ଲିଉ ସି ୟା'ଙ୍କୁ ୧୫-୧୧,୧୫-୯ରେ ହରାଇ ଦେଇଛନ୍ତି। ଫଳରେ ୧୬ବର୍ଷୀୟା ତନ୍‌ଭୀ ଏହି ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହେବାରେ ପୂର୍ବତନ ବିଶ୍ୱର ନମ୍ବର-୧ ସାଇନା ନେହ୍ୱାଲ ଓ ଅପର୍ଣ୍ଣା ପୋପଟଙ୍କ ପରେ ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ତନ୍‌ଭୀ ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ଥାଇଲାଣ୍ଡର ଅନ୍ୟାପାତ୍ ଫିଚିତ୍‌ପ୍ରିଚାସାକ୍‌ଙ୍କୁ ଭେଟିବେ। ଅନ୍ୟାପାତ୍ ଅନ୍ୟ ସେମିଫାଇନାଲରେ ନିଜ ଦେଶର ୟାତାୱିମନ୍ କେଟ୍‌କ୍ଲିଙ୍ଗ୍‌ଙ୍କୁ ୧୦-୧୫, ୧୫-୧୧, ୧୫-୫ରେ ହରାଇ ଦେଇଛନ୍ତି। ତନ୍‌ଭୀ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରି ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୧୭ ବର୍ଷରେ ପ୍ରଥମ ଥର ଭାରତ ପାଇଁ ପଦକ ପକ୍କା କରିସାରିଥିଲେ।


ତନ୍‌ଭୀ ଶର୍ମା

# ଓଡ଼ିଶାର ଲଜ୍ଜାଜନକ ପରାଜୟ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ଦ୍ୱିତୀୟ ଇନିଂସରେ ଅତ୍ୟନ୍ତ ଖରାପ ବ୍ୟାଟିଂ କରି ଓଡ଼ିଶା ଚଳିତ ରଣଜୀ ଟ୍ରଫି ସିଜନର ପ୍ରଥମ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳର ବ୍ୟାଟରମାନେ ବରୋଦା ବୋଲରଙ୍କୁ ମୁକାବିଲା କରି ପୂରା ଦିନ ବ୍ୟାଟିଂ କରିପାରିଥିଲେ ଅତିକମ୍‌ରେ ମ୍ୟାଚ ଡ୍ର ରହି ପାରିଥାନ୍ତା। ମାତ୍ର ତାହା ହେଲାନାହିଁ। ବରୋଦା ତୃତୀୟ ଦିବସର ଅସମାପ୍ତ ସ୍କୋର ୪୧୩/୭ରେ ଇନିଂସ ଘୋଷଣା କରିଦେଲା। ଓଡ଼ିଶାର ଦ୍ୱିତୀୟ ଇନିଂସରେ କେବଳ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରିଲେ ନାହିଁ। ପ୍ରଥମ ଇନିଂସ ପରି ଦ୍ୱିତୀୟ ଇନିଂସରେ ମଧ୍ୟ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ଓଡ଼ିଶାର ଦ୍ୱିତୀୟ ଇନିଂସ ୫୯.୩ ଓଭରରେ ୧୭୪ ରନ ମଧ୍ୟରେ ସୀମିତ ରହି ଯାଇଥିଲା। ଶୁଭ୍ରାଂଶୁ ୫୯ ରନକରି ଗୋଟିଏ ପଟରେ ଅପରାଜିତ ରହିଥିଲେ ହେଁ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଲା। ବରୋଦାର ଡାହାଣହାତୀ ଅଫ୍ ସ୍ପିନର ମହେଶ ପିଥିୟା ୬ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାର୍ଗବ ଭଟ୍ଟ ୩ଟି ଓ ରସିଖ ସଲାମ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ୩୩ ଥିବାବେଳେ ବରୋଦା ୩ ଉଇକେଟ ହରାଇ ୩୬ ରନ ସଂଗ୍ରହ କରିନେଇଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ଶିବାଲିକ ଶର୍ମା ଦ୍ୱିତୀୟ ଇନିଂସରେ ୩୨ ରନରେ ଅପରାଜିତ ରହି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୨ଟି ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ କାନପୁରଠାରେ ଉତ୍ତର ପ୍ରଦେଶ ବିପକ୍ଷରେ ଚଳିତ ମାସ ୨୫ରୁ ୨୮ ପର୍ଯ୍ୟନ୍ତ ଖେଳିବ।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୨୭୧। ବରୋଦା ପ୍ରଥମ ଇନିଂସ: ୪୧୩/୭ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୭୪/ଅଲ୍‌ଆଉଟ (ଶୁଭ୍ରାଂଶୁ ସେନାପତି-୫୯*, ଗୌରବ ଚୌଧାରୀ-୨୮, ରାଜେଶ ମହାନ୍ତି-୨୫, ମହେଶ ପିଥିୟା-୬/୬୩, ଭାର୍ଗବ ଭଟ୍ଟ-୩/୫୭, ରସିଖ ସଲାମ-୧/୩୧)। ବରୋଦା ଦ୍ୱିତୀୟ ଇନିଂସ: ୩୬/୩ (ଶିବାଲିକ ଶର୍ମା-୩୨*, ବାଦଲ ବିଶ୍ୱାଳ-୨/୨୦, ଗୋବିନ୍ଦ ପୋଦ୍ଦାର-୧/୧୬)।

# 'ଗେମ୍‌ଚେଞ୍ଜର' ଭୂମିକାରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ

## ସରକାରଙ୍କ ସହ ଅନୁଷ୍ଠାନଗୁଡ଼ିକ ତତ୍ପର ହେଲେ କ୍ରୀଡ଼ାର ବିକାଶ ହୋଇପାରିବ


ଅଲିମ୍ପିଆନ ଦୂତୀ ଚାନ୍ଦ ଓ ତପନ ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୧୮।୧୦ (ତପନ ସ୍ୱାଇଁ)

ବିଶିଷ୍ଟ ଶିକ୍ଷାବିତ, ଇଂଲିଶ ପୁସ୍ତକ ରଚୟିତା, ଭଦ୍ରକସ୍ଥିତ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନର ପ୍ରଥମ ସଭାପତି ତଥା ହାଇସ୍କୁଲର ଦିବଂଗତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ୧୬ତମ ପୁଣ୍ୟତିଥି ଅବସରରେ ଭୁବନେଶ୍ୱରର ଏକ ହୋଟେଲରେ 'ଗେମ୍‌ଚେଞ୍ଜର-ଓଡ଼ିଶା ସ୍ପୋର୍ଟ୍ସ ଏଡିସନ ୨୦୨୫' ଆୟୋଜିତ ହୋଇଯାଇଛି। ରମେଶ ସାର୍ ସ୍ମୃତି ସଂସଦ ଓ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି କନ୍‌କ୍ଲେଭକୁ ଆସୋସିଏଶନର ଉପଦେଷ୍ଟା ମନ୍ମଥ ରାଉଳ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି ତଥା ରାଜ୍ୟ ଭାଜପା ପୂର୍ବତନ ସଭାପତି ସମୀର ମହାନ୍ତି, ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗର ଅତିରିକ୍ତ ସଚିବ ଅଶୋକ ପଣ୍ଡା, ଉପସଚିବ ପଦ୍ମଲୋଚନ ସାହୁ, ବିଶିଷ୍ଟ କ୍ରିକେଟ ପ୍ରଶିକ୍ଷକ କିଶୋର ମାଣିଆ, ପୂର୍ବତନ ରାଜ୍ୟ କ୍ରିକେଟ ଖେଳାଳି ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରତିଷ୍ଠିତ ଜର୍ନାଲିଷ୍ଟ ସଂଗ୍ରାମ ଷଡ଼ଙ୍ଗୀ, ମାନସ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଟିଲୋ ଆଥ୍‌ଲେଟିକ ଆସୋସିଏଶନ କିପରି ବ୍ୟକ୍ତିଗତ ପ୍ରଚେଷ୍ଟାରେ ରାଜ୍ୟରେ କ୍ରୀଡ଼ାର ବିକାଶରେ 'ଗେମ୍‌ଚେଞ୍ଜର'ର ଭୂମିକା ନେଇଛି ତା' ଉପରେ ଚର୍ଚ୍ଚା କରିଥିଲେ। ଏଥିସହ ରାଜ୍ୟ ସରକାର ଓ ବିଭିନ୍ନ ଦାୟିତ୍ୱସମ୍ପନ୍ନ କ୍ରୀଡ଼ା ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ କ୍ରୀଡ଼ାର ଏକ ସୁଦୃଢ଼ ଭିତ୍ତିଭୂମି କିପରି ବିକାଶ ହୋଇପାରିବ ତା' ଉପରେ ଆଲୋଚନା ହୋଇଥିଲା।

ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ରମେଶ ସାର୍ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଧରିତ୍ରୀର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସିନିୟର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ାଧିକାରୀ ତଥା ଶିବସୁନ୍ଦର ଦାସଙ୍କ ଭଳି କ୍ରୀଡ଼ାବିତ ବାହାର କରିପାରିଥିବା ସୁନାମଧନ୍ୟ କ୍ରିକେଟ କୋଚ୍ କିଶୋର ମାଣିଆ, ଅବସରପ୍ରାପ୍ତ ଶିକ୍ଷାଧିକାରୀ, ପଣ୍ଡିତ ତଥା ସୁଲେଖକ ଓ ସର୍ବୋପରି ଆକାଶବାଣୀର କବି ଗଣେଶ ପ୍ରସାଦ କରଶର୍ମା, ଓଡ଼ିଶା ସରକାରଙ୍କ କାମ୍ପା ବିଭାଗର ସଦସ୍ୟ ସଞ୍ଜୀବ ପଣ୍ଡା ଓ ଜର୍ନାଲିଷ୍ଟ ମାନସ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଟିଲୋ ସରପଞ୍ଚ ସଂଗ୍ରାମ ଜେନା, ଅସିତ କର, ପରମେଶ୍ୱର ବାରିକ, ଅମରଜିତ ସ୍ୱାଇଁ, ହୃଷୀକେଶ ରାଉତ, ମାଧବାନନ୍ଦ ବେହେରା, ସନାତନ ଲେଙ୍କା ପ୍ରମୁଖ ରମେଶ ସାର୍‌ଙ୍କ ସ୍ମୃତିଚାରଣ କରିଥିଲେ। ଟିଲୋ ଆଥ୍‌ଲେଟିକ ଆସୋସିଏଶନର ସଭାପତି ଲକି ସ୍ୱାଇଁ ଆସୋସିଏଶନର ବିସ୍ତୃତ କାର୍ଯ୍ୟଧାରା ବର୍ଣ୍ଣନା କରିବା ସହ ସରକାର ଯତ୍ନବାନ ହେଲେ କିପରି ତୃଣମୂଳ ସ୍ତରରୁ କ୍ରୀଡ଼ାର ଉନ୍ନତି ହୋଇପାରିବ ସେ ବିଷୟରେ ମତ ରଖିଥିଲେ। ଶେଷରେ ବିଭୁପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂଜ୍ୟପୂଜା ପରମ୍ପରା ତଥା କ୍ରୀଡ଼ାର ବିକାଶ ପାଇଁ ଆସୋସିଏଶନର ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହ ଓଡ଼ିଶା ସରକାର ଓ ରାଜ୍ୟସ୍ତରୀୟ କ୍ରୀଡ଼ା ଆସୋସିଏଶନ କିପରି ସହଯୋଗ କରିପାରିବେ ସେ ବିଷୟରେ ମତ ରଖିଥିଲେ। ପୂର୍ବାହ୍ନରେ ବନ୍ତ ଥାନା ଆଇଆଇସି ମୋନାଲିସା କର ସ୍ୱର୍ଗତ ରମେଶ ସ୍ୱାଇଁଙ୍କ ଭଦ୍ରକସ୍ଥିତ ଟିଲୋଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ରମେଶ ସାର୍ ସ୍ମୃତି ସଂସଦ ଓ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ